

"ଆମେ ଦୁଇ, ଆମର ତିନି" ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17


ପବିତ୍ର ନୂଆଁଖାଇ ଉପଲକ୍ଷେ ସମସ୍ତ ପାଠକ ପାଠିକା ଓ ବିତରକ, ବିଜ୍ଞାପନଦାତାଙ୍କୁ 'ସଂଚାର' ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ




Vol. 33 | ISSUE 158 | ଭାଗ ୩୩ | ସଂଖ୍ୟା ୧୫୮ Friday 29 August 2025 | Page 8 Rs. 5.00 ● ଭୁବନେଶ୍ୱର ଶୁକ୍ରବାର ୨୯ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ରାହୁଲଙ୍କୁ ମୋହନଙ୍କ କଡ଼ା ଜବାବ





### ହୀନ ମାନସିକତାର ପରିଚୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ବିହାରରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଏକ ରାଜନୈତିକ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ସ୍ୱର୍ଗତ ମାତାଙ୍କ ପ୍ରତି ଅଭଦ୍ର ଓ ଅଶିଷ୍ଟ ଟିପ୍ପଣୀ କରାଯିବା ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ରାହୁଲ ଗାନ୍ଧୀଙ୍କୁ କଡା ସମାଲୋଚନା କରିବାକୁ ଯାଇ ସେ କହିଛନ୍ତି ଯେ, ଜାତୀୟ ଦଳର ଜଣେ ନେତାଙ୍କ ଠାରୁ ଏଭଳି ଅଭଦ୍ରଚ୍ୟୁତ ବକ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ଘଟଣା ରାହୁଲ ଗାନ୍ଧୀ ଏବଂ ତାଙ୍କ ସହଯୋଗୀ ଦଳ ମାନଙ୍କ ହୀନ ମାନସିକତାର ପରିଚୟ। ଏଭଳି କଦର୍ଯ୍ୟ ଚିନ୍ତାଧାରା କେବଳ କଂଗ୍ରେସ ଏବଂ ତାଙ୍କ ଦଳର ନେତାମାନଙ୍କ ପାଖରେ ହିଁ ଦେଖିବାକୁ ମିଳେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦେଶକୁ ଜଣେ ଯଶସ୍ୱୀ ନେତା ପ୍ରଦାନ କରିଥିବା ଜଣେ ମହିଳାଙ୍କ ପ୍ରତି ଏଭଳି ଅଭଦ୍ର ଭାଷା ପ୍ରୟୋଗ ଦୀର୍ଘ ୬୦-୭୦ ବର୍ଷ ଧରି କ୍ଷମତା ଏବଂ କ୍ଷମତାର ବଳୟରେ ଥିବା ରାହୁଲ ଗାନ୍ଧୀଙ୍କ କଂଗ୍ରେସ ଓ ତାଙ୍କ ସହଯୋଗୀ ଦଳ ନିଜର ହତାଶା ଓ ହୀନମନ୍ୟତାର ପରିଚୟ ଦେଇଛନ୍ତି ବୋଲି ସେ କହିଛନ୍ତି।

ଦେଶବାସୀ କେବେ ହେଲେ ଏହାକୁ ବରଦାସ୍ତ କରିବେ ନାହିଁ, ଏହାର ଉଚିତ୍ ଜବାବ୍ ଦେବେ ବୋଲି ସେ ଚେତାଇ ଦେଇଛନ୍ତି। ରାଜନୀତିର ସବୁ ବେଳେ ଶାଳିନତାର ଆବଶ୍ୟକତା ରହିଛି। ରାଜନୈତିକ ଦଳମାନେ ବିପକ୍ଷ ଦଳକୁ ସମାଲୋଚନା କରିବା ସମୟରେ ଲକ୍ଷ୍ମଣ ରେଖାର ଉଲଂଘନ କରିବା ଅନୁଚିତ। କିନ୍ତୁ ଗତ ପ୍ରାୟ ୧୧ ବର୍ଷ ଧରି ଦେଶବାସୀ କଂଗ୍ରେସକୁ କ୍ଷମତା ଠାରୁ ଦୂରେଇ ରଖିଥିବାରୁ ପ୍ରତିହଂସାପରାୟଣ ହୋଇପଡିଛନ୍ତି କଂଗ୍ରେସ ନେତାମାନେ। ପରିବାର ପ୍ରତି ➪ପୃଷ୍ଠା-୬

# ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ଉଲ୍ଲାସ



● ପାଳିଲେ ବଲାଙ୍ଗୀର ରାଜପରିବାର
● ଓଡ଼ିଶାବାସୀଙ୍କୁ ଜଣାଇଲେ ଶୁଭେଚ୍ଛା

ସମ୍ବଲପୁର/ବଲାଙ୍ଗୀର,୨୮।୮(ସଂଚାର ବ୍ୟୁରୋ): ରାଜ୍ୟରେ ଗଣପର୍ବ ଭାବେ ପରିଚିତ 'ନୂଆଁଖାଇ' ପଶ୍ଚିମ ଓଡ଼ିଶାରେ ବିଶେଷ ଉତ୍ସାହର ସହ ପାଳିତ ହୋଇଛି। ଆଜି ଏହି ପବିତ୍ର ଅବସରରେ ବଲାଙ୍ଗୀର ସହରରେ ଲୋକଙ୍କ ଭିତରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଛି। ସହରରେ ନୂଆଁଖାଇକୁ ନେଇ ବିଭିନ୍ନ ସ୍ଥାନରେ ସାଂସ୍କୃତିକ ପରିବେଶ ବେଶ୍ ଉତ୍ସାହପୂର୍ଣ୍ଣ ଥିଲା। ପଶ୍ଚିମ ଓଡ଼ିଶାର ପ୍ରମୁଖ ସହର ସମ୍ବଲପୁରରେ ମା' ସମଲେଶ୍ୱରୀଙ୍କ ନିକଟରେ ଲାଗି ହୋଇଛି ନବାନ୍ନ। ନୂଆଁଖାଇ ପାଇଁ ଆଜି ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିରେ ସମଲେଶ୍ୱରୀ ମନ୍ଦିରକୁ ତିନି ପୂଜକଙ୍କ ଘରୁ ପ୍ରଥମେ ଭୋଗ ଆସିଥିଲା। ତା'ପରେ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହ ପୂର୍ବାହ୍ନ ୧୦ଟା ୩୩ରୁ ୧ଟା ୫୫ ମିନିଟ୍ ମଧ୍ୟରେ ନବାନ୍ନ ଲାଗି ହୋଇଥିଲା। ଏହାପରେ ପାର୍ଶ୍ୱ ଦେବାଦେବୀଙ୍କ ନବାନ୍ନ ଲାଗି କରାଯାଇଥିଲା। ଏହି ଅବସରରେ ନୂଆ ଚାଉଳ ସହିତ କ୍ଷୀରି, ପିଠା, ସାରୁଶାଗ ଲାଗି ହୋଇଛି। ମା'ଙ୍କ ନିକଟରେ ପୂଜାର୍ଚ୍ଚନା ପରେ ନିର୍ଦ୍ଧାରିତ ସମୟରେ ନବାନ୍ନ ଲାଗି କରାଯାଇଛି। ଏହାପରେ ମା'ଙ୍କ ସର୍ବସାଧାରଣ ଦର୍ଶନ ପାଇଁ ମନ୍ଦିର ଦ୍ୱାର ଖୋଲାଯାଇଛି। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଇଁ ପୂରା ପଶ୍ଚିମ ଓଡ଼ିଶା ଉତ୍ସବମୁଖର। ଘରେ ଘରେ ପିଠାପଣା ପ୍ରସ୍ତୁତ ହୋଇଥିବା ବେଳେ। ଇଷ୍ଟଦେବୀଙ୍କ ନିକଟରେ ନୂଆଧାନ ଲାଗି ହେବା ପରେ ପରିବାର ଖାଇଛନ୍ତି ନବାନ୍ନ। ପୂରା ପରିବାର ଏକାଠି ହେବା ପରେ ଘର ଉତ୍ସାହରେ ଫାଟି ପଡୁଛି। ସେହିପରି ଚାଷୀମାନେ କ୍ଷେତ ପୂଜା, କୁମ୍ଭାରମାନେ କୁମ୍ଭାରଚକ ପୂଜା କରିଛନ୍ତି। ବିଭିନ୍ନ ବୃତ୍ତିର ଲୋକେ ନିଜ ପେସାଗତ ଉପକରଣ, ଯନ୍ତ୍ରପାତି, ଜୀବଜନ୍ତୁଙ୍କୁ ପୂଜା କରିବା ବିଧି ରହିଛି। ଚାକିରିଆମାନେ ଯିଏ ଯେଉଁଠି ଥାଆନ୍ତି, ସେମାନେ ଏହି ଅବସରରେ ଘରକୁ ଆସିଥାନ୍ତି। ମା'ଙ୍କ ଦର୍ଶନ ପାଇଁ ମଧ୍ୟ ଲୋକଙ୍କ ଭିଡ଼ ଜମିଥାଏ। ଆସନ୍ତାକାଲି ସନ୍ଧ୍ୟାରେ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବେଶ କିଛିଦିନ ଧରି ଏହି ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଚାଲିବ। ➪ପୃଷ୍ଠା-୬

## 'ନୂଆଁଖାଇ'ରେ ମୁଖ୍ୟମନ୍ତ୍ରୀ ଜଣାଇଲେ ଜୁହାର୍



ଭୁବନେଶ୍ୱର: ଓଡ଼ିଶାର ମହାନ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇର ଶୁଭ ଅବସରରେ ସମସ୍ତ ରାଜ୍ୟବାସୀଙ୍କୁ, ବିଶେଷକରି ପଶ୍ଚିମ ଓଡ଼ିଶାବାସୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସେ ବାର୍ତ୍ତାରେ କହିଛନ୍ତି ଯେ ନୂଆଁଖାଇ ହେଉଛି ଆମର ମହାନ ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ। ପରିବାରର ସଦସ୍ୟ ଦେଶବିଦେଶ ଯେଉଁଠାରେ ଥିଲେ ବି ଏହି ଅବସରରେ ନିଜ ଘରକୁ ଫେରି ପରିବାରର ସମସ୍ତଙ୍କ ସହ ମିଳିମିଶି ଏକାଠି ନୂଆଁ ଖାଇଥାନ୍ତି। ମଣିଷ ମଧ୍ୟରେ ସ୍ନେହ, ପ୍ରେମ, ଶ୍ରଦ୍ଧା, ସମ୍ମାନର ଆଦାନ ପ୍ରଦାନ ଓ ଭାଇଚାରାକୁ ନେଇକରି ଆସିଥାଏ ଆମର ଏହି ପର୍ବ ନୂଆଁଖାଇ। ଆମ ପରମ୍ପରାରେ ନୂଆଁଖାଇର ଯେତିକି ମହତ୍ତ୍ୱ, ନୂଆଁଖାଇ ଜୁହାର୍ ଭେଟ୍‌ର ମଧ୍ୟ ସେତିକି ମହତ୍ତ୍ୱ ରହିଛି। ନୂଆଁଖାଇରେ ନୂଆଁ ଖାଇସାରିବା ପରେ ସଭିଙ୍କ ସହ ଭେଟ, ଗୁରୁଜନଙ୍କୁ ଜୁହାର ଭେଟ ଓ ସାନମାନଙ୍କୁ ଆଶୀର୍ବାଦ ଦେବାର ପରମ୍ପରା ସହ ପାରମ୍ପରିକ ନାଚ, ଗୀତ, ପିଠା ପଣା ଆଦିର ଆସର ଏକ ନିଆରା ପରମ୍ପରା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲାଗି ସମସ୍ତେ ନିଜ ନିଜର ଦାୟିତ୍ୱ ଗ୍ରହଣ କରି ନିଜର କର୍ତ୍ତବ୍ୟ ପାଳନ କରନ୍ତୁ। ଆଜିର ଏ ହି ➪ପୃଷ୍ଠା-୬

# ନବାନ୍ନ ଖାଇଲେ କେନ୍ଦ୍ରମନ୍ତ୍ରୀ



■ ମା' ସମଲେଶ୍ୱରୀଙ୍କ ଦର୍ଶନ ସହ ବିଶିଷ୍ଟ ବ୍ୟକ୍ତିଙ୍କ ସହ 'ନବାନ୍ନ' ଖାଇଲେ
■ ସମସ୍ତଙ୍କ ପାଇଁ ଆଶା ଓ ସମ୍ଭାବନା କାମନା କଲେ

ସମ୍ବଲପୁର,୨୮।୮(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ 'ନୂଆଁଖାଇ' ଅବସରରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ ସମ୍ବଲପୁର ଅଞ୍ଚଳର ଶ୍ୟାମସୁନ୍ଦର ପତିଙ୍କ ବାସଭବନରେ ନବାନ୍ନ ଖାଇ ନୂଆଁଖାଇ ପର୍ବ ପାଳନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ପ୍ରଥମେ ମାନେଶ୍ୱର ବ୍ଲକ ସିନ୍ଦୁରପଙ୍କ ଅଞ୍ଚଳ ଗସ୍ତ କରିବା ସହ ଶ୍ରୀ ପତିଙ୍କ ବାସଭବନରେ ସେମାନଙ୍କ ପରିବାର ସଦସ୍ୟଙ୍କ ସହ 'ନବାନ୍ନ' ଖାଇ ନୂଆଁଖାଇ ପାଳନ କରିଥିଲେ। ପରବର୍ତ୍ତୀ ସମୟରେ ସେ ମା'ସମଲେଶ୍ୱରୀଙ୍କ ମନ୍ଦିରରେ ପହଞ୍ଚି ମନ୍ତ୍ରୀ, ବିଧାୟକ, ଓଡ଼ିଶା ବାହାରୁ ଆସିଥିବା ବିଶିଷ୍ଟ ସାମ୍ବାଦିକ ଓ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସହ 'ନବାନ୍ନ ପ୍ରସାଦ' ଗ୍ରହଣ କରିଥିଲେ। ରାଜ୍ୟ ବାହାରୁ ଆସିଥିବା ଅତିଥିମାନଙ୍କ ସହ ସମ୍ବଲପୁରର କଳା, ➪ପୃଷ୍ଠା-୬



## ପଶିଆସିଲେ ୩ ଜେଇଏମ୍ ଆତଙ୍କୀ

● ବିହାରରେ ହାଇଆଲର୍ଟ
● ସ୍କେଚ୍ ଜାରି କଲା ପୁଲିସ୍

ପାଟନା,୨୮।୮: ଜୈଶ-ଏ-ମହମ୍ମଦ (ଜେଇଏମ୍)ର ତିନି ଜଣ ଆତଙ୍କବାଦୀ ବିହାରରେ ପ୍ରବେଶ କରିଛନ୍ତି। ଏ ସମ୍ପର୍କରେ ଗୁରୁବାର ବିହାର ପୋଲିସ ମୁଖ୍ୟାଳୟ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଛି। ଆତଙ୍କବାଦୀଙ୍କ ପ୍ରବେଶ ଖବର ପାଇ ପୁଲିସ ମୁଖ୍ୟାଳୟ ଏବଂ ବରିଷ୍ଠ ଅଧିକାରୀମାନେ ସକ୍ରିୟ ହୋଇଉଠିଛନ୍ତି। ମିଳିଥିବା ସୂଚନାନୁଯାୟୀ, ଏହି ୩ ଜଣ ଆତଙ୍କୀ ନେପାଳ ଦେଇ ବିହାରରେ ପ୍ରବେଶ କରିଛନ୍ତି। ସମସ୍ତେ ପାକିସ୍ତାନୀ। ହସନୈନ ଅଲି ରାୱଲପିଣ୍ଡିର ବାସିନ୍ଦା। ଆଦିଲ ହୁସେନ ଉସମାନ ଉବାହଲପୁରର ବାସିନ୍ଦା। ସେହିପରି ତୃତୀୟ ମହମ୍ମଦ ଉସମାନ ବାହାବଲପୁରର ବାସିନ୍ଦା। କୁହାଯାଇଛି ଯେ ଏହି ତିନି ଜଣ ଜୈଶ-ଏ-ମହମ୍ମଦ ଆତଙ୍କବାଦୀ ସଂଗଠନ ସହିତ ଜଡିତ। ବିହାର ପୁଲିସ ମୁଖ୍ୟାଳୟ ପକ୍ଷରୁ ଏହି ତିନି ଜଣ ଆତଙ୍କବାଦୀଙ୍କ ଫଟୋ ଜାରି କରାଯାଇଛି। ସେମାନଙ୍କ ପାସପୋର୍ଟ ସମ୍ପର୍କିତ ସୂଚନା ସୀମାନ୍ତ ଜିଲ୍ଲାଗୁଡ଼ିକର ଅଧିକାରୀଙ୍କ ସହ ଶେୟାର କରାଯାଇଛି। ବିହାରରେ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ପୁଲିସ ମୁଖ୍ୟାଳୟ ➪ପୃଷ୍ଠା-୬

### ପହଲଗାମ ଆତଙ୍କୀ ହମ୍‌ଲା

## ପାକିସ୍ତାନର ୩ ଆତଙ୍କୀ ହିଁ ସାମିଲ୍ ଥିଲେ

● ସ୍ପଷ୍ଟ କଲା ଏନ୍ଆଇଏ
● ଦେଇଥିଲେ ମାତ୍ର ୩ ହଜାର



ନୂଆଦିଲ୍ଲୀ,୨୮।୮: ପହଲଗାମର ବୈସାରନ ଉପତ୍ୟକାରେ ଗତ ଏପ୍ରିଲ୍ ୨୨ ତାରିଖରେ ହୋଇଥିବା ଆତଙ୍କୀ ହମ୍‌ଲାରେ ୩ ଜଣ ଲସ୍କର-ଏ-ତୋଇବା ଆତଙ୍କବାଦୀଙ୍କ ହାତ ଥିଲା। ଏହି ହମ୍‌ଲାରେ ୨୬ ଜଣ ନିରୀହ ପର୍ଯ୍ୟଟକ ପ୍ରାଣ ହରାଇଥିବା ବେଳେ ଏହି ଘଟଣାରେ କେବଳ ଉକ୍ତ ୩ ଆତଙ୍କୀଙ୍କ ସମ୍ପୃକ୍ତି ରହିଥିବା ସ୍ପଷ୍ଟ କରିଛି ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ)। ଆଜି ଏନ୍ଆଇଏ ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଛି ଯେ ପହଲଗାମ ଆକ୍ରମଣରେ କେବଳ ୩ ଜଣ ପାକିସ୍ତାନୀ ଆତଙ୍କବାଦୀ ସାମିଲ ଥିଲେ। ଏହି ଆତଙ୍କବାଦୀମାନେ ବୈସାରନ ଉପତ୍ୟକାକୁ ଟାର୍ଗେଟ୍ ଭାବେ ବାଛିଥିଲେ। କାରଣ ଏହା ଏକ ନିର୍ଜନ ସ୍ଥାନ ଥିଲା ଓ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ସର୍ବାଧିକ ଥିଲା। ଏହି ଆକ୍ରମଣ ପଛରେ ପାକିସ୍ତାନର ସିଧାସଳଖ ଭୂମିକା ଏବେ ସାମ୍ନାକୁ ଆସିଛି। ଏହି ଘଟଣାରେ ତଦନ୍ତ ଏବେ ବି ଜାରି ରହିଛି ବୋଲି ଉକ୍ତ ରିପୋର୍ଟରେ ଏନ୍ଆଇଏ ସ୍ପଷ୍ଟ କରିଛି। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ଘଟଣାସ୍ଥଳରୁ ଉଦ୍ଧାର ହୋଇଥିବା କାର୍ଟ୍ରିଜ୍ ମଧ୍ୟ ଏନକାଉଣ୍ଟର ପରେ ଆତଙ୍କବାଦୀଙ୍କଠାରୁ ମିଳିଥିଲା। 'ଅପରେସନ ମହାଦେବ' ପରେ ଏଜେନ୍ସିର ଏହା ପ୍ରଥମ ସରକାରୀ ବିବୃତ୍ତି ଥିବା ବେଳେ ଏଥିରେ ଉକ୍ତ ତିନି ଆତଙ୍କୀଙ୍କ ମୃତ୍ୟୁ ହୋଇଥିବା ନେଇ ସୂଚନା ଦିଆଯାଇଛି।

ଏହି ଘଟଣାରେ ଜୀବିତ ଥିବା ଲୋକଙ୍କ ପ୍ରଥମ ବୟାନ ଅନୁସାରେ ୪ରୁ ୫ ଜଣ ଆକ୍ରମଣକାରୀ ଥିବାର ସଙ୍କେତ ମିଳିଥିଲା। ଜାମ୍ମୁ-କାଶ୍ମୀର ପୁଲିସ ମଧ୍ୟ ସୂଚିତ କରିଥିଲା ଯେ ଜଣେ ସ୍ଥାନୀୟ ଲୋକଙ୍କ ସମେତ ଏକାଧିକ ଲୋକ ଏଥିରେ ସାମିଲ ହୋଇଥାଇପାରନ୍ତି। କିନ୍ତୁ ଏବେ ଏନ୍ଆଇଏ ଏହି ସମସ୍ତ କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ ପକାଇବା ସହ ଘଟଣା ପଛରେ ଥିବା ୩ ଆତଙ୍କୀଙ୍କ ଭୂମିକା ସ୍ପଷ୍ଟ କରିଛି।

ଅଦ୍ୟାବଧି ହୋଇଥିବା ➪ପୃଷ୍ଠା-୬

# ଭୁବନେଶ୍ୱର ମହିଳାଙ୍କ ପାଇଁ ସୁରକ୍ଷିତ ସହର

■ ୭ ଶୀର୍ଷ ସହର ମଧ୍ୟରେ ପାଇଛି ସ୍ଥାନ
■ ୩୧ଟି ସହରକୁ ନେଇ ହୋଇଛି ସର୍ଭେ
■ ୪୦ ପ୍ରତିଶତ ମହିଳା ଅସୁରକ୍ଷିତ ମଣୁଛନ୍ତି



ଭୁବନେଶ୍ୱର,୨୮।୮ (ସଂଚାର ବ୍ୟୁରୋ): ଦେଶର ଅନ୍ୟତମ ସୁରକ୍ଷିତ ସହର ମଧ୍ୟରେ ସ୍ଥାନ ପାଇଛି ଭୁବନେଶ୍ୱର। ଆଜି ଜାତୀୟ ମହିଳା କମିଶନଙ୍କ ପକ୍ଷରୁ ମହିଳା ସୁରକ୍ଷା ସଂକ୍ରାନ୍ତ ନ୍ୟାସନାଲ ଆନୁଆଲ ରିପୋର୍ଟ ଆଣ୍ଡ ଇଣ୍ଡେକ୍ସ (ନାରୀ) ରିପୋର୍ଟ-୨୦୨୫ ପ୍ରକାଶ ପାଇଥିବା ବେଳେ ଏଥିରେ ଦେଶର ଶୀର୍ଷ ୭ ସୁରକ୍ଷିତ ସହର ମଧ୍ୟରେ ଭୁବନେଶ୍ୱର ରହିଛି। ଦେଶର ୩୧ଟି ସହରର ୧୨ ହଜାର ୭୭୦ ମହିଳାଙ୍କୁ ନେଇ ଏହି ସର୍ଭେ ହୋଇଥିବା ବେଳେ ଏଥିରେ ଅନ୍ୟ ୬ଟି ସୁରକ୍ଷିତ ସହର ମଧ୍ୟରେ ମୁମ୍ବାଇ, କୋହିମା, ଭାଇଜାଗ୍, ଆଇଜଲ୍, ଗ୍ୟାଙ୍ଗଟକ୍ ଓ ଇଟାନଗର ଆଦି ମଧ୍ୟ ରହିଛନ୍ତି। ତେବେ ଦେଶର ସହରାଞ୍ଚଳରେ ରହୁଥିବା ୪୦ ପ୍ରତିଶତ ମହିଳା ନିଜକୁ ଅସୁରକ୍ଷିତ ମଣୁଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ଏହି ସହର ମଧ୍ୟରେ ରହିଛି ରାଞ୍ଚି, ଶ୍ରୀନଗର, କୋଲକାତା, ଦିଲ୍ଲୀ, ଫରିଦାବାଦ ଆଦି। ଏହାଛଡ଼ା ମାତ୍ର ୨୨ ପ୍ରତିଶତ ମହିଳା ଅସଦାଚରଣ ଭଳି ମାମଲା ସମ୍ପର୍କରେ ରିପୋର୍ଟ ➪ପୃଷ୍ଠା-୬

# ସଡ଼କ ଦୁର୍ଘଟଣା ରୋକିପାରୁନି ମାଡ୍ରାସ ବୁଦ୍ଧି



● ବର୍ଷକୁ ଖର୍ଚ୍ଚ ୪ କୋଟିରୁ ଅଧିକ
● ସହରଠୁ ଗାଁ ସବୁଠି ଧକ୍କା

ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ରାଜ୍ୟରେ ସଡକ ଦୁର୍ଘଟଣା ରୋକିବା ପାଇଁ ପ୍ରୟୋଗ ହେଉଥିବା ମାଡ୍ରାସ ଆଇଆଇଟି ବୁଦ୍ଧି ବିଶେଷ କାମ ଦେଉ ନାହିଁ। ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଘଟୁଥିବା ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ଏବେ ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହେଉଛି। ସଡକ ଦୁର୍ଘଟଣାକୁ ଶୂନରେ ପହଞ୍ଚାଇବାପାଇଁ ମାଡ୍ରାସ ଆଇଆଇଟି ସହିତ ରାଜ୍ୟ ସରକାର ରାଜିନାମା କରିଥିବା ବେଳେ ଏ ବାବଦରେ ବର୍ଷକୁ ୪କୋଟିରୁ ଅଧିକ ଟଙ୍କା ବ୍ୟୟ କରିବେ। ରାଜ୍ୟରେ ସଡକ ଦୁର୍ଘଟଣା ବୃଦ୍ଧି ପାଇବା ନେଇ ଖୋଦ୍ ସର୍ବୋଚ୍ଚ ନ୍ୟାୟାଳୟ ଉଦବେଗ ପ୍ରକାଶ କରିବାପରେ ରାଜ୍ୟ ସରକାର ଦୁର୍ଘଟଣା ହ୍ରାସ ପାଇଁ ଆଇଆଇଟି ମାଡ୍ରାସ ସହିତ ରାଜିନାମା କରିଛନ୍ତି। ତଦନୁଯାୟୀ ତିନିବର୍ଷ ପାଇଁ ଏହି ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ଓଡିଶାରେ ଦୁର୍ଘଟଣା ହ୍ରାସ ଦିଗରେ କାର୍ଯ୍ୟ ଆରମ୍ଭ କରିଛି। ଏଥିପାଇଁ ରାଜଧାନୀରେ ଦପ୍ତର ଖୋଲିବା ସହିତ ଜଣେ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତ କରିଛି। ଏଥି ସହିତ ଆଉ ଦୁଇ ତିନି ଜଣ ମଧ୍ୟ ନିଯୁକ୍ତ ହୋଇଛନ୍ତି। ଇତି ମଧ୍ୟରେ ରାଜିନାମାକୁ ଆଠମାସ ପୂରିବାକୁ ବସିଥିବାବେଳେ କୋଟି କୋଟି ଟଙ୍କା ବ୍ୟୟରେ ମାଡ୍ରାସ ଆଇଆଇଟି କି ପ୍ରକାର କାର୍ଯ୍ୟ କରୁଛି ସେ ସଂକ୍ରାନ୍ତରେ ରାଜ୍ୟବାସୀ ଜାଣିପାରୁ ନାହାନ୍ତି।

ଏହି ଆଠ ମାସ ମଧ୍ୟରେ ରାଜ୍ୟରେ ପ୍ରତିଦିନ ଦୁର୍ଘଟଣା ହେଉଥିବାର ଖବରମାନ ପ୍ରକାଶ ପାଉଛି। ଗାଁ ଗହଳ ଠାରୁ ଖୋଦ୍ ରାଜଧାନୀ ପର୍ଯ୍ୟନ୍ତ ପ୍ରତିଦିନ ଦୁର୍ଘଟଣା ଓ ମୃତ୍ୟୁ ଘଟୁଛି। ରାଜଧାନୀ ଉପକଣ୍ଠ ଏବେ ଦୁର୍ଘଟଣାର ହଟସ୍ପଟ ପାଲଟିଛି। ନିକଟରେ ରାଜଧାନୀର ଅନତି ଦୂରରେ ଦୁଇଟି ଚାରି ଚକିଆର ପ୍ରତିଯୋଗିତାରୁ ଦୁଇ ଜଣଙ୍କ ଜୀବନ ଯାଇଛି। ସେହିଭଳି ଜଣେ ➪ପୃଷ୍ଠା-୬





ପଶ୍ଚିମ ଓଡିଶା ଦେଇଥିଲା ଭୋଟ
ନେତା କିନ୍ତୁ ଗଲେ ନାହିଁ
ହାରିଗଲା ପରେ ପର କରିଦେଲେ
ଏବେଠୁ ଦେଲେ ଚେତାଇ
ନୁଆଁଖାଇ ମଜା ଏଇ...
ହାରୁ ନେତାଙ୍କର ଆଗପଛ ନାହିଁ
ଜନତା ବୁଝିଲେ ଯାଇ।

■ ଦେବାଶିଷ

# ରାଜା, ଋଷିଙ୍କ ପଛେ ପଛେ ଅଶୋକ

ଭେଳା ବୁଡ଼ିବାରୁ ବରିଷ୍ଠଙ୍କୁ ଦିଶୁଛି ବୁଦ୍ଧି

କ୍ଷମତା ଯିବା ପରେ ଅସଲ ରୂପ ଦେଖାଉଛନ୍ତି



ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ନବୀନ ପଟ୍ଟନାୟକ ସୁସ୍ଥହୋଇ ଡାକ୍ତରଖାନାରୁ ଫେରିବାପରେ ଦଳର ଦୁଇ ବରିଷ୍ଠ ନେତା ବିଧାୟକ ରାଜ ସ୍ୱାଇଁ ଓ ସାଂସଦ ଦେବାଶିଷ ସାମନ୍ତରାୟ ଓରଫ ଋଷି ଦଳୀୟ ନେତୃତ୍ୱ ବିରୁଦ୍ଧରେ ବୟାନବାଜି କରୁଥିବାବେଳେ ଏବେ ସେମାନଙ୍କ ସାଙ୍ଗରେ ଏକପ୍ରକାର ପାଳି ଧରିଛନ୍ତି ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ରପଣ୍ଡା। ଅଶୋକ ମଧ୍ୟ ସମାନ ଢଙ୍ଗରେ ଦଳୀୟ ନେତୃତ୍ୱକୁ ତେରେଛା ବାଣ ମାରିବାକୁ ପଛାଇ ନାହାନ୍ତି।

ଅଶୋକ କହିଛନ୍ତି ଯେ ଦଳ ଭିତରେ ସମସ୍ତେ ଲକ୍ଷ୍ମଣ ରେଖାରେ ରହିବା ଆବଶ୍ୟକ। କେହି ଏହାକୁ ପାର୍ କରିବା ଉଚିତ୍ ନୁହେଁ। ନବୀନ କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହନ୍ତି। ଦଳରେ ୫୧ ଜଣ ବିଧାୟକ ଅଛନ୍ତି। ତେଣୁ ଦଳରେ କେହି ନିଜକୁ ସର୍ବେସର୍ବା ବିଚାରିବା ଉଚିତ୍ ନୁହେଁ। ଅଶୋକଙ୍କର ଏଇ କେଇପଦ କଥା ଦଳ ଭିତରେ କମ୍ପନ ସୃଷ୍ଟି କରିଛି। କାରଣ ରାଜା ଓ ଋଷ ସମାନ ଢଙ୍ଗରେ ବକ୍ତବ୍ୟ ଦେଉଥିଲେ। ଦଳୀୟ କର୍ମୀଙ୍କ କହିବା କଥା ଯେ ଅଶୋକ ପଣ୍ଡା ସିଧାସଳଖ ନହେଲେ ବି ବୁଲେଇ ବଙ୍କେଇ ପାଣ୍ଡିଆନଙ୍କୁ ଲକ୍ଷ୍ୟକରି ଶବ୍ଦ ବାଣ ଛାଡିଛନ୍ତି। ଏବେ ଦଳୀୟ କର୍ମୀଙ୍କୁ ଲକ୍ଷ୍ମଣ ରେଖାର ପାଠ ପଢ଼ାଇବା ଆଳରେ ଦଳୀୟ ନେତୃତ୍ୱକୁ ଚ୍ୟାଲେଞ୍ଜ କରୁଛନ୍ତି। ହେଲେ ଅଶୋକ ଭୁଲି ଯାଉଛନ୍ତି ଯେ ଦଳରେ ରହି ଦିନେ ସିଏ ସବୁ ପ୍ରକାର କ୍ଷମତା ଉପଭୋଗ କରୁଥିଲେ। ବିଧାୟକ ହେବା ପରଠାରୁ ମନ୍ତ୍ରୀ ପଦରେ ରହିଥିଲେ। ସେତେବେଳ ଦଳୀୟ କର୍ମୀଙ୍କୁ ଦିନଟିଏ ଲକ୍ଷ୍ମଣରେଖାର ପାଠ ପଢାଇବାର କେହି ଦେଖି ନାହାନ୍ତି। ସେତେବେଳେ ସିଏ କାହା ଦୟାରୁ କିଭଳି ନିଜର ମନ୍ତ୍ରୀ ପଦକୁ ଦୀର୍ଘଦିନ ବଜାୟ ରଖିଥିଲେ ତାହା ଅନ୍ୟ କେହି ନଜାଣିଲେ ମଧ୍ୟ ଅଶୋକ ଭଲଭାବେ ଜାଣିଛନ୍ତି। ତେଣୁ ଦଳ ଭିତରେ ଯେତେବେଳେ କିଛି ବରିଷ୍ଠ ନେତା କୌଣସି କାରଣରୁ ଦଳୀୟ ନେତୃତ୍ୱ ପ୍ରତି ଆହ୍ୱାନ ସୃଷ୍ଟି କରୁଛନ୍ତି ସେତେବେଳେ ଜଣେ ପୂର୍ବତନମନ୍ତ୍ରୀ ଭାବେ ଅଶୋକ ତାହାର ସମାଧାନ କରିବାକଥା। ହେଲେ ଅଶୋକ ଏବେ ଅସନ୍ତୁଷ୍ଟଙ୍କ ସହିତ ସ୍ୱର ମିଳାଉଥିବା ଲକ୍ଷ୍ୟ କରାଯାଉଛି। ଦଳ ଭିତରେ ରହି ଦଳୀୟ ନେତୃତ୍ୱକୁ ଏମିତି ଖାଲରେ ପକାଇବାଟାକୁ ଦଳୀୟ କର୍ମୀମାନେ ସହଜେରେ ଗ୍ରହଣ କରିପାରୁ ନାହାନ୍ତି। କେବଳ ଅଶୋକ ପଣ୍ଡା କାହିଁକି, ଦେବାଶିଷ ସାମନ୍ତରାୟ ଓ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ କ୍ଷେତ୍ରରେ ବି ସମାନ ଯୁକ୍ତି ➪ପୃଷ୍ଠା-୬



### ଭାଙ୍ଗୁଛି ବିଜେଡି ଗଡ଼, ମୁଚୁକୁନ୍ଦି ମାରୁଛନ୍ତି ଭକ୍ତ

## ବ୍ଲକ୍ ପରେ ବ୍ଲକ୍ ଦଖଲ କରୁଛି ବିଜେପି

ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ବିନା ନିର୍ବାଚନରେ ବିଜେପି ଗୋଟିଏ ପରେ ଗୋଟିଏ ବ୍ଲକ ଦଖଲ କରିଚାଲିଛି। ବିଜେଡି ଛାଡ଼ି ବିଜେପି ମୁହାଁ ହେଉଛନ୍ତି ପଞ୍ଚାୟତ ଓ ବ୍ଲକ୍ ପ୍ରତିନିଧି। ଦଳ ଜିତିଥିବା ବିଧାନସଭା ସିଟରେ ବି ବ୍ଲକ୍ ବଞ୍ଚାଇ ପାରୁନାହାନ୍ତି ବିଜେଡି ବିଧାୟକମାନେ। କେନ୍ଦ୍ରାପଡ଼ାରୁ କଳାହାଣ୍ଡି, ବଡ଼ଚଣାରୁ ବ୍ରହ୍ମପୁର, ସବୁଠି ସମାନ ଟ୍ରେଣ୍ଡ। ଏହି କ୍ରମରେ ଗତ ୨୭ ତାରିଖରେ ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି ଧର୍ମଗଡ଼ ବ୍ଲକ୍ ଅଧ୍ୟକ୍ଷା ବବିତା ପାଟଯୋଶୀ। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସାଙ୍ଗରେ ୨୪ ଜଣ ସମିତି ସଭ୍ୟଙ୍କୁ ଧରି ବିଜେପି ହାତ ଧରିଛନ୍ତି ବବିତା। ତେବେ ସବୁଠୁ ବଡ଼ ➪ପୃଷ୍ଠା-୬

## କମଳାଙ୍କୁ ଭେଟିଲେ ବିଭ୍ରାଂଶୁ ବଢ଼ାଇଲେ ସହାୟତାର ହାତ

**ମାର୍ଶାଘାଇ,୨୮।୮(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ କୁହୁଡି ଗ୍ରାମ ପଞ୍ଚାୟତର କୁହୁଡି ଗ୍ରାମର ଅସହାୟ ବୃଦ୍ଧା କମଳା ମହାରଣା ଙ୍କୁ ଆଜି ତାଙ୍କ ବାସଭବନରେ କଂଗ୍ରେସ ନେତା ବିଭ୍ରାଂଶୁ ଶେଖର ଲେଙ୍କା ଭେଟି ତାଙ୍କର



ସମସ୍ୟା ଶୁଣିବା ସହିତ ବ୍ୟକ୍ତିଗତ ସହାୟତା ଯୋଗାଇ ଦେଇଛନ୍ତି। କମଳାଙ୍କୁ ଏଯାଏଁ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିନାହିଁ ଓ ରାସନ୍ କାର୍ଡ ନଥିବାରୁ ସେ ସମସ୍ୟାରେ ରହିଛନ୍ତି। ଏନେଇ ମଙ୍ଗଳବାର ସଂଚାର ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପ୍ରଶାସନ ତରଫରୁ ଅଧିକାରୀ ମାନେ କମଳାଙ୍କ ଘରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଆଜି ବିଭ୍ରାଂଶୁ କମଳାଙ୍କୁ ଭେଟି ସ୍ଥିତି ଦେଖି ପ୍ରଶାସନ ସହିତ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ବିଭ୍ରାଂଶୁଙ୍କ ସହିତ ପ୍ରଭାସ ଦାସ, ଅଶୋକ ଦାସ, ଅମୂଲ୍ୟ ସ୍ୱାଇଁ, ଧନେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଧାରଣା ପାଇଁ ଆଶାକର୍ମୀଙ୍କ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡା,୨୮।୮(ସଂଚାର ବ୍ୟୁରୋ):** ନିଖିଳ ଓଡିଶା ଆଶାକର୍ମୀ ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ତରଫରୁ ୬ ଦଫା ଦାବି ନେଇ ଧାରନା ଦେବାକୁ ନିଷ୍ପତି ନିଆଯାଇଛି । ଏନେଇ ଏକ ପ୍ରସ୍ତୁତି ବୈଠକ ବରିଷ୍ଠ ଆଇନଜୀବି ରମଣୀ ରଂଜନ ରାଉତ ରାୟଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଶାକର୍ମୀଙ୍କର ମାସିକ ପାରିଶ୍ରମିକ ପ୍ରଥମ ସପ୍ତାହରେ ପ୍ରଦାନ କରାଯିବା, ଆଶାକର୍ମୀଙ୍କ ପ୍ରତି ଖରାପ ବ୍ୟବହାର ବନ୍ଦ କରିବା, ମୃତ୍ୟୁକାଳୀନ ସହାୟତା ପଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବା, ମାସିକ ଦରମା ୨୬ ହଜାର ଟଙ୍କାକୁ ବୃଦ୍ଧି କରିବା ଆଦି ଦାବି ଗୁଡିକ ରହିଛି । ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଶତାଧିକ ଆଶାକର୍ମୀ ଉପସ୍ଥିତ ଥିଲେ ।

### ଜଣେ ମାତ୍ର ଶିକ୍ଷକରେ ଚାଲିଛି ହାଇସ୍କୁଲ
## ଜିଲ୍ଲାପାଳଙ୍କୁ ଭେଟିଲେ ସ୍ଥାନୀୟ ଲୋକେ

**କେନ୍ଦ୍ରାପଡା,୨୮।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ପନ୍ଦରଶିଳା ଉଚ୍ଚ ବିଦ୍ୟାଳୟ ରେ ଶିକ୍ଷକ ଅଭାବକୁ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି । ଏନେଇ ପଂଚାୟତ ର ସମାଜସେବୀ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ସମସ୍ୟାର ସମାଧନ କରିବା ପାଇଁ ନିବେଦନ କରିଛନ୍ତି । ଆଳି ବ୍ଲକ ନରେନ୍ଦ୍ରପୁର ପଂଚାୟତ ର ପନ୍ଦରଶିଳା ଉଚ୍ଚ ବିଦ୍ୟାଳୟ ରେ ସରକାରୀ ଅନୁମୋଦିତ ଶିକ୍ଷକ ୮ ଜଣ ରହିବା ପରିବର୍ତ୍ତେ ଏବେ ଜଣେ ମାତ୍ର ଶିକ୍ଷକ ଅଛନ୍ତି । ଶତାଧିକ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟ ରେ ଅଧକ୍ଷନ କରୁଥିବା ବେଳେ ଶିକ୍ଷକ ଅଭାବ ହେତୁ ଏମାନଙ୍କର ପାଠପଢା ବ୍ୟାଘାତ ହେଉଛି । ତୁରନ୍ତ ଏହି ଉଚ୍ଚ ବିଦ୍ୟାଳୟ ରେ ଶିକ୍ଷକ ନିଯୁକ୍ତି କରିବା ପାଇଁ ସ୍ଥାନୀୟ ପଂଚାୟତ ର ଆଶିଷ ଜେନା, ସୌମ୍ୟଜିତ ଦାସ, ଅଂଶୁମାନ ରାଉତ, ସ୍ୱୟଂ ରାଉତ, ଦିଲିପ ଦାସ, ଗୌତମ ଧଳ ପ୍ରମୁଖ ଦାବି କରିଛନ୍ତି ।

## ପୁଅକୁ ଛାଡ଼ିବା ପାଇଁ ଏସ୍‌ପି ଓ ଜିଲ୍ଲାପାଳଙ୍କ ନିକଟରେ ଦାବି




**କେନ୍ଦ୍ରାପଡ଼ା,୨୮।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ତନ୍ତିଆପାଳ ମେରାଇନ ଥାନା ଅନ୍ତର୍ଗତ ହରିଅଣ୍ଟା ଗ୍ରାମର କମଳା ମଳିକ ଓ ଭିନ୍ନକ୍ଷମ ଉଚ୍ଛବ ମଳିକଙ୍କ ପୁଅ ସଚ୍ଚିକାନ୍ତ ମଳିକଙ୍କୁ ସ୍ଥାନୀୟ ଅଂଚଳର କେତେକ ବ୍ୟକ୍ତି ମାଡମାରି ଆହତ କରିଥିଲେ । ଥାନା ଅଧିକାରୀ ଅଭିଯୁକ୍ତ ମାନଙ୍କୁ ଗିରଫ ନକରି ମାଡ ଖାଇଥିବା ସଚ୍ଚିକାନ୍ତଙ୍କୁ ଗିରଫ କରି ଥାନାକୁ ଆଣିବା ସମୟରେ ସଚ୍ଚିକାନ୍ତ ଥାନାରେ ରକ୍ତବାନ୍ତି କରିବାରୁ ଥାନା ଅଧିକାରୀ ତାଙ୍କୁ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳକୁ ଆଣିଥିଲେ । ସେଠାରେ ତାଙ୍କ ଅବସ୍ଥା ଉଦ୍‌ବେଗ ଜନକ ହେବାରୁ ତାଙ୍କୁ କଟକ ବଡ ମେଡିକାଲ କୁ ନେବା ପରିବର୍ତ୍ତେ ତାଙ୍କ ଘରେ ଛାଡି ଦେଇଥିଲେ । ପରିବାର ଲୋକ ତାଙ୍କର ଚିକିତ୍ସା କରଇ ଘରକୁ ଆସିବା ପରେ ତଙ୍କୁ ପୁନର୍ବାର ଗିରଫ କରି କୋର୍ଟ ଚାଲାଣ କରିଥିବା ପରିବାର ପକ୍ଷରୁ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ୍ କଟାରିଆ ଓ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ଭେଟି ତାଙ୍କ ପୁଅକୁ ଛାଡିବା ସହିତ ମାଡ ମାରିଥିବା ଅଭିଯୁକ୍ତ ମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ।

# ଲୋକଙ୍କ ଯନ୍ତ୍ରଣା ବଢ଼ାଉଛି ରାସ୍ତା



**ମହାକାଳପଡ଼ା,୨୮।୮(ସଂଚାର ବ୍ୟୁରୋ):** ମହାକାଳପଡ଼ା ସୁନିତି ଗ୍ରାମ ପଞ୍ଚାୟତର କଣ୍ଟିଲୋ ଗ୍ରାମ ୯ ନମ୍ବର ୱାର୍ଡର କେନ୍ଦ୍ରାକଣ ଗାଁର ୪୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ସାଧାରଣ ଯାଆଆସ ପାଇଁ ରାସ୍ତା ଖଣ୍ଡିଏ ନାହିଁ। କାଦୁଅ ପଚପଚ ରାସ୍ତାରେ ନିତିଦିନିଆ ଜୀବନ କାଟୁଛନ୍ତି ଲୋକେ। ପିଲାମାନେ ସ୍କୁଲ ଯିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହଉଛନ୍ତି । ବର୍ଷା ଦିନେ ଏହି ମାଟି ରାସ୍ତା ଲୋକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟି ଯାଉଛି। କୌଣସି ଜରୁରୀ କାଳିନ କାମ ପଡିଲେ ଇଏ ରାସ୍ତାରେ ଯିବା ପାଇଁ ବହୁତ ସମସ୍ୟା ସୃଷ୍ଟି ହେଉଛି। ରୋଗୀ ଯିବା ପାଇଁ ଆମ୍ବୁଲାନ୍ସ ଯାଇ ପାରୁନି। ଦତ୍ତପୁର ଗାଁ ଛକରେ ଆମ୍ବୁଲାନ୍ସ ରହୁଛି। ଖଟିଖିଆରେ ରୋଗୀକୁ ବୋହି ନେଲେ ଆମ୍ବୁଲାନ୍ସ ପାଖକୁ ଯିବା ସମ୍ଭବ ହୁଏ। ଏମିତି ପରିସ୍ଥିତିରେ ୪୦ ପରିବାର ନିତିଦିନିଆ ରାସ୍ତାଟିଏ ପାଇଁ ପ୍ରଶାସନକୁ ଗୁହାରି କରିଛନ୍ତି।

## ବିପର୍ଯ୍ୟସ୍ତ ନଳକୂପ ବଦଳାଇବାକୁ ଦାବି



**ମହାକାଳପଡ଼ା,୨୮।୮(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଦେଉଳପଡା ପଞ୍ଚାୟତର ଅମିରାବାଦ (ବାଙ୍କି ଛନ୍ଦା) ଗ୍ରାମର ବେହେରା ସାହି ଶେଷ ମୁଣ୍ଡରେ ଶଶି ଭୂଷଣ ଦାସଙ୍କ ଘର ସାମ୍ନାରେ ଥିବା ନଳକୂପ କଳଙ୍କି ଲାଗି କଣା ହୋଇ ଯାଇଛି। ଯାହା ମଧ୍ୟ ଦେଇ ସାପ, ବେଙ୍ଗ ପଶିବା ଆଶଙ୍କା କରି ଏହାକୁ ତୁରନ୍ତ ମରାମତି କରିବା ପାଇଁ ଇଞ୍ଜିନିୟର ସୁବାଷ ବେହେରା ପ୍ରଶାସନକୁ ଦାବି କରିଛନ୍ତି।

## ଭାରତୀୟ ନୌସେନା ପକ୍ଷରୁ ଉପକୂଳ ସୁରକ୍ଷା ସଚେତନା କାର୍ଯ୍ୟକ୍ରମ

**ରାଜନଗର,୨୮।୮(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସାଗର ତଟବର୍ତ୍ତି ତାଳଚୁଆ ସାମୁଦ୍ରିକ ଥାନା ଏବଂ ଭାରତୀୟ ନୌସେନା ପକ୍ଷରୁ ଉପକୂଳ ମତ୍ସ୍ୟଜୀବୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ତାଳଚୁଆ ସାମୁଦ୍ରିକ ଥାନା ପରିସରରେ ଆୟୋଜିତ ସଚେତନା କାର୍ଯ୍ୟକ୍ରମରେ ଭାରତୀୟ ନୌସେନା ବିଭାଗର ଅଧିକାରୀ ଅଶ୍ୱିନୀ କୁମାର ପ୍ରଧାନ, ଅନୁପ ସିଂ, ମେରାଇନ ଥାନା ଆଇଆଇସି ବିମଳ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଉପକୂଳ ମତ୍ସ୍ୟଜୀବୀମାନେ ସମୁଦ୍ରରେ ମାଛ ମାରିବା ସମୟରେ ଲାଗୁ ହୋଇଥିବା ସମସ୍ତ ଆଇନକୁ ମାନି ଚଳିବାକୁ ପରାମର୍ଶ ଦେଇଥିଲେ। ଉପକୂଳ ଅଂଚଳର ପାରମ୍ପାରିକ ମତ୍ସ୍ୟଜୀବୀମାନେ ଏକକ ରଙ୍ଗ ଡଙ୍ଗା ବ୍ୟବହାର କରିବା, ଛୋଟ ଛୋଟ ମାଛଧରା ବୋଟର ପଞ୍ଜିକରଣ କରିବା, ଦଳବଦ୍ଧ ଭାବରେ ମାଛ ଧରିବା, ପ୍ରଚୁର ମାଛ ବହୁଳ ସ୍ଥାନରେ କମ୍ ସଂଖ୍ୟାରେ ଯିବା ନେଇ ମତ୍ସ୍ୟ ବିଭାଗ ସହିତ ପରାମର୍ଶ ନେବା ଏବଂ ମାଛ ଧରିବା ସମୟରେ ବିଭାଗ ତରଫରୁ ସୀମା ନିର୍ଦ୍ଧାରିତ ସୀମା ଭିତର ରହି ମାଛ ଧରିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସଚେତନା କରାଇଥିଲେ। ଉପକୂଳ ଅଞ୍ଚର ଶତାଧିକ ମତ୍ସ୍ୟଜୀବୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଫୁଲୁଛି ବିରୂପା ନଦୀ
# ୩ ପଞ୍ଚାୟତର ଲୋକେ ଭୟଭୀତ

**ଡେରାବିଶ,୨୮।୮(ସଂଚାର ବ୍ୟୁରୋ):** ଡେରାବିଶ ରେଙ୍ଗାଲି ଡ୍ୟାମରୁ ୩ଟି ଗେଟ ଖୋଲା ଯାଇଥିବାରୁ ବିରୂପା ନଦୀରୁ ବନ୍ୟା ଜଳ ବୃଦ୍ଧି ପାଇବାରେ ଲାଗିଛି। ଏହି ବନ୍ୟାଜଳ ବ୍ରାହ୍ମଣୀର ଉପନଦୀ ବିରୂପା ନଦୀରେ ବଢ଼ି ଚାଲିଥିବାରୁ ଡେରାବିଶ ବ୍ଲକ ଅଧୀନ ବେଣୀପୁର, ମଙ୍ଗଳପୁର ଓ ଛୋଟି ପଞ୍ଚାୟତର ନଦୀ କୂଳିଆ ଅଞ୍ଚଳବାସୀ ମନରେ ଭୟଭୀତ ହୋଇପଡ଼ିଛନ୍ତି। ଦୁଇ ମାସ ମଧ୍ୟରେ ବିରୂପା ନଦୀରେ ପୁନର୍ବାର ବନ୍ୟାଜଳକୁ ନେଇ ନଦୀକୂଳିଆ ଗ୍ରାମବାସୀଙ୍କ ମନରେ ଛନକା ପଡ଼ିଛି । ଗତ ବନ୍ୟା ଜଳରେ କେତେକ ଚାଷୀ ମାନଙ୍କ ପନିପରିବା ଚାଷ ନଷ୍ଟ ହୋଇଥିବା ଦେଖିବାକୁ ମିଳିଥିଲା।

ବନ୍ୟା ସମୟ ଆସିଲେ ୨୦୨୦ ମସିହାରେ ଡେରାବିଶ ବ୍ଲକ ଅନ୍ତର୍ଗତ ବେଣୀପୁର ଠାରେ ବିରୂପା ନଦୀ ଘେରି ବନ୍ଧ ଭାଙ୍ଗିଥିବା ବେଣୀପୁରବାସୀ ଏବେ ପୁଣି



ଭୟଭୀତ ହୋଇପଡିଛନ୍ତି । ଏହି ପଞ୍ଚାୟତର ୫ଟି ୱାର୍ଡର ପ୍ରାୟ୨୦୦ ଘର ପରିବାର ଏବଂ ଯାଜପୁର ଜିଲ୍ଲା ଦେଏକୁଡ଼ି ଗ୍ରାମ ୩ଟି ୱାର୍ଡର ପ୍ରାୟ ୫୦ ଘର ପରିବାର ଲୋକେ ବନ୍ୟା ଜଳରେ ଜଳବନ୍ଦୀ ହୋଇଥିଲେ। ଏହି ଜଳ ବନ୍ଦିରେ କେତେକ କୋଠା ଘରର ଛାତ ଉପରକୁ ପାଣି ଚଢ଼ି ଯାଇଥିଲା ବେଳେ ଲକ୍ଷାଧିକ ଟଙ୍କାର ଜିନିଷପତ୍ର ନଷ୍ଟ ହୋଇଥିବା ଦେଖିବାକୁ ମିଳିଥିଲା। ପ୍ରାୟ ମାସ ଦୁଇମାସ କାଳ ଜଳ ବନ୍ଦି ହୋଇ ରହିଥିଲେ ହଜାର ହଜାର ଲୋକ ଏବେ ବନ୍ୟା ଆଶଙ୍କା ଥିବାରୁ ଲୋକଙ୍କ ମନରେ ଭୟ ରହିଛି କେନ୍ଦ୍ରାପଡ଼ା ପ୍ରଶାସନ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ତଦାରଖ କରିଥିବା ଦେଖିବାକୁ ମିଳୁଛି।

# ଶିକ୍ଷୟିତ୍ରୀଙ୍କ ନାଁରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅଭିଯୋଗ



**ଡେରାବିଶ,୨୮।୮(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ଓଲଢ଼ି ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ୁଥିବା ପିଲାମାନଙ୍କ ଅଭିଭାବକ ଏବଂ ଗ୍ରାମବାସୀ ସେହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଦେବଯାନୀ ପଣ୍ଡା ସଠିକ ସମୟରେ ସ୍କୁଲକୁ ନଆସି ନିଜ ମନଇଚ୍ଛାରେ ସ୍କୁଲକୁ ଆସିବା, ପିଲାମାନଙ୍କ ପାଇଁ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ମେନୁ ଅନୁଯାଇ ରନ୍ଧା ଖାଦ୍ୟ ନଦେଇ ନିଜ ଇଚ୍ଛା ଅନୁଯାଇ ଦେବା, ସ୍କୁଲର ବିକାଶ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ଫଣ୍ଡରୁ ଆସୁଥିବା ଅର୍ଥକୁ ସଠିକ କାର୍ଯ୍ୟରେ ନ ଲଗାଇବା, ପିଲାଙ୍କ ଉପସ୍ଥାନ ଅଧିକ ପକାଇ ମଧାନଭୋଜନ ଅର୍ଥ ରାଶିକୁ ହଡ଼ପ କରିବା, ସ୍କୁଲରେ ଅଧକ୍ଷ ଏବଂ ଅଭିଭାବକଙ୍କ ମାନଙ୍କୁ ଦୁର୍ବ୍ୟବହାର କରି ନିଜର ମନମାନି ଚଳାଇଛନ୍ତି । ଏହା ସହ ଏପ୍ରିଲ ମାସ ଠାରୁ ଆଜି ପର୍ଯ୍ୟନ୍ତ ପିଲାଙ୍କୁ ସୋମବାର ଦିନ ମଧାହ୍ନ ଭୋଜନରେ ଅଣ୍ଡା ଦିଆନଯାଇ ଗତ ଅଗଷ୍ଟ ୮ତାରିଖ ଶୁକ୍ରବାର ଦିନ ପିଲାମାନଙ୍କ ମଧାହ୍ନ ଭୋଜନରେ ଅଣ୍ଡା ନ ଦେଇ କେବଳ ସୋୟାବିନ ବଢ଼ି ରୋଷେଇ କରି ଦେଉଥିବା ଅଭିଯୋଗ କରିଛନ୍ତି।

ଖାଲି ସେତିକି ନୁହେଁ ମାସିକ ଏସ୍‌ଏମସି ବୈଠକ ବିଷୟରେ ସମସ୍ତ ଅଭିଭାବକଙ୍କୁ ନ ଜଣାଇ ନିଜ ସମ୍ପର୍କୀୟମାନଙ୍କୁ ଡାକି ନକଲି ଦସ୍ତଖତ କରି ବିଦ୍ୟାଳୟର ବୈଠକ କରୁଛନ୍ତି। ଯାହା ଏସଏମସି ଅଧକ୍ଷ ନିଜେ ଅଭିଯୋଗ କରିଛନ୍ତି ଏବଂ ବିଦ୍ୟାଳୟର ପାଚିକା ଓ ସହାୟକଙ୍କୁ ୬୦ବର୍ଷ ପୂରିଯାଇଥିଲେ ମଧ ସେମାନଙ୍କୁ ବାହାର ନ କରି ସେମାନଙ୍କ ମାଧମରେ ମଧାହ୍ନ ଭୋଜନରେ ଅନିୟମିତତା କରାଯାଇଅଛି । ସ୍କୁଲ ଏବଂ ପିଲାମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଗ୍ରାମବାସୀମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି କି ଏହାର ତଦନ୍ତ କରାଯାଇ ବିଦ୍ଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଉକ୍ତ ଶିକ୍ଷୟିତ୍ରୀଙ୍କୁ ଯଥା ଶୀଘ୍ର ଏହି ବିଦ୍ୟାଳୟରୁ ସ୍ଥାନାନ୍ତରିତ କରିବା ଲାଗି ଦାବି କରିଛନ୍ତି।

# ଭାବଗ୍ରାହୀ କଳା ନିକେତନରେ ନୂଆଁଖାଇ ମହୋତ୍ସବ

### ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତର ତାଳେତାଳେ ଦର୍ଶକମାନେ ବିମୋହିତ

**କେନ୍ଦ୍ରାପଡା,୨୮।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବାରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନ ଆନୁକୁଲ୍ୟରେ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ଜିଲ୍ଲା ସ୍ତରୀୟ ନୂଆଖାଇ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।




କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ ମୁଖ୍ୟ ଅତିଥି, ଫୋରଡ ସ୍ଥିତବାୟା ଆଶ୍ରମର ମହନ୍ତ ହୃଷୀକେଶ ଦାଶ ମହାରାଜ ମୁଖ୍ୟ ବକ୍ତା, ଶିକ୍ଷାବିତ୍ ନୃସିଂହ ଚରଣ ତ୍ରିପାଠୀ, ପ୍ରାଧାପକ ପ୍ରଶାନ୍ତ କୁମାର ସାମଲ,କବି ଅମର ପ୍ରସାଦ ରାଉତ, କବି ଅଶୋକ ସାହୁ, ପ୍ରଧାନ ଶିକ୍ଷକ ଅଜୟ କୁମାର ସ୍ୱାଇଁ, ଗ୍ରାମ୍ୟ ଉନ୍ନୟନ ସାଂସ୍କୃତିକ ଯୁବ ସଙ୍ଗଠନର ସମ୍ପାଦକ ଚିରଞ୍ଜନ ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ନୂଆଁଖାଇ ପର୍ବର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ ନିରୁପମା ଜେନା, ଅର୍ଚ୍ଚନା ପରିଡା ସ୍ୱାଗତ ସଙ୍ଗୀତ ଗାଇଥିଲେ । ବିଶିଷ୍ଟ ନୃତ୍ୟ ଗୁରୁ ଭାନୁପ୍ରିୟା ଖଟୁଆଙ୍କ ନିର୍ଦ୍ଦେଶନାରେ ଲୋପିତା ପଲାଇ, ସ୍ନେହା ବେଜ୍, ସାଇ ସୁନୀତା ନାୟକ, ଅନସୂୟା ବାରିକ ପ୍ରମୁଖ ଚାକର୍ଷକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ପ୍ରଣତି ମଲିକ, ସୁନୀତା ମଲିକ ଡାଲଖାଇ ନୃତ୍ୟ ପ୍ରସ୍ତୁତ କରିଥିଲେ। ନିରୁପମା ଜେନା ବଳଦେବଜୀଉଙ୍କ ଭଜନ ଓ ସମ୍ବଲପୁରୀ ଭଜନ ଗାଇଥିଲେ । ଗୀତିକାର ତଥା କଣ୍ଠଶିଳ୍ପୀ ବିମଳ ପରିଡା ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ନୂଆଁଖାଇ ଭେଟଘାଟ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଜୁହାର କରିଥିଲେ । ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା,ଗୌରବି ଦାସ, ସତୀର୍ଥର କୋଷାଧକ୍ଷ ଭାଗବତ ଷଡ଼ଙ୍ଗୀ, ନାଟ୍ୟକାର ଭୀମସେନ ପ୍ରଧାନ ନୂଆଁଖାଇର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।

ଆରମ୍ଭରେ ଲୋକକବି ଭାବଗ୍ରାହୀ ପରିଡା, କବି ପତ୍ନୀ ସରୋଜିନୀ ପରିଡା, ଚିର ସବୁଜ ଅକ୍ଷୟ ମହାନ୍ତି, ଭିକାରୀ ବଳଙ୍କ ପ୍ରତିର୍ମୂରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ପରେ ଶ୍ରୀ ସିଦ୍ଧ ବଳଦେବଜୀଉ ଏବଂ ମାଆ ସମଲେଶ୍ୱରୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଶେଷରେ ପ୍ରବଚକ ବିକ୍ରମ କେଶରୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଭିନ୍ନ ମଣ୍ଡପରେ ପୂଜା ପାଇଲେ ଅଗ୍ରପୂଜ୍ୟ ଶ୍ରୀ ଗଣେଶ



**କେନ୍ଦ୍ରାପଡା,୨୮।୮(ସଂଚାର ବ୍ୟୁରୋ):** ବିଘ୍ନ ବିନାଶକ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ବାର୍ଷିକ ପୂଜା ଅବସରରେ କେନ୍ଦ୍ରାପଡାର ବିଭିନ୍ନ ମଣ୍ଡପରେ ଗଣପତିଙ୍କୁ ଆବାହନ କରାଯାଇଛି । ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟ ଠାରୁ ଆରମ୍ଭ କରି ସ୍ୱତନ୍ତ୍ର ପୂଜା ମଣ୍ଡପ, କ୍ଲବ ଓ ଯୁବକ ସଂଘ ପକ୍ଷରୁ ପୂଜାର ଆୟୋଜ ଆଡମ୍ବର ସହକାରେ କରାଯାଇଛି। ସ୍ୱତନ୍ତ୍ର ମଣ୍ଡପ, ସାଜସଜ୍ଜା, ତୋରଣ ଓ ଆଲେକ ସଜ୍ଜା ମଧ୍ୟରେ ଗଣନାଥଙ୍କ ଆବାହନ ସହରର ବିଭିନ୍ନ ସାହି ବସ୍ତିରେ ହୋଇଥିବା ଦେଖିବାକୁ ମିଳିଛି। ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ଥିବା ଗଣେଶ ମୂର୍ତ୍ତିଙ୍କର ସ୍ୱତନ୍ତ୍ର ପୂଜା ବିଧାନ କରାଯିବା ସହ ଇଚ୍ଛାପୁର ପୁରୁଣା ଚନ୍ଦନ ପୋଖରୀ, ସାନ ମଙ୍ଗଳା, ପାଦପଦ୍ମ, କେଶପୁର, ଭଗେଶ୍ୱରପୁର, ମାଧପୁର, ଖଡିଅଙ୍ଗ, ମହିପାଳ, କେନ୍ଦ୍ରାପଡା ବ୍ଲକ ନିକଟରେ ଥିବା ରାମସୀତା କ୍ଲବ, ସୁନେଇଲୋ, ଟାଉନ ବଳରାମପୁର, ସାନ୍ତସାହି ପ୍ରଭୃତି ସ୍ୱତନ୍ତ୍ର ମଣ୍ଡପରେ ପୂଜାର ଆୟେଜନ କରାଯାଇଥିଲା । ଚଳିତ ମାସ ୩୧ ତାରିଖରେ ଗଣେଶ ମୂର୍ତ୍ତିଙ୍କର ବିସର୍ଜନ ସହ ସାମୁହିକ ମେଳଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ସେହିପରି ରାଜନଗର ଓ ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ମଧ ଗଣେଷଙ୍କ ପୂଜାର୍ଚ୍ଚନା କରାଯାଉଛି।

### କେନ୍ଦ୍ରାପଡା ସାମ୍ବାଦିକ ସଂଘ ପକ୍ଷରୁ ଗଣେଶ ପୂଜା

**କେନ୍ଦ୍ରାପଡ଼ା,୨୮।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସାମ୍ବାଦିକ ସଂଘ ପକ୍ଷରୁ ଶ୍ରୀ ଗଣେଶ ପୂଜା ମହା ସମାରୋହରେ ପାଳିତ ହୋଇଯାଇଛି । ସ୍ଥାନୀୟ ରିଡିଂ ରୁମ ପରିସରରେ ସଂଘ ପକ୍ଷରୁ ପୂଜାର ଆୟୋଜନ କରା ଯାଇଥିବା ବେଳେ ଏଥିରେ ବହୁ ସଂଖ୍ୟକ ସାମ୍ବାଦିକ ଯୋଗଦେଇ ପୂଜାରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ପେଶାଲ ବ୍ରାଞ୍ଚ ଅଫିସର ସଂଜୀବ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

### ସାଲେପୁରର ବିଭିନ୍ନ ସ୍ଥାନରେ ପ୍ରଭୁ ଗଜାନନଙ୍କ ପୂଜା ଅନୁଷ୍ଠିତ

**ସାଲେପୁର,୨୮।୮(ସଂଚାର ବ୍ୟୁରୋ):** ସାଲେପୁର ଅଞ୍ଚଳର ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ଓ କ୍ଲବ୍ ମାନଙ୍କରେ ପାର୍ବତୀ ନନ୍ଦନ ପ୍ରଭୁ ଗଜାନନଙ୍କ ଯଥାବିଧି ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଅଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ, ଇଲେଭେନ୍ ଷ୍ଟାର କ୍ଲବ୍ ରୋଧପୁର, ସତ୍ୟନାରାୟଣ କ୍ଲବ୍ ଉତ୍ତରବଟେଶ୍ୱର, ଶାରଳା କ୍ଲବ୍ ରୋଧପୁର, ସାହେଶ୍ୱରୀ କ୍ଲବ୍ ଚନ୍ଦ୍ରାଦେଇପୁର, ମହାବୀର କ୍ଲବ୍ ଲୁଣାହାର, ଚିତ୍ରେଶ୍ୱରୀ କ୍ଲବ୍, ଭାନେଶ୍ୱରୀ କ୍ଲବ୍, ତାରିଣୀ କ୍ଲବ୍ ମାଛୁଆତି, ଅରବିନ୍ଦ ମାର୍ଗ ପୂଜା କମିଟି ସମେତ ବିଭିନ୍ନ ସ୍ଥାନରେ ଗଜାନନଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା।

# ବ୍ୟକ୍ତି ନୁହେଁ ଏକ ଅନୁଷ୍ଠାନ ଥିଲେ ଭଜକୃଷ୍ଣ ରାଉତ



**କେନ୍ଦ୍ରାପଡ଼ା,୨୮।୮(ସଂଚାର ବ୍ୟୁରୋ):** ବିଶିଷ୍ଟ ସମାଜସେବୀ ତଥା ଶିକ୍ଷା, ସଂସ୍କୃତି ଓ କ୍ରୀଡ଼ା ସଂଗଠକ ସ୍ୱର୍ଗତ ଭଜକୃଷ୍ଣ ରାଉତ କେବଳ ଜଣେ ବ୍ୟକ୍ତି ନଥିଲେ ବରଂ ନିଜେ ଏକ ଅନୁଷ୍ଠାନ ଥିଲେ ବୋଲି ସହରର ସାନ୍ତସାହିସ୍ଥିତ ଶ୍ରୀବଳଦେବଜୀଉ କଲ୍ୟାଣ ମଣ୍ଡପରେ ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧୋତ୍ସବରେ ଯୋଗଦେଇ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭଜକୃଷ୍ଣ ରାଉତ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ 'ସ୍ମୃତିରେ ଭଜକୃଷ୍ଣ' ଶୀର୍ଷକ କାର୍ଯ୍ୟକ୍ରମରେ ଅଧାପକ ଅଜୟ ସାମଲ ଅଧକ୍ଷତା କରିଥିବା ବେଳେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ, ପୌରାଧକ୍ଷା ସରିତା ସାହୁ, ପ୍ରାକ୍ତନ ବିଧାୟକ ଚିନ୍ମୟ ବେହୁରା, ଡ. ସିପ୍ରା ମଲ୍ଲିକ, ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ, ସାହିତ୍ୟିକ ଡ଼ ବାସୁଦେବ ଦାସ, ଭୀମସେନ ଭୂୟାଁ, ଯୁବନେତା ରାଜେଶ ପଣ୍ଡା, ଧିରେନ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଜନପ୍ରତିନିଧିମାନେ ସ୍ୱର୍ଗତ ରାଉତଙ୍କ ବହୁମୁଖି ପ୍ରତିଭା ଉପରେ ଆଲୋକପାତ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଦଳମତ ନିର୍ବିଶେଷରେ ତାଙ୍କର ବ୍ୟକ୍ତିତ୍ୱ ସମାଜ ପାଇଁ ଆଦର୍ଶ ହୋଇଥିବାରୁ ସହରର ଏକ ପ୍ରମୁଖ ସ୍ଥାନରେ ତାଙ୍କର ପ୍ରତିର୍ମୂ ସ୍ଥାପନ ଓ ପୂର୍ଣ୍ଣାଙ୍ଗ ଆତ୍ମଜୀବନୀ ପ୍ରକାଶ କରିବାକୁ ଟ୍ରଷ୍ଟ ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା ।

## ଜୋନସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ରାଜନଗର,୨୮।୮(ସଂଚାର ବ୍ୟୁରୋ):** ରାଜନଗରବ୍ଲକ ଅନ୍ତର୍ଗତ ଡାଙ୍ଗ ମାଳ ସ୍ଥିତ ନାଗା ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୪ ନଂ ଜୋନର ଜୋନ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।ବିଦ୍ୟାଳୟର ଅଧକ୍ଷ ତଥା ଜୋନ ସଭାପତି ମାନସ ରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ୫ଟି ଉଚ୍ଚ ବିଦ୍ୟାଳୟର ପ୍ରାୟ ୪୨ ଜଣ ପ୍ରତିଯୋଗୀ କବାଡି,ବ୍ୟାଡ ମିଣ୍ଟନ, ଭଲିବଲ ଓ ଯୋଗାସନ ପ୍ରଭୃତି ପ୍ରତିଯୋଗିତାରେ ଭାଗ ନେଇ ବ୍ଲକ ସ୍ତରକୁ ମନୋନୀତ ହୋଇଥିଲେ । ଏହି ଜୋନ ସ୍ତରୀୟ କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୀଣାପାଣି ହାଇସ୍କୁଲ ଦିଘିର ପ୍ରଧାନ ଶିକ୍ଷକ କ୍ଷିତିଶ ଚନ୍ଦ୍ର ପାତ୍ର, ମୁଖ୍ୟ ବକ୍ତା ଭାବେ ପଞ୍ଚସଖା ଶିକ୍ଷା ସେତୁର ସଭାପତି ନିରଂଜନ ନାୟକ,ପରିଚାଳନା କମିଟିର ସଭାପତି କାର୍ତ୍ତିକ ବେହେରା, ବରିଷ୍ଠ କ୍ରୀଡ଼ା ଶିକ୍ଷକ ପ୍ରଭାକର ଦାସ ପ୍ରମୁଖ ଯୋଗ ଦେଇ ଗ୍ରାମାଞ୍ଚଳରେ ପିଲାମାନେ ନିଜର ଦକ୍ଷତା ଓ ଅନ୍ତର୍ନିହିତ ଗୁଣବଳୀର ବିକାଶ କରିପାରିଲେ ଶ୍ରେଷ୍ଠ କ୍ରୀଡ଼ାବିତ ହୋଇପାରିବେ ବୋଲି କହିଥିଲେ । ଜୋନ ସଂପାଦକ ବିକାଶ ରଂଜନ ମହନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ଓମ ପ୍ରକାଶ ବାରିକ ଅତିଥି ପରିଚୟ,ଶିକ୍ଷୟତ୍ରୀ ଅନପୂର୍ଣ୍ଣା ଚୁଲି ସଂଯୋଜନା କରିଥିଲେ ।

## ମେଡିକାଲର ମୁଖ୍ୟ ରାସ୍ତା ଉପରେ ମେସିନ ରଖି ରାସ୍ତା ଅବରୋଧ



**କେନ୍ଦ୍ରାପଡା,୨୮।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୁରୁଣା ମୁଖ୍ୟ ଚିକିତ୍ସାଳୟ ମୁଖ୍ୟ ରାସ୍ତା ଉପରେ ମିକ୍ସଚର ମେସିନ ଓ ଚିକେନ ଦୋକାନ, କେବିନ ରଖି ରାସ୍ତାକୁ ଅବରୋଧ କରାଯାଇଛି । ଏହି ରାସ୍ତାରେ ଦୈନିକ ଶହ ଶହ ସଂଖ୍ୟାରେ ରୋଗୀକୁ ନେଇ ଯାତାୟତ କରୁଥିବା ୪ ଚକିଆ ଯାନ, ଆମ୍ବୁଲାନ୍ସ, ଅଗ୍ନିଶମ ଗାଡି ଯାତାୟତ କରୁଥିବା ବେଳେ ମୁଖ୍ୟ ରାସ୍ତାକୁ ଅବରୋଧ କରି ଥିବାରୁ ରୋଗୀଙ୍କ ଗାଡି ଘଣ୍ଟା ଘଣ୍ଟା ଧରି ଛିଡା ହେଉଛି। ଯାହା ଫଳରେ ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାତାୟତ କରୁଥିବା ଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏସବୁକୁ ହଟାଇବା ପାଇଁ ସାଧାରଣରେ ଦାବି ହେଉଛି।



# ରାଜଭବନରେ ନୂଆଁଖାଇ ପାଳିତ

ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ରାଜଭବନରେ କୃଷିଭିତିକ ଗଣପର୍ବ ନୂଆଁଖାଇ ପାଳିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ଣରେ ରାଜଭବନର ଅଭିଷେକ ହଲଠାରେ ଅନୁଷ୍ଠିତ ଏହି ପର୍ବରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏବଂ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କର ପୂଜାର୍ଚ୍ଚନା କରି ନୂଆ ଧାନ ଓ ନବାନ୍ନ ଅର୍ପଣ କରିଥିଲେ ଏବଂ ରାଜ୍ୟବାସୀଙ୍କର ଶୁଭ ମନାସିଥିଲେ। ରାଜ୍ୟପାଳଙ୍କ କମିଶନର- ତଥା- ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁଙ୍କ ସମେତ ରାଜଭବନର ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଇଷ୍ଟଦେବୀଙ୍କର ଆଶୀର୍ବାଦ ପ୍ରାର୍ଥନା କରିଥିଲେ ଏବଂ ନବାନ୍ନ ଭକ୍ଷଣ କରିଥିଲେ। ନୂଆଁଖାଇ ପାଳନ କରି ରାଜ୍ୟପାଳ ଅତ୍ୟନ୍ତ ଆନନ୍ଦିତ ବୋଲି କହିଥିଲେ। ନୂଆଁଖାଇ ଏକ ପର୍ବ ଯାହା ଧରିତ୍ରୀ ମାତା ଓ ଆମର କୃଷକମାନଙ୍କ ପ୍ରତି କୃତଜ୍ଞତା ଜଣାଇବାର ଅବସର। ଏହି ପର୍ବ ପାରିବାରିକ ବନ୍ଧନକୁ ମଜବୁତ କରିବା ସହିତ ଲୋକଙ୍କୁ ଏକାଠି କରିଥାଏ ଏବଂ ସଦଭାବ ପ୍ରତିଷ୍ଠା କରିଥାଏ ବୋଲି ରାଜ୍ୟପାଳ କହିଛନ୍ତି।

# ଆଜିଠୁ ଏସ୍‌ସି/ଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷଙ୍କ ଜାତୀୟ ସମ୍ମିଳନୀ



## ଉଦ୍‌ଘାଟନ କରିବେ ଲୋକସଭା ବାଚସ୍ପତି

ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ଆସନ୍ତାକାଲିଠାରୁ ଏଠାରେ ସଂସଦ ଓ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟି ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆରମ୍ଭ ହେବ। ଓଡ଼ିଶା ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଏହି ସମ୍ମିଳନୀକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନ କରିବେ ବୋଲି ଆଜି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ବିଧାନସଭାରେ ସୂଚନା ଦେଇଛନ୍ତି।

ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଦୀର୍ଘ ବର୍ଷର ବ୍ୟବଧାନ ପରେ ଓଡ଼ିଶାରେ ଏହି ଧରଣର ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ସଂସଦ ଓଡ଼ିଶା ଭଳି ଏକ ଅନୁସୂଚିତ ଜାତି ଓ ଜନଜାତିବହୁଳ ରାଜ୍ୟକୁ ଗୁରୁତ୍ୱ ଦେଉଥିବା ଏଥିରୁ ସ୍ପଷ୍ଟ। ଏଥିପାଇଁ ଲୋକସଭା ବାଚସ୍ପତି, ରାଜ୍ୟସଭା ଉପାଧ୍ୟକ୍ଷ ଓ ତାଙ୍କର ସମସ୍ତ ସହଯୋଗୀଙ୍କୁ ବାଚସ୍ପତି କୃତଜ୍ଞତା ଜଣାଇଥିଲେ। ସେ କହିଥିଲେ ଯେ ଏହି ସମ୍ମିଳନୀ ଅବସରରେ ଆଲୋଚନା ସହ ଅନ୍ୟ ସମସ୍ତ ରାଜ୍ୟକୁ ଓଡ଼ିଶାର ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟଙ୍କ ଚାଲିଚଳଣି, ପୋଷାକ ପରିଧାନ, କାର୍ଯ୍ୟକୁଶଳତା, କାରିଗରୀ ବିଦ୍ୟା, ହସ୍ତଶିଳ୍ପ ସମ୍ପର୍କରେ ଅବଗତ କରାଇବା ପାଇଁ ଏକ ଦୁଇଦିନିଆ ପ୍ରଦର୍ଶନୀ ଆୟୋଜିତ ହେବ। ଏଥିସହ ଅତିଥିଗଣ ଶ୍ରୀଜଗନ୍ନାଥ ଦର୍ଶନ, କୋଣାର୍କ, ଜନଜାତି ସଂଗ୍ରହାଳୟ ଆଦି ବୁଲି ଦେଖିବେ। ସମ୍ମିଳନୀରେ ଭିନ୍ନ ଭିନ୍ନ ରାଜ୍ୟରେ ରହିଥିବା ସଂସଦୀୟ ପରମ୍ପରା, କଲ୍ୟାଣମୂଳକ କାର୍ଯ୍ୟ ସଂପର୍କିତ ଭାବର ଆଦାନପ୍ରଦାନ ହେବ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଥିଲେ।

ଏହି ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଏବଂ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଡକ୍ଟର ଫଗନ ସିଂହ କୁଲସ୍ତେ ମଧ୍ୟ ସମ୍ବୋଧନ କରିବେ। ଉଦଘାଟନୀ ଅଧିବେଶନରେ ଶ୍ରୀମତୀ ପାଢ଼ୀ ସ୍ୱାଗତ ଭାଷଣ ଦେବାକୁ ଥିବା ବେଳେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଧନ୍ୟବାଦ ପ୍ରସ୍ତାବ ଆଗତ କରିବେ। ଉକ୍ତ ସମ୍ମିଳନୀର ବିଷୟବସ୍ତୁ ରହିଛି 'ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ କଲ୍ୟାଣ, ବିକାଶ ଏବଂ ସଶକ୍ତିକରଣରେ ସଂସଦୀୟ ଏବଂ ବିଧାନସଭା କମିଟିର ଭୂମିକା'। ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି, ଲୋକସଭା ବାଚସ୍ପତି, ରାଜ୍ୟସଭା ଉପାଧ୍ୟକ୍ଷ, ଡକ୍ଟର କୁଲସ୍ତେ, ଶ୍ରୀମତୀ ପାଢ଼ୀ, ଓଡ଼ିଶା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମଧ୍ୟ ଉଦ୍‌ବୋଧନ ଦେବେ। ଓଡ଼ିଶା ବିଧାନସଭାର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟି ଅଧ୍ୟକ୍ଷ ଭାସ୍କର ମଢ଼େଇ ଧନ୍ୟବାଦ ପ୍ରସ୍ତାବ ଆଗତ କରିବେ। ସୂଚନାଯୋଗ୍ୟ ଯେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କ ପ୍ରଥମ ସମ୍ମିଳନୀ ୧୯୭୬ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ମଧ୍ୟ ଉପସ୍ଥିତ ଥିଲେ।

# ସାଉଥ କୋରିଆରେ ପ୍ରଶଂସିତ ହେଲେ ଓଡ଼ିଆ ଝିଅ ଅୟେସ୍‌କାନ୍ତା

## କ୍ୟାନସର ନାନୋ ମେଡିସିନ ଉପରେ କରୁଥିଲେ ଗବେଷଣା



ଭଞ୍ଜନଗର,୨୮।୮(ବାବୁଲା ପ୍ରଧାନ): ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦର ଝିଅ ଡକ୍ଟର ଅୟେସ୍‌କାନ୍ତା ମହାନ୍ତି ଦକ୍ଷିଣ କୋରିଆରେ କ୍ୟାନସର ରୋଗ ପାଇଁ ନାନୋ ମେଡିସିନ ଉପରେ ଗବେଷଣା କରୁଥିଲେ। ଇତିମଧ୍ୟରେ ସେ ଡକ୍ଟରେଟ ଡିଗ୍ରୀ ହାସଲ କରିଛନ୍ତି। ଗଞ୍ଜାମର ଗର୍ବିତ ଝିଅ ଅୟେସ୍‌କାନ୍ତା ଦୀର୍ଘବର୍ଷର ଅଧ୍ୟବସାୟ ଏବଂ ନିଷ୍ଠା ପରେ ଏହି ସଫଳତା ପାଇଛନ୍ତି। ବୁଧବାର ଡକ୍ଟର ମହାନ୍ତିଙ୍କୁ ଦକ୍ଷିଣ କୋରିଆର ଗଓ୍ୱାଙ୍ଗଜୁର ଚୋନାମ ନ୍ୟାଶନାଲ ୟୁନିଭର୍ସିଟି ପକ୍ଷରୁ ବାୟୋମେଡିକାଲ ସାଇନ୍ସରେ ଡକ୍ଟର ଅଫ୍ ଫିଲୋସୋଫି (ପିଏଚ୍‌ଡି) ଉପାଧି ପ୍ରଦାନ କରାଯାଇଛି। ଚୋନାମ ନ୍ୟାଶନାଲ ୟୁନିଭର୍ସିଟିର ଉପକୁଳପତି ପ୍ରୋଫେସର୍ ଲି କୁନ-ବେ ତାଙ୍କୁ ଏହି ଅବସରରେ ସମ୍ମାନିତ କରିଥିଲେ। ଜଗନ୍ନାଥପ୍ରସାଦ ଭଳି ଏକ ଛୋଟିଆ ସହରରୁ ଅୟେସ୍‌କାନ୍ତା ସାଉଥ କୋରିଆ ଯାଇ ସେଠାରେ ପାଠ ପଢ଼ି ଆଗକୁ ଯାଇପାରିଛନ୍ତି। ଯାହା ଅଞ୍ଚଳବାସୀଙ୍କ ପାଇଁ ଖୁସିର ଖବର। ଡକ୍ଟର ମହାନ୍ତି ହେଉଛନ୍ତି ଜଗନ୍ନାଥପ୍ରସାଦ କଲେଜର ଅବସରପ୍ରାପ୍ତ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଲୋକନାଥ ମହାନ୍ତି ଏବଂ ମା' ବିଜୟ ଲକ୍ଷ୍ମୀଙ୍କ କନ୍ୟା। ସେ ଜଗନ୍ନାଥପ୍ରସାଦରେ ପ୍ରାଥମିକ ଶିକ୍ଷା ଏବଂ ଯୁକ୍ତ ୨ ଓ ଭୁବନେଶ୍ୱର ଆକାଶ ଇନ୍‌ଷ୍ଟିଚ୍ୟୁଟ୍‌ରେ ମେଡିକାଲ କୋଚିଂ ସାରିବା ପରେ ନୟାଗଡ଼ରେ ଯୁକ୍ତ ୩ ପଢ଼ିଥିଲେ। ଏହାପରେ ସିପେଟ ଭୁବନେଶ୍ୱରରେ ପିଜି କରିବା ପରେ ଦକ୍ଷିଣ କୋରିଆ ଚାଲିଯାଇଥିଲେ ଗବେଷଣା କରିବା ପାଇଁ। ସେଠାରେ ଦୀର୍ଘ ୬ ବର୍ଷ ଗବେଷଣା କରିବା ପରେ ସେ ଏହି ସଫଳତା ପାଇଛନ୍ତି। ତାଙ୍କର ଏହି ସଫଳତାରେ ସାଉଥ କୋରିଆରେ ଅବସ୍ଥିତ ତାଙ୍କ ସ୍ୱାମୀ ତଥା ବରିଷ୍ଠ ବୈଜ୍ଞାନିକ ଡକ୍ଟର ଆଦିତ୍ୟ ନାରାୟଣ ମହାପାତ୍ର ଏବଂ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।




# ଜାତୀୟ କରାଟେ କ୍ୟାମ୍ପ ଉଦ୍‌ଯାପିତ

ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେଅନୁଷ୍ଠିତ ହେଉଥିବା ଜାତୀୟ କରାଟେ କ୍ୟାମ୍ପ ଆଜି ଉଦଯାପିତ ହୋଇଯାଇଛି। କରାଟେ ଇଣ୍ଡିଆ ଅର୍ଗାନାଇଜେସନ ପକ୍ଷରୁ ଓଡିଶା କରାଟେ ସଂଘ ଦ୍ୱାରା ଆୟୋଜିତ ଏହି ଜାତୀୟ କ୍ୟାମ୍ପର ଉଦଯାପନୀ ଉତ୍ସବରେ କରାଟେ ଇଣ୍ଡିଆ ଅର୍ଗାନାଇଜେସନର ସଭାପତି ହାନସି ଭରତ ଶର୍ମା, ଜାତୀୟ କୋଚ ସେନସେଇ ସାଓ୍ୱନ କୁମାର ଓ ସେନସେଇ ସନ୍ଦୀପ ଗାଡେ ଯୋଗଦେଇ କରାଟେକାମାନଙ୍କୁ ଉତ୍ସାହିତ କରିଥିଲେ। ଉତ୍ସବରେ ଓଡ଼ିଶା ରାଜ୍ୟ କରାଟେ ସଂଘ ସଭାପତି ଡ. ହରି ପ୍ରସାଦ ପଟ୍ଟନାୟକ, ରାଜ୍ୟ ସଂଘ ଯୁଗ୍ମ ସମ୍ପାଦକ କାଳି ପ୍ରସାଦ ନନ୍ଦ, ପ୍ରଦୀପ କୁମାର ସରକାର, ପ୍ରଶାନ୍ତ ଧଳ, ସମ୍ପାଦକ ଗୌରୀ ମହାନ୍ତି, ଦୀପକ ସାମନ୍ତରା, ସନ୍ତୋଷ ମହାରଣା ଉପସ୍ଥିତ ଥିଲେ। ପ୍ରତ୍ୟେକ ଆନ୍ତର୍ଜାତୀୟ ଖେଳାଳି, ପ୍ରଣୟ ଶର୍ମା, ଆଲିଶା ଓ ଆଲିଶାସ୍ୱେତୁବୁଦ୍ଧିଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ କ୍ୟାମ୍ପରେ ଟ୍ରେନିଂ ଦେଇଥିବା ଦୁଇ ଥରର କରାଟେ ବିଶ୍ୱ ଚମ୍ପିୟାନ ଅମିର ମେହେଦୀଜାଦେଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରଯାଇଥିଲା।



ଗୁରୁବାର ପିନାକ ମିଶ୍ର ପୂର୍ବାଞ୍ଚଳ ଡିଆଇଜି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ଭୁଲ୍ ଇଞ୍ଜେକସନ୍ ଯୋଗୁଁ ଶିଶୁର ଗୋଡ଼ ଅଚଳ

ପଟ୍ଟାମୁଣ୍ଡାଇ,୨୮।୮(ସଂଚାର ବ୍ୟୁରୋ): ଭୁଲ୍ ଇଞ୍ଜେକସନ୍ ଯୋଗୁଁ ବାମ ଗୋଡ଼ ଅଚଳ ଅଭିଯୋଗ ହୋଇଛି। ୪ ବର୍ଷ ଶିଶୁପୁତ୍ରର ବାମ ଗୋଡ଼ ଅଚଳ ଅଭିଯୋଗରେ ଉତ୍ତେଜନା ଦେଖାଯାଇଛି। ଏପରି ଏକ ଘଟଣା ଘଟିଛି ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ମେଡିକାଲରେ। ଏହା ପ୍ରତିବାଦରେ ହସ୍ପିଟାଲ ଆଗରେ ପରିବାର ଓ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୂଚନାନୁସାରେ, ପଟ୍ଟାମୁଣ୍ଡାଇ ମାଟିଆ ଗାଁର ଆନନ୍ଦ ମଲିକ ତାଙ୍କ ୪ ବର୍ଷର ପୁଅକୁ ଗତ ୨୩ ତାରିଖରେ ଥଣ୍ଡା ଜର ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ଔଷଧ ଓ ଇଞ୍ଜେକ୍ସନ ଦେଇଥିଲେ। କିନ୍ତୁ ଏହାପରେ ହଠାତ ଶିଶୁଟି ଅସୁସ୍ଥ ହୋଇପଡ଼ିଥିଲା। ପରେ ତାଙ୍କ ଦୁଇଟି ଗୋଡ଼ ଆଉ ତଳେ ଲାଗିନଥିଲା। ଡାକ୍ତରଙ୍କ ଭୁଲ ଔଷଧ ଓ ଇଞ୍ଜେକ୍ସନ ଯୋଗୁଁ ତାଙ୍କ ପୁଅଙ୍କର ଏଭଳି ଅବସ୍ଥା ହୋଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ପରିବାର ଲୋକେ ମେଡିକାଲଠାରୁ ଥାନା ଓ ଜିଲ୍ଲାସ୍ତରୀୟ ମେଡିକାଲରେ ନ୍ୟାୟ ପାଇଁ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେମାନଙ୍କ ଅଭିଯୋଗ କେହି ଶୁଣିନଥିଲେ। ଆଜି ପରିବାର ଲୋକଙ୍କ ସହ ଗାଁର ଶତାଧିକ ଲୋକ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ମେଡିକାଲରେ ଧାରଣାରେ ବସିଛନ୍ତି।

## ରାୟପୁରରେ ମହାନଦୀ ଗୋଲ ଟେବୁଲ ଅନୁଷ୍ଠିତ

# ଜାନୁଆରୀରେ ମହାନଦୀ ମହୋତ୍ସବ

- ଆସନ୍ତା ମାସରେ ଚେତନା ଯାତ୍ରା
- ଅଣମୌସୁମୀରେ ପାଣି ଛାଡ଼ିବାକୁ ଦାବି ଉପସ୍ଥାପିତ



ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ଆଜି ଛତିଶଗଡ଼ ରାଜଧାନୀ ରାୟପୁରସ୍ଥିତ ଲୋକାୟନ ସଭାଗୃହରେ ମହାନଦୀର ସଙ୍କଟ ଓ ଜଳ ବିବାଦକୁ ନେଇ ଗୋଲ ଟେବୁଲ ବୈଠକ ଅନୁଷ୍ଠିତ ହୋଇଛି। ମହାନଦୀ ବଞ୍ଚାଅ ଆନ୍ଦୋଳନ, ନଦୀ ଘାଟି ମୋର୍ଚ୍ଚା ଓ ରାଷ୍ଟ୍ରୀୟ ଜଳ ବିରାଦରୀର ମିଳିତ ପ୍ରୟାସରେ ଅନୁଷ୍ଠିତ ବୈଠକରେ ଛତିଶଗଡ଼ ଓ ଓଡ଼ିଶାର ଅନେକ ନଦୀ ଆନ୍ଦୋଳନର ନେତୃତ୍ୱ ଯୋଗଦେଇଥିଲେ। ଜଳ ମାନବ ଡ. ରାଜେନ୍ଦ୍ର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ମହାନଦୀ ଜଳ ବିବାଦର ଆପୋଷ ସମାଧାନ ପାଇଁ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ସହମତିକୁ ବୈଠକରେ ସ୍ୱାଗତ କରାଯାଇଥିଲା। କିନ୍ତୁ ଆପୋଷ ଆଲୋଚନାକୁ ଯିବା ପୂର୍ବରୁ ଅଣମୌସୁମୀ ସମୟରେ ଯେତିକି ପାଣି ଓଡ଼ିଶାର ଆବଶ୍ୟକତା ରହିଛି ତାକୁ ଛାଡ଼ିବାକୁ ସର୍ତ୍ତ ରହିବା ଜରୁରୀ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଦୁଇ ସରକାର ଭିତରେ ଆପୋଷ ସମାଧାନକୁ ସୀମିତ ନ ରଖି ନଦୀ ସହ ସଂଶ୍ଲିଷ୍ଟ ଅଂଶୀଦାରମାନଙ୍କୁ ଏଥିରେ ସାମିଲ କରିବା ପାଇଁ ଦୁଇ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। ମହାନଦୀ ଆଜି ସଙ୍କଟରେ ଏବଂ ଏହି ସଙ୍କଟ ରୁ ମୁକ୍ତି ପାଇଁ ଲୋକଙ୍କୁ ନଦୀ ସହିତ ଯୋଡିବା ଅବଶ୍ୟ ବୋଲି ବିଚାର କରି ଆସନ୍ତା ବର୍ଷ ନୂଆ ବର୍ଷରେ ମହାନଦୀ ମହୋତ୍ସବ ଆୟୋଜନ କରିବାର ନିଷ୍ପତ୍ତି ହୋଇଛି। ଏଥିରେ ଦୁଇ ରାଜ୍ୟର ସଂସ୍କୃତି, ସାହିତ୍ୟ, ଅର୍ଥନୀତି ଓ ସାମାଜିକ ଜୀବନ ସମ୍ପର୍କରେ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ। ଏଥିପାଇଁ ସେପ୍ଟେମ୍ବରରେ ମହାନଦୀ ଚେତନା ଯାତ୍ରା ମଧ୍ୟ ଆୟୋଜିତ ହେବ। ମହାନଦୀ ଜଳ ବିବାଦର ଆପୋଷ ସମାଧାନ ସମ୍ପର୍କରେ ଦିଲ୍ଲୀଠାରେ ମହାନଦୀ ସଂସଦ ଅନୁଷ୍ଠିତ ହେବ ସେପ୍ଟେମ୍ବର ଶେଷ ସପ୍ତାହରେ । ଏଥିରେ ଓଡ଼ିଶା, ଛତିଶଗଡ ସମେତ ଦେଶର ନଦୀ ବିଶେଷଜ୍ଞ ମାନେ ଯୋଗ ଦେବେ । କେନ୍ଦ୍ର ତଥା ଦୁଇ ରାଜ୍ୟ ସରକାରଙ୍କ ପ୍ରତିନିଧି ମାନଙ୍କୁ ମଧ୍ୟ ଏହି ସଂସଦ କୁ ଆମନ୍ତ୍ରଣ କରାଯିବ ।

ବୈଠକ ଆୟୋଜନ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ନଦୀ ଘାଟି ମୋର୍ଚ୍ଚାର ଆବାହକ ଗୌତମ ବନ୍ଦୋପାଧ୍ୟାୟ, ରାଷ୍ଟ୍ରୀୟ ଜଳ ବିରାଦରୀର ନିର୍ଦ୍ଦେଶକ ଡ. ସଞ୍ଜୟ ସିଂହଙ୍କ ଦ୍ୱାରା ହୋଇଥିବା ବେଳେ ଏଥିରେ ଓଡ଼ିଶାରୁ ବିଜୟ ପ୍ରଧାନ, ସଚ୍ଚିକାନ୍ତ ପ୍ରଧାନ, ଅର୍ଜୁନ ସାମନ୍ତରାୟ, ଅଶୋକ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହାଛଡ଼ା ଛତିଶଗଡର ବିଭିନ୍ନ ନଦୀ ଅବବାହିକାରୁ ଅନେକ ସାମାଜିକ କର୍ମୀ, ଲୋକପ୍ରତିନିଧି ଓ ବୁଦ୍ଧିଜୀବୀ ମଧ୍ୟ ଯୋଗଦେଇଥିବା ଆନ୍ଦୋଳନର ମୁଖପାତ୍ର ପ୍ରସନ୍ନ ବିଷୋୟୀ କହିଛନ୍ତି।

■ ମଟନ ମାୟାରେ ବାୟା ଯୁବପିଢ଼ି

# ଅନଲାଇନ୍ ଆପରେ କୋଟି କୋଟି ଟଙ୍କାର ଠକେଇ

ଚୌଦ୍ୱାର,୨୮।୮(ସଂଚାର ବ୍ୟୁରୋ): ସ୍ଥାନୀୟ ଅଞ୍ଚଳରେ ବେଶ୍ କିଛି ଲୋକଙ୍କୁ ଚୁନା ଲଗାଇଛି ଅନଲାଇନ୍ କମ୍ପାନୀ। ଟଙ୍କା ଠକେଇ ଉଦ୍ଦେଶ୍ୟରେ କିଛି ବ୍ୟକ୍ତି ପ୍ରଥମେ ଗାଁ ଲୋକଙ୍କୁ ଡାକି ବୈଠକ କଲେ। ଏଥିରେ ମଟନ ଖାଇବାକୁ ଦେବା ସହ ଅନଲାଇନ୍ ଆପ୍‌ରେ ଟଙ୍କା ନିବେଶ କରିବାକୁ ମତାଇଥିଲେ। ରାତାରାତି ଲକ୍ଷପତି ହେବାର ସ୍ୱପ୍ନ ଦେଖାଇଲେ। ସେହି କମ୍ପାନୀ ସହ ଜଡ଼ିତ ଥିବା ବ୍ୟକ୍ତି ପ୍ରଦୀପ କୁମାର ଦାସ ଓ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ଠକେଇ କରିଥିବା ନେଇ ସ୍ଥାନୀୟ କଟକ ଟାଙ୍ଗୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡା ପଞ୍ଚାୟତର ସର୍ବାଧିକ ଯୁବପିଢ଼ି ଏଭଳି ମାୟାରେ ଫସି ଲକ୍ଷ ଲକ୍ଷ ଟଙ୍କା ହରାଇଛନ୍ତି। ଟଙ୍କା ବୁଡିଯିବା ପରେ ଯୁବପିଢ଼ିଙ୍କ ମୁଣ୍ଡରେ ଚଡ଼କ ପଡିଛି। ସରକାର ଅନଲାଇନ ଗେମ୍ ଉପରେ ଅଙ୍କୁଶ ଲଗାଇଛନ୍ତି। ଗାଁର ପ୍ରଫୁଲ୍ଲ ସ୍ୱାଇଁ ଏକ ଅନଲାଇନ ଆପ୍ କୁ ନେଇ ବୈଠକ କରାଇଥିଲେ। କେବଳ ପଞ୍ଚାୟତ ନୁହେଁ ଅନ୍ୟାନ୍ୟ ବ୍ଲକରେ ମଧ୍ୟ ଏହି କାର୍ଯ୍ୟକ୍ରମକୁ ବଢ଼ାଯିବା ସହ ସମସ୍ତେ ସାମିଲ ହୁଅନ୍ତୁ ବୋଲି ଜନସାଧାରଣଙ୍କୁ ଅପିଲ କରିଥିଲେ ପ୍ରଫୁଲ୍ଲ ସ୍ୱାଇଁ। କିନ୍ତୁ ଏବେ ଉଭାନ ହୋଇଯାଇଛି ଅନଲାଇନ୍ ଆପ୍। ଏହି ଅନଲାଇନ୍ ଆପରେ ଯୋଡ଼ି ହେବାକୁ ହେଲେ ୨୧୫୦, ୫୫୦୦, ୧୬୫୦୦, ୪୯୫୦୦ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ଦେବାକୁ ହୋଇଥାଏ। ଏହି କମ୍ପାନୀ ଲକି କୁପନ୍ ତଥା ଆକର୍ଷଣୀୟ ଉପହାର ଦେଇ ଲୋକଙ୍କୁ ଆପରେ ଟଙ୍କା ବିନିଯୋଗ କରିବା ପାଇଁ କହିଥିଲା। ଗ୍ରାହକମାନଙ୍କୁ ଲୋଭ ଦେଖାଇ ଫଣ୍ଡରେ ଟଙ୍କା ଲଗାଇଲେ ତାହା ମାତ୍ର ୭ ଦିନରେ ୪ଗୁଣା ହୋଇଯିବ ବୋଲି କମ୍ପାନୀ ଲୋଭ ଦେଖାଇଥିଲା। ଏନେଇ ପ୍ରଚାର ସକାଶେ ଏକ ବୈଠକ ମଧ୍ୟ ହୋଇଥିଲା। ତେବେ ଜରିପଡା ପଞ୍ଚାୟତରେ ୫ ହଜାରରୁ ଉର୍ଦ୍ଧ୍ୱ ଯୁବକଯୁବତୀ ଏହି ଅନଲାଇନ୍ ଆପ୍ ମାୟା ଜାଲରେ ଛନ୍ଦି ହୋଇ ଲକ୍ଷ ଲକ୍ଷ ଟଙ୍କା ହରାଇଛନ୍ତି। ଟଙ୍କା ଫେରି ପାଇବା ଆଶାରେ ସେମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ଫେରିଲା ପ୍ରବାସୀ ଓଡ଼ିଆଙ୍କ ମୃତଦେହ

- ୪ ଲକ୍ଷ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ପରିବାରକୁ ଉପମୁଖ୍ୟମନ୍ତ୍ରୀଙ୍କ ସମବେଦନା



ପୁରୀ,୨୮।୮(ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହଯୋଗରେ କେରଳରୁ ଫେରିଲା ପ୍ରବାସୀ ଓଡ଼ିଆ ଶ୍ରମିକଙ୍କ ମରଶରୀର। ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ବଡ଼ମାଛପୁର ଗାଁର ବିଜୟ ନାୟକଙ୍କର ମରଶରୀର ଗୁରୁବାର ସକାଳ ୧୧ଟାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିଥିଲା। ଉପମୁଖ୍ୟମନ୍ତ୍ରୀ ବିମାନବନ୍ଦରରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ନିମାପଡ଼ା ବ୍ଲକ ବଡ଼ମାଛପୁର ଗାଁର ବିଜୟ ନାୟକ କାମ କରିବା ପାଇଁ କେରଳ ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ମରଶରୀରକୁ କେରଳରୁ ଆଣିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍ୟମ କରିଥିଲେ। ଆଜି ବିମାନବନ୍ଦରରେ ବିଜୟଙ୍କ ମରଶରୀର ପହଞ୍ଚିବା ପରେ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ତାଙ୍କ ଭାଇ ପପୁ ନାୟକ ଓ ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜୟଙ୍କ ବିୟୋଗରେ ଶୋକବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଶୋକସନ୍ତପ୍ତ ପରିବାର ପାଇଁ ୪ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ଶ୍ରମ ଆୟୁକ୍ତ, ପୁରୀ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ, ପୁରୀ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଚୌଧୁରୀ ସୁବ୍ରତ କୁମାର ଜେନା, ସହକାରୀ ଶ୍ରମ ଅଧିକାରୀ ଚିନ୍ମୟ ପ୍ରିୟଦର୍ଶୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିମାନବନ୍ଦର ପର୍ଯ୍ୟଟନ ଅଧିକାରୀ ମଧୁସ୍ମିତା ଶୁକ୍ଲା ଉପସ୍ଥିତ ରହି ସହଯୋଗ କରିଥିଲେ। ବିଜୟ ନାୟକଙ୍କ ମରଶରୀରକୁ ଆମ୍ବୁଲାନ୍ସ ଯୋଗେ ପରିବାର ସହ ତାଙ୍କ ଜନ୍ମସ୍ଥାନକୁ ପଠାଯାଇଥିଲା।

# ନାଳର ଟାପୁରୁ ତିନିଦିନ ପରେ ଉଦ୍ଧାରହେଲେ ବୃଦ୍ଧା



ମୟୁରଭଞ୍ଜ, ୨୮।୮ (ସଂଚାର ବ୍ୟୁରୋ): ଦୀର୍ଘ ୩ ଦିନ। ଦିନ ନାହିଁ ରାତି ନାହିଁ ଏଇଠି ଏମିତି ଅବସ୍ଥାରେ ପଡ଼ି ରହିଛନ୍ତି ବୁଢ଼ୀ ମାଉସୀ । ହେଲେ ଏ ବୁଢ଼ୀ ମାଉସୀ ଉପରେ କାହାରି ପଡ଼ିନି ନଜର । ନଖାଇ ନପିଇ ଏମିତି ପଡ଼ି ରହିଛନ୍ତି। ସବୁଠୁ ବଡ଼ କଥା ହେଉଛି ଭଗବାନଙ୍କ କରୁଣାରୁ ଏ ବୁଢ଼ୀ ମାଉସୀ କୌଣସି ଜନ୍ତୁର ଶିକାର ହୋଇ ନାହାଁନ୍ତି । ଜୀବିତ ଅବସ୍ଥାରେ ଉଦ୍ଧାର ହୋଇଛନ୍ତି ବୁଢ଼ୀ। ମୟୁରଭଞ୍ଜ ଜିଲ୍ଲାର ରରୁଆଁ ବ୍ଲକ ଅଙ୍ଗାରପଦା ପଞ୍ଚାୟତର କଲନ୍ଦା ଗାଁରେ ଦେଖିବାକୁ ମିଳିଛି ଏଭଳି କିଛି । କଲନ୍ଦା ଗାଁର ଖଇରିଭଣ୍ଡନ ଏବଂ ବୈତରଣୀ ନଦୀର ସଙ୍ଗମ ସ୍ଥଳ ହୋମୁହାଁଣିର ନିକଟସ୍ଥ ଏକ ନାଳର ଟାପୁରେ ଅଶି ବର୍ଷ ବୃଦ୍ଧା ତିନି ଦିନ ଫସି ରହିଥିଲେ । ସ୍ଥାନୀୟ ଯୁବକ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ରରୁଆଁ ଅଗ୍ନିଶମ ବିଭାଗ ଦାଇତ୍ୱରେ ଥିବା ନିରଞ୍ଜନ ପାଢ଼ୀଙ୍କ ନେତୃତ୍ୱରେ ଏକ ଟିମ ଘଟଣା ସ୍ଥଳରେ ପହଁଞ୍ଚି ନାଳ ପାର ହୋଇ ଲାଇଫ ଜାକେଟ ସାହାଯ୍ୟରେ ଉଦ୍ଧାର କରିଥିଲେ । ଆଉ ସଙ୍ଗେ ସଙ୍ଗେ ରରୁଆଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତକାଲି ସନ୍ଧ୍ୟା ବେଳେ ପୀଡ଼ିତାଙ୍କୁ ନେଇ ପହଞ୍ଚାଇଥିଲେ । ଝାଡ଼ଖଣ୍ଡ ରାଜ୍ୟର ମଝିଗାଁ ପୋଲିସ ସହିତ ଯୋଗାଯୋଗ କରିଥିଲେ । ପରେ ଏ ବୁଢ଼ୀ ମାଉସୀଙ୍କ ପରିଚୟ ମିଳିଥିଲା । କୁମୁରତୁଙ୍ଗି ଥାନାର ଚାମ୍ପିଲା ଗାଁର ମୁଙ୍ଗୀ ପିଙ୍ଗୁଆ ବୋଲି ଜଣାପଡିବା ପରେ ସେହି ପଞ୍ଚାୟତର ମଣ୍ଡା ମାଣିକ ସହିତ ଯୋଗାଯୋଗ କରିଥିଲେ । ରାତି ଏଗାରଟାରେ ବୁଢ଼ୀ ମାଉସୀ ନିଜସ୍ୱ ଘରକୁ ନେଇଥିଲେ ।

# ଦେଢ଼ ଲକ୍ଷ କୋଟି ଟଙ୍କା ରାଜ୍ୟ ଋଣବୋଝ

ଭୁବନେଶ୍ୱର,୨୮।୮: ଓଡ଼ିଶାର ଋଣବୋଝ ଯେଉଁ ହାରରେ ବୃଦ୍ଧି ପାଉଛି ତାହା ଅବ୍ୟାହତ ରହିଲେ ଦୁଇବର୍ଷ ଭିତରେ ରାଜ୍ୟର ଋଣ ପରିମାଣ ଦେଢ଼ ଲକ୍ଷ କୋଟିକୁ ଟପିପାରେ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି।

୧୯୯୫-୯୬ ବେଳକୁ ଓଡ଼ିଶା ସରକାରଙ୍କ ଋଣ ଭାର ୯୨୧୮ କୋଟି ୫୦ଲକ୍ଷ ଟଙ୍କାରେ ସୀମିତ ଥିବାବେଳେ ତାହା ବଢ଼ିବଢ଼ି ୨୦୦୦-୦୧ ବେଳକୁ ୨୧,୦୦୧ କୋଟି ୮୮ଲକ୍ଷ ଟଙ୍କାରେ ପହଞ୍ôଚଥିଲା। ତେବେ ଏଥିରେ ନିୟନ୍ତ୍ରଣ ଅଣାଯାଇବାରୁ ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟର ଋଣବୋଝ ୯୬,୩୧୦ କୋଟି ଟଙ୍କାକୁ ଟପିଥିଲା।

ରାଜ୍ୟ ସରକାରଙ୍କ ବଜେଟ୍ ଅଟକଳ ଅନୁଯାୟୀ ୨୦୨୪-୨୫ ବର୍ଷରେ ୪୩,୪୯୫ କୋଟି ଟଙ୍କା ଋଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ôଥକ ବର୍ଷରେ ଓଡ଼ିଶା ସରକାର ୪୭,୪୦୦ କୋଟି ଟଙ୍କା ଋଣ କରିବାକୁ ଯାଉଛନ୍ତି। ମୋଟାମୋଟି ଭାବେ ଚଳିତ ଆର୍ôଥକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣବୋଝ ଅନ୍ୟୁନ ୧ଲକ୍ଷ ୩୫ ହଜାର କୋଟି ଟଙ୍କା ହେବ ବୋଲି ଆଶଙ୍କା।



ଏବର୍ଷ ଓଡ଼ିଶା ସରକାର ନିଜସ୍ୱ ଟିକସ ରାଜସ୍ୱ ବାବଦରେ ୬୬ ହଜାର କୋଟି ଟଙ୍କା ଓ ଅଣ ଟିକସ ରାଜସ୍ୱ ବାବଦରେ ୬୦ ହଜାର କୋଟି ଟଙ୍କା ପାଇବାର ଲକ୍ଷ୍ୟ ରଖିଥିବା ବେଳେ କେନ୍ଦ୍ରୀୟ ଅନୁଦାନ ବାବଦରେ ୪୧,୫୯୧ କୋଟି ଓ କେନ୍ଦ୍ରୀୟ ଟିକସରୁ ରାଜ୍ୟର ଅଂଶ ବାବଦରେ ୬୪,୬୦୮ କୋଟି ଟଙ୍କା ପାଇବ ବୋଲି ଆଶା ରଖିଛନ୍ତି। ଏହି ସରକାରୀ ତଥ୍ୟ ମୁତାବକ କେନ୍ଦ୍ରୀୟ ଅନୁଦାନ ଅପେକ୍ଷା ସରକାରୀ ଋଣର ପରିମାଣ ଢେର ଅଧିକ ରହିବ।

ଚଳିତ ବର୍ଷ ପାଇଁ ଥିବା ୨ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ୍‌ରୁ ଅନ୍ୟୁନ ୧୬.୩ ପ୍ରତିଶତ ଆସିବ ଋଣରୁ। ଋଣ ଅର୍ଥକୁ ରାଜ୍ୟ ସରକାରଙ୍କର ଅନ୍ୟତମ ଆୟର ସ୍ରୋତ ଭାବେ ଦର୍ଶାଯାଉଛି। କରାଯାଉଛି।

ସେହିଭଳି ରାଜ୍ୟ ସରକାରଙ୍କ ଯେଉଁ ବ୍ୟୟ ଅଟକଳ ରହିଛି ସେଥିରୁ ସୁଧ ଓ ଋଣ ପରିଶୋଧ ବାବଦରେ ୨୦୨୫-୨୬ ବର୍ଷରେ ୨୯,୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇପାରେ। ମୋଟାମୋଟି ଭାବେ ରାଜ୍ୟ ଉପରେ ଋଣ ବୋଝ ବଢ଼ିବଢ଼ି ଚାଲୁଛି। ତେବେ ଏଫଆରବିଏମ୍ ଆଇନ୍‌ରେ ଜିଡିପି ଅନୁପାତରେ ଋଣର ପରିମାଣ ଯାହା ରହିବା କଥା ତାହା ଓଡ଼ିଶା କ୍ଷେତ୍ରରେ ଢେର କମ୍ ରହିଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ଋଣ ବୋଝ ଇତିମଧ୍ୟରେ ବଢ଼ିବଢ଼ି ୨୦୦ ଲକ୍ଷ କୋଟି ଟଙ୍କାକୁ ଟପିଥିବା ବେଳେ ସବୁ ରାଜ୍ୟ ସରକାରଙ୍କ ଋଣ ବୋଝ ପ୍ରାୟ ୧୦୦ ଲକ୍ଷ କୋଟି ଟଙ୍କା ହେଲାଣି ବୋଲି ଅନୁମାନ କରାଯାଉଛି। ଅନେକ ରାଜ୍ୟ ତୁଳନାରେ ଓଡ଼ିଶାର ଋଣ ବୋଝ ଅବଶ୍ୟ କମ୍ ରହିଛି। ତେବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯେତେ ଋଣ କରିଛନ୍ତି ତାହାକୁ ହିସାବକୁ ନେଲେ ରାଜ୍ୟବାସୀଙ୍କ ମୁଣ୍ଡପିଛା ହାରାହାରି ଋଣ ପରିମାଣ ଉଦ୍‌ବେଗଜନକ ଭାବେ ବଢ଼ି ଚାଲିଥିବା କୁହାଯାଉଛି।

ରାଜ୍ୟର କୃଷି ଭିତ୍ତିକ ଗ୍ରାମ୍ୟ ଅର୍ଥନୀତି ତୁଳନାରେ ବାହାରର ପୁଞ୍ଜିବିନିଯୋଗ ଓ ବଡ଼ବଡ଼ ଶିଳ୍ପ ପ୍ରତିଷ୍ଠା ସହିତ ଖଣି ନିଲାମ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଥିଯୋଗୁ ଜିଡ଼ିପି ଅଧିକ ରହୁଥିଲେ ମଧ୍ୟ ବାସ୍ତବରେ ତାହାର ମୁନାଫା ପୁଞ୍ଜି ବିନିଯୋଗ କରୁଥିବା ବିଦେଶୀ ଓ ବାହାର ରାଜ୍ୟର ନିବେଶକାରୀମାନଙ୍କ ପକେଟ୍‌କୁ ଯାଉଛି। ଏଥିଯୋଗୁ ବେକାରୀ ବଢ଼ିବା ସଂଗେ ସଂଗେ ଓଡ଼ିଶା ବିଭିନ୍ନ ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ଲୁଗାପଟା, ତେଲ, ଲୁଣ ଆଦି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପାଇଁ ବାହାର ରାଜ୍ୟ ଉପରେ ଅଧିକରୁ ଅଧିକ ନିର୍ଭର କରୁଥିବାରୁ ଓଡ଼ିଶାବାସୀଙ୍କ ଆୟର ପ୍ରମୁଖ ଅଂଶ ରାଜ୍ୟ ବାହାରକୁ ଚାଲିଯାଉଥିବା କଥା ଅର୍ଥନୀତି ବିଶାରଦମାନେ କହୁଛନ୍ତି। ଅନ୍ୟପକ୍ଷରେ ନିଶାର ପ୍ରସାର ସହିତ ଅପରାଧ ବୃଦ୍ଧି ଏବଂ ବିଭିନ୍ନ ମାଗଣା ଯୋଜନା ରାଜ୍ୟ ବିକାଶରେ ପ୍ରତବନ୍ଧକ ହେଉଥିବାରୁ କାମ ଚଳାଇବା ପାଇଁ ସରକାରକୁ ଅଧିକରୁ ଅଧିକ ପରିମାଣର ଋଣ ଉଠାଇବାକୁ ପଡୁଛି। (ତଥ୍ୟ)

# ନୂଆଁଖାଇ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୨୮।୮:** ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ' ଆଜି ବେଶ୍ ହର୍ଷୋଲ୍ଲାସରେ ପାଳିତ ହୋଇଥିବା ବେଳେ ଏନେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରାଷ୍ଟ୍ରପତି ସୋସିଆଲ୍ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ସେଥିରେ ଉଲ୍ଲେଖ କରିଛନ୍ତି ଯେ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ଦେଶବାସୀ ବିଶେଷ କରି ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା। କୃଷି ପ୍ରତି ସମ୍ମାନ ଏବଂ କୃଷକଙ୍କ ପ୍ରତି କୃତଜ୍ଞତା ହେଉଛି ଏହି ପର୍ବର ବିଶେଷତ୍ୱ। ଏହା ଆମ ବନ୍ଧୁତ୍ୱ ଓ ଆତ୍ମୀୟତାର ପ୍ରତୀକ ମଧ୍ୟ। ନୂଆଁଖାଇ ସମସ୍ତଙ୍କ ଜୀବନକୁ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଦେଉ, ଏହା ମୋର ଆନ୍ତରିକ କାମନା। ସେହିପରି ପ୍ରଧାନମନ୍ତ୍ରୀ ମଧ 'ଏକ୍ସ'ରେ ପୋଷ୍ଟ କରି ଦର୍ଶାଇଛନ୍ତି, ସମସ୍ତଙ୍କୁ ନୂଆଁଖାଇର ହାର୍ଦ୍ଦିକ ଶୁଭକାମନା। ଏହି ଲୋକପ୍ରିୟ ପର୍ବ କୃଷକମାନଙ୍କ ପ୍ରତି ଆମର ଗଭୀର କୃତଜ୍ଞତାର ସ୍ମରଣ କରାଏ, ଯାହାଙ୍କ କଠିନ ପରିଶ୍ରମ ଆମ ସମସ୍ତଙ୍କର ଭରଣପୋଷଣ କରେ। ପ୍ରତିଟି ଘରେ ଉତ୍ତମ ସ୍ୱାସ୍ଥ୍ୟ, ସମୃଦ୍ଧି ଏବଂ ଖୁସି ବିରାଜମାନ କରୁ। ନୂଆଁଖାଇ ଜୁହାର୍ !

### ଆର୍‌ଏସ୍‌ଏସ୍ ମୁଖ୍ୟଙ୍କ ପରାମର୍ଶ

# ଜାତୀୟ ସ୍ୱାର୍ଥ ପାଇଁ ପରିବାରରେ ତିନି ସନ୍ତାନ ଜରୁରୀ





**ନୂଆଦିଲ୍ଲୀ,୨୮।୮:** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ)ର ମୁଖ୍ୟ ମୋହନ ଭାଗବତ କହିଛନ୍ତି ଯେ ପ୍ରତ୍ୟେକ ଭାରତୀୟ ଦମ୍ପତିଙ୍କର ତିନି ଜଣ ସନ୍ତାନ ହେବା ଉଚିତ। ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ଜନସଂଖ୍ୟା ପରିବର୍ତ୍ତନ ଓ ଜନସଂଖ୍ୟା ନିୟନ୍ତ୍ରଣ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ ବିଶେଷଜ୍ଞମାନେ କହୁଛନ୍ତି, ଯେଉଁ ସମୁଦାୟର ଜନ୍ମହାର ୩ରୁ କମ ହୁଏ, ସେମାନେ ଧୀରେ ଧୀରେ ବିଲୁପ୍ତ ହୋଇଯାଆନ୍ତି। ତେଣୁ ଜନ୍ମହାର ୩ରୁ ଅଧିକ ରହିବା ଆବଶ୍ୟକ। ଭାଗବତ କହିଛନ୍ତି, "ଡାକ୍ତରମାନେ ମୋତେ କହିଛନ୍ତି ଯେ ଉପଯୁକ୍ତ ବୟସରେ ବିବାହ କରି ତିନି ସନ୍ତାନ ଜନ୍ମ ଦେଲେ ପିତାମାତା ଓ ସନ୍ତାନ ଉଭୟ ସୁସ୍ଥ ରହିପାରନ୍ତି। ତିନି ଭାଇଭଉଣୀ ଥିବା ଘରର ପିଲାମାନେ ଗୁରୁତ୍ୱପୂର୍ଣ୍ଣ ନିୟନ୍ତ୍ରଣ ଶିଖନ୍ତି ଏବଂ ଭବିଷ୍ୟତରେ ସେମାନଙ୍କ ପାରିବାରିକ ଜୀବନରେ କୌଣସି ବିଘ୍ନ ହୁଏ ନାହିଁ।" ସେ ଆହୁରି କହିଛନ୍ତି, "ଆମ ଦେଶର ଜନସଂଖ୍ୟା ନୀତି ଅନୁଯାୟୀ ଜନ୍ମହାର ୨.୧ ହେବା ଆବଶ୍ୟକ, ଯାହା ହେଉଛି ଏକ ହାରାହାରି ମାନ। କିନ୍ତୁ ୦.୧ ପିଲା ଜନ୍ମ ହେବା ସମ୍ଭବ ନୁହେଁ। ଗଣିତରେ ୨.୧ ହେଲେ ୨ ହୁଏ, କିନ୍ତୁ ଜନ୍ମ ପାଇଁ ଦୁଇ ପରେ ତିନି ହିଁ ହେବ।"

ସେ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଭାରତୀୟ ଦମ୍ପତିଙ୍କୁ ତିନି ସନ୍ତାନ ଜନ୍ମ ଦେବାକୁ ଚେଷ୍ଟା କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, "ଜନସଂଖ୍ୟା ଏକ ବରଦାନ ହୋଇପାରେ, କିନ୍ତୁ ଏହା ବୋଝ ମଧ୍ୟ ହୋଇପାରେ। ଦିନ ଶେଷରେ ସମସ୍ତଙ୍କୁ ଖାଦ୍ୟ ଯୋଗାଇବାକୁ ପଡ଼େ। ଏହି କାରଣରୁ ଜନସଂଖ୍ୟା ନୀତି ରହିଛି। ଜନସଂଖ୍ୟା ନିୟନ୍ତ୍ରିତ ଓ ପର୍ଯ୍ୟାପ୍ତ ରହିବା ପାଇଁ ପ୍ରତ୍ୟେକ ପରିବାରରେ ତିନି ସନ୍ତାନ ହେବା ଉଚିତ, କିନ୍ତୁ ଏହାଠାରୁ ଅଧିକ ନୁହେଁ। ଏହା ସନ୍ତାନମାନଙ୍କର ଉପଯୁକ୍ତ ପରିପାଳନ ପାଇଁ ଆବଶ୍ୟକ। ଏହାକୁ ସମସ୍ତେ ଗ୍ରହଣ କରିବା ଉଚିତ।"

### ୟୁକ୍ରେନ ଉପରେ ରୁଷର ବଡ଼ ଆକ୍ରମଣ

# କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣ, ୧୫ ଜଣଙ୍କ ମୃତ୍ୟୁ



**ମସ୍କୋ,୨୮।୮:** ଆଜି ରୁଷ ୟୁକ୍ରେନ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ କରିଛି, ଯେଉଁଥିରେ ୟୁକ୍ରେନରେ ୪ ଶିଶୁଙ୍କ ସମେତ ମୋଟ ୧୫ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି ଯେ ଯୁଦ୍ଧ ସମାପ୍ତ କରିବା ପାଇଁ କୂଟନୈତିକ ପ୍ରୟାସ ଜାରି ରହିଛି। ଏହି ଆକ୍ରମଣରେ ୟୁରୋପୀୟ ୟୁନିଅନ ମିଶନର ମୁଖ୍ୟାଳୟ ଏବଂ ବ୍ରିଟିଶ କାଉନସିଲ ସମେତ ୭ଟି ଜିଲ୍ଲାର କୋଠା କ୍ଷତିଗ୍ରସ୍ତ ହୋଇଛି। ୟୁକ୍ରେନୀୟ ସେନା କହିଛି ଯେ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦେଶ ସାରା ରୁଷ ଦ୍ୱାରା ପ୍ରହାର କରାଯାଇଥିବା ପ୍ରାୟ ୬୦୦ ଡ୍ରୋନରୁ ୫୬୩ଟି ଏବଂ ୩୧ ଟି କ୍ଷେପଣାସ୍ତ୍ରରୁ ୨୬ଟିକୁ ଖସାଇ ଦେଇଛି।

ଏକ ରିପୋର୍ଟ ଅନୁଯାୟୀ, ଉଦ୍ଧାରକାରୀ ଦଳ ଆକ୍ରମଣ ସ୍ଥଳରେ ପହଞ୍ଚିଥିଲେ। ଯେଉଁଠାରେ ଏକ କୋଠା ଭଗ୍ନାବଶେଷରେ ପରିଣତ ହୋଇଥିଲା। ଭଗ୍ନାବଶେଷ ଖୋଳିବା ସମୟରେ ଦୁଇଟି ମୃତଦେହ ମିଳିଥିଲା। ଅଧିକାରୀମାନେ କହିଛନ୍ତି ଯେ ରୁଷ ଦ୍ୱାରା ଘଣ୍ଟା ଘଣ୍ଟା ଧରି ଚାଲିଥିବା ଏହି ଆକ୍ରମଣରେ ଅତି କମରେ ୩୮ ଜଣ ୟୁକ୍ରେନୀୟ ନାଗରିକ ଆହତ ହୋଇଛନ୍ତି। ୟୁକ୍ରେନ ସେନା କହିଛି ଯେ ରୁଷ ମୋଟ ୧୩ ଟି ସ୍ଥାନରେ ଆକ୍ରମଣ କରିଛି। ଜାତୀୟ ଗ୍ରୀଡ୍ ଅପରେଟର ୟୁକ୍ରେନର୍ଗୋ କହିଛନ୍ତି ଯେ ଶକ୍ତି ସୁବିଧା ଗୁଡିକ ବହୁତ କ୍ଷତି ସହିଛି। ରୁଷ ଆକ୍ରମଣ ସମ୍ପର୍କରେ, ୟୁକ୍ରେନୀୟ ରାଷ୍ଟ୍ରପତି ଜେଲେନ୍ସ୍କି 'ଏକ୍ସ' ରେ ପୋଷ୍ଟ କରି ଲେଖିଛନ୍ତି, ରୁଷ ଆଲୋଚନା ଟେବୁଲରେ ବସିବା ପରିବର୍ତ୍ତେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବାଛିଛି। ଏହା ଯୁଦ୍ଧ ଶେଷ କରିବା ପରିବର୍ତ୍ତେ ମୃତ୍ୟୁର ତାଣ୍ଡବ ଜାରି ରଖିବାକୁ ଚାହୁଁଛି।

ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ସେନା ସାମରିକ ଶିଳ୍ପ ଘାଟି ଏବଂ ବିମାନବନ୍ଦର ଉପରେ ଆକ୍ରମଣ କରିଛି। ରୁଷ ସବୁବେଳେ ସାଧାରଣ ଲୋକଙ୍କୁ ଟାର୍ଗେଟ କରିବାର ଅଭିଯୋଗକୁ ଅସ୍ୱୀକାର କରିଆସିଛି, କିନ୍ତୁ ଗତ କିଛି ଦିନ ମଧ୍ୟରେ ଘନ ଜନବସତି ଅଞ୍ଚଳରେ ଆକ୍ରମଣ ସମୟରେ ବହୁତ ଲୋକଙ୍କ ମୃତ୍ୟୁ ଘଟିଛି। ଆକ୍ରମଣ ସମୟରେ ରାତିରେ କିଭରେ ଧୂଆଁର ମେଘ ଦେଖାଯାଇଥିଲା ଏବଂ ବିସ୍ଫୋରଣର ଶବ୍ଦ ଶୁଣାଯାଇଥିଲା। ମେୟର ଭିଟାଲି କ୍ଲିଟସ୍କୋ ଏହାକୁ ସାମ୍ପ୍ରତିକ ମାସ ମଧ୍ୟରେ ସହର ଉପରେ ହୋଇଥିବା ସବୁଠାରୁ ବଡ଼ ଆକ୍ରମଣ ମଧ୍ୟରୁ ଗୋଟିଏ ବୋଲି ବର୍ଣ୍ଣନା କରିଛନ୍ତି।

ୟୁରୋପୀୟ ପରିଷଦର ସଭାପତି ଆଣ୍ଟୋନିଓ କୋଷ୍ଟା ସୋସିଆଲ ମିଡିଆ 'ଏକ୍ସ'ରେ ଲେଖିଛନ୍ତି, 'ୟୁକ୍ରେନ ଉପରେ ଆଉ ଏକ ରାତିରେ ମାରାତ୍ମକ ରୁଷିଆ କ୍ଷେପଣାସ୍ତ୍ର ଆକ୍ରମଣରେ ମୁଁ ମର୍ମାହତ। ୟୁକ୍ରେନର ପୀଡିତ ନାଗରିକ ଏବଂ ସେଠାକାର କର୍ମଚାରୀଙ୍କ ପ୍ରତି ମୋର ସମବେଦନା, ଯାହାଙ୍କ କୋଠା ରୁଷିଆ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଛି।



# ଆରଆଇଙ୍କ କୁକୁର ହଜିଗଲା, କନଷ୍ଟେବଲଙ୍କୁ ବେଲ୍ଟରେ ପିଟିଲେ

**ଭୋପାଳ,୨୮।୧୦:** କନଷ୍ଟେବଲ ରାହୁଲ ଚୌହାନଙ୍କ ପତ୍ନୀଙ୍କ କହିବା ଅନୁସାରେ, ଆରଆଇ ସୌରଭ କୁଶୱାହା କହିଛନ୍ତି ଯେ ମଧ୍ୟପ୍ରଦେଶର ଖରଗୋନ ପୋଲିସ ଲାଇନରେ ଜଣେ ରିଜର୍ଭ ଇନ୍ସପେକ୍ଟର (ଆରଆଇ) ଦ୍ୱାରା ଜଣେ କନଷ୍ଟେବଲଙ୍କୁ ମାଡ଼ ମରାଯିବା ଘଟଣା ସାମ୍ନାକୁ ଆସିଛି। କନଷ୍ଟେବଲଙ୍କୁ ଆରଆଇ କେବଳ ଏହି କାରଣରୁ ମାଡ଼ ମାରିଥିଲେ ଯେ ସେ ତାଙ୍କ କୁକୁରକୁ ଠିକ୍ ଭାବେ ଦେଖାଶୁଣା କରି ପାରି ନଥିଲେ ଏବଂ କୁକୁରଟି ହଜି ଯାଇଥିଲା। ଏହା ସହିତ ଆରଆଇ କନଷ୍ଟେବଲଙ୍କୁ ଜାତିଗତ ଅପମାନଜନକ ଶବ୍ଦ ମଧ କହିଥିଲେ। ମଧ୍ୟପ୍ରଦେଶର ଖରଗୋନସ୍ଥିତ ଜିଲ୍ଲା ରିଜର୍ଭ ପୋଲିସ ଲାଇନରେ ସୌରଭ କୁଶୱାହା ନାମକ ଜଣେ ରିଜର୍ଭ ଇନ୍ସପେକ୍ଟର କାମ କରୁଛନ୍ତି। ଅଭିଯୋଗ ହେଉଛି ଯେ ଇନ୍ସପେକ୍ଟର ତାଙ୍କ ଅଧୀନସ୍ଥ କର୍ମଚାରୀ କନଷ୍ଟେବଲ ରାହୁଲ ଚୌହାନଙ୍କୁ ବେଲ୍ଟରେ ମାଡ଼ ମାରିଛନ୍ତି ଏବଂ ଜାତିଗତ ଅପମାନଜନକ ଶବ୍ଦ କହି ତାଙ୍କୁ ଅପମାନିତ କରିଛନ୍ତି। ଏହି ଘଟଣାରେ କନଷ୍ଟେବଲ ରାହୁଲ ଏତଲା ଦାୟର କରିବା ପାଇଁ ଥାନା ପହଞ୍ଚିଥିଲେ। ଗଣମାଧ୍ୟମକୁ ସେ କହିଛନ୍ତି, ଆରଆଇ ସୌରଭ କୁଶୱାହାଙ୍କ ପାଖରେ ଦୁଇଟି କୁକୁର ଅଛି। ସେମାନଙ୍କ ମଧ୍ୟରୁ ଗୋଟିଏ ଛୋଟ କୁକୁର କୁଆଡ଼େ ଚାଲିଯାଇଥିଲା। ସେମାନେ ତାକୁ ଖୋଜି ପାଇ ନଥିଲେ, ତେଣୁ ରାତି ୧ଟା ବେଳେ ମୋ ଘରକୁ ଆସି ମୋତେ ତାଙ୍କ ଘରକୁ ନେଇଯାଇଥିଲେ। ମୋ ହାତରୁ ମୋବାଇଲ ଛଡ଼ାଇ ନେଇଥିଲେ ଏବଂ ମୋତେ ଏକ କୋଠରିକୁ ନେଇ ବେଲ୍ଟରେ ବହୁତ ଜୋରରେ ମାଡ଼ ମାରିଥିଲେ। ମୋ ଜାତି ବା ସମାଜ ସମ୍ପର୍କରେ ମଧ ଆପତ୍ତିଜନକ କଥା କହିଥିଲେ। ତେଣୁ ମୁଁ ନ୍ୟାୟ ଚାହୁଁଛି।

### ସ୍କୁଲ ପରେ ଏବେ କଲେଜକୁ ବୋମା ଧମକ

# ୨୦ରୁ ଉର୍ଦ୍ଧ୍ୱ ଧମକପୂର୍ଣ୍ଣ ଇମେଲ୍, ପୁଲିସ୍‌ର ତଦନ୍ତ

**ନୂଆଦିଲ୍ଲୀ,୨୮।୮:** ସ୍କୁଲ ପରେ ଏବେ କଲେଜରେ ବୋମା ଆତଙ୍କ। ଦିଲ୍ଲୀର ୨୦ଟି ମହାବିଦ୍ୟାଳୟକୁ ମିଳିଛି ଧମକପୂର୍ଣ୍ଣ ଇ-ମେଲ। ଏନେଇ ପୁଲିସ କଣ୍ଟ୍ରୋଲ ରୁମକୁ ସୂଚନା ମିଳିବା ପରେ ତଦନ୍ତ କରିଛି ପୁଲିସ। ସର୍ଚ୍ଚ ଅପରେସନ୍ ସମୟରେ କଲେଜ ଭିତରେ କୌଣସି ସନ୍ଦେହଜନକ ବସ୍ତୁ କିମ୍ବା ବିସ୍ଫୋରକ ସାମଗ୍ରୀ ମିଳିନାହିଁ। ତେବେ ଇମେଲ୍ ପଠାଇଥିବା ବ୍ୟକ୍ତି ଭିପିଏନ୍ ବ୍ୟବହାର କରିଥିବା ନେଇ ପୁଲିସ ସନ୍ଦେହ କରୁଛି। ଗତ ୫ଦିନ ମଧ୍ୟରେ ୧୦୦ରୁ ଅଧିକ ସ୍କୁଲକୁ ବୋମା ଧମକ ମିଳିଛି। ଏବେ କଲେଜ ଏବଂ ହସ୍ପିଟାଲକୁ ବାରମ୍ବାର ଧମକ ମିଳିବା ଘଟଣା ଏକ ଗମ୍ଭୀର ପ୍ରସଙ୍ଗ ପାଲଟିଛି। ଅଗଷ୍ଟ ୨୦ ତାରିଖରେ ମଧ ଦିଲ୍ଲୀର ୫୦ଟି ସ୍କୁଲକୁ ଧମକପୂର୍ଣ୍ଣ ଇମେଲ୍ ମିଳିଥିଲା। ନଜଫଗଡ଼, ମାଲବ୍ୟ ନଗର, ପ୍ରସାଦ ନଗର, କାରୋଲ ବାଗ ସମେତ ଅନେକ ଅଞ୍ଚଳର ସ୍କୁଲରେ ଧମକପୂର୍ଣ୍ଣ ଇମେଲ୍ ମିଳିଥିଲା, ଯାହା ଉପରେ ଦିଲ୍ଲୀ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।ସେହିପରି ୨୧ ଅଗଷ୍ଟରେ ଦିଲ୍ଲୀର ୬ଟି ସ୍କୁଲକୁ ବୋମା ଧମକ ମିଳିଥିଲା। ପ୍ରସାଦ ନଗରର ଆନ୍ଧ୍ର ଏଜୁକେସନ୍ ସୋସାଇଟି ସିନିୟର ସେକେଣ୍ଡାରୀ ସ୍କୁଲ, ଦ୍ୱାରକା ସେକ୍ଟର-୫ରେ ଥିବା ବିଜିଏସ୍ ଇଣ୍ଟରନ୍ୟାସନାଲ ପବ୍ଲିକ୍ ସ୍କୁଲ, ଛାୱଲାର ରାଓ ମାନ ସିଂହ ସିନିୟର ସେକେଣ୍ଡାରୀ ସ୍କୁଲ, ଦ୍ୱାରକା ସେକ୍ଟର-୧ରେ ଥିବା ମ୍ୟାକ୍ସଫୋର୍ଟ ସ୍କୁଲ ଏବଂ ଦ୍ୱାରକା ସେକ୍ଟର-୧୦ରେ ଥିବା ଇନ୍ଦ୍ରପ୍ରସ୍ଥ ଇଣ୍ଟରନ୍ୟାସନାଲ ସ୍କୁଲକୁ ଧମକପୂର୍ଣ୍ଣ ଇମେଲ୍ ମିଳିଥିଲା। ସେହିପରି ପରଦିନ ଅର୍ଥାତ୍ ୨୨ ଅଗଷ୍ଟରେ, ଦିଲ୍ଲୀର ଦ୍ୱାରକା ସେକ୍ଟର-୭ ସମେତ ଅନ୍ୟୂନ ୧୦୦ ସ୍କୁଲକୁ ବିସ୍ଫୋରଣ କରି ଉଡ଼ାଇ ଦେବାକୁ ଧମକପୂର୍ଣ୍ଣ ଇମେଲ୍ ଆସିଥିଲା।

# ଭାରତ ଆଭିମୁଖ୍ୟ ନ ବଦଳାଇଲେ ନରମ ହେବେନି ଟ୍ରମ୍ପ୍

**ୱାଶିଂଟନ୍,୨୮।୮:** ଭାରତ ଉପରେ ଆମେରିକାର ୫୦ ପ୍ରତିଶତ ଟାରିଫ୍ ଲାଗୁ ହେବା ପରେ, ଉଭୟ ଦେଶର ଉଚ୍ଚ ଅଧିକାରୀଙ୍କ ମନ୍ତବ୍ୟ ତୀବ୍ର ହୋଇଛି। ଏହି ସମ୍ପର୍କରେ, ଆମେରିକାର ଜାତୀୟ ଅର୍ଥନୈତିକ ପରିଷଦ ନିର୍ଦ୍ଦେଶକ କେଭିନ ହାସେଟ କହିଛନ୍ତି, ଯଦି ଭାରତ ରୁଷିଆ ଅଶୋଧିତ ତୈଳର ବାଣିଜ୍ୟ ବନ୍ଦ ନ କରେ, ତେବେ ରାଷ୍ଟ୍ରପତି ଟ୍ରମ୍ପ ତାଙ୍କର ଦଣ୍ଡାତ୍ମକ ଟାରିଫ୍‌ରେ ନରମତା ଦେଖାଇବେ ନାହିଁ। ସେ ଭାରତ ସହିତ ବାଣିଜ୍ୟ ଆଲୋଚନାକୁ 'ଜଟିଳ' ବୋଲି ବର୍ଣ୍ଣନା କରିଛନ୍ତି ଏବଂ କହିଛନ୍ତି ଯେ, ଭାରତ ଆମେରିକୀୟ

**ସ୍ପଷ୍ଟ କଲେ ଏନ୍ଇସି ନିର୍ଦ୍ଦେଶକ**



ଉତ୍ପାଦ ପାଇଁ ବଜାର ଖୋଲିବାରେ ଏକ ଜିଦ୍‌ଖୋର ମନୋଭାବ ଗ୍ରହଣ କରୁଛି। ଆମେରିକା ଭାରତୀୟ ଉତ୍ପାଦ ଉପରେ ଟାରିଫ୍‌କୁ ୫୦%କୁ ଦ୍ୱିଗୁଣିତ କରିଛି, ଯାହା ବ୍ରାଜିଲ ପରେ ଯେକୌଣସି ଦେଶ ଉପରେ ସର୍ବାଧିକ। ଏଥିରେ ଭାରତର ରୁଷିଆ ତୈଳ କ୍ରୟ ଉପରେ ଅତିରିକ୍ତ ୨୫% ଟାରିଫ୍ ଅନ୍ତର୍ଭୁକ୍ତ।

ହାସେଟ ଭାରତ-ଆମେରିକା ବାଣିଜ୍ୟ ଆଲୋଚନାକୁ ଏକ ମାରାଥନ ସହ ତୁଳନା କରି କହିଛନ୍ତି ଯେ ଏଥିରେ ଉତ୍‌ଥାନ-ପତନ ଆସିବ ଏବଂ ଏକ ଚୂଡ଼ାନ୍ତ ଚୁକ୍ତିନାମାରେ ପହଞ୍ଚିବା ପାଇଁ ଏକ ଦୀର୍ଘକାଳୀନ ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ। ଅନ୍ୟପକ୍ଷରେ ଆମେରିକାର ଅର୍ଥମନ୍ତ୍ରୀ ସ୍କଟ ବେସାଣ୍ଟ ମଧ କହିଛନ୍ତି ଯେ ଭାରତ ଉପରେ ଅତ୍ୟଧିକ ଟାରିଫ୍ କଟକଣା କେବଳ ରୁଷିଆରୁ ତୈଳ ଆମଦାନି କରିବା ଯୋଗୁଁ ନୁହେଁ, ବରଂ ଦୀର୍ଘ ସମୟ ଧରି ଚାଲିଥିବା ବାଣିଜ୍ୟ ଆଲୋଚନା ଯୋଗୁ ମଧ ହେଉଛି। ଆଶା କରୁଛି ଯେ ଆସନ୍ତା ବର୍ଷ ମେ-ଜୁନ ସୁଦ୍ଧା ଏକ ଚୁକ୍ତିନାମା ହୋଇଯିବ। କିନ୍ତୁ ଏଥିରେ ଭାରତ ସହଯୋଗ କରୁନାହିଁ। ଅବଶ୍ୟ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାରତ ଓ ସର୍ବବୃହତ ଅର୍ଥନୀତି ଆମେରିକା ଶେଷରେ ଏକାଠି ହେବେ ବୋଲି ହାସେଟ୍ ଆଶାବାଦୀ ଅଛନ୍ତି।

# ଭଙ୍ଗା ପୋଲରୁ ନଦୀରେ ଖସିପଡ଼ିଲା କାର୍, ୩ ମୃତ




**ଚିତ୍ତୋରଗଡ଼,୨୮।୮:** ରାଜସ୍ଥାନର ଚିତ୍ତୋଡ଼ଗଡ଼ରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଏଠାରେ ଏକ ପରିବାର ଗୁଗଲ ମ୍ୟାପ୍ ଦେଖି ଏକ ରାସ୍ତା ବାଛିଥିଲେ। କିନ୍ତୁ ସେମାନେ ଜାଣି ନଥିଲେ ଯେ ଆଗକୁ ପୋଲଟି ଭାଙ୍ଗିଯାଇଛି। ଫଳରେ ୯ ଜଣ ଲୋକଙ୍କୁ ନେଇ ଯାଉଥିବା ଗାଡ଼ିଟି ବାନସ ନଦୀରେ ଖସି ପଡ଼ିଥିଲା, ଯେଉଁଥିରେ ତିନି ଜଣଙ୍କର ମୃତ୍ୟୁ ହୋଇଛି। ରିପୋର୍ଟ ଅନୁସାରେ, ଚିତ୍ତୋଡ଼ଗଡ଼ରେ ଏକ ପରିବାର ଧାର୍ମିକ ଯାତ୍ରା ପାଇଁ ଭୀଲବାଡ଼ା ଯାଇ ୨୭ ଅଗଷ୍ଟ ରାତିରେ ପରିବାରଟି ଏକ ଭ୍ୟାନରେ ଫେରୁଥିଲା। ରାସ୍ତା ଜାଣିବା ପାଇଁ ସେମାନେ ଗୁଗଲ ମ୍ୟାପ୍‌ର ସାହାଯ୍ୟ ନେଇଥିଲେ। କିନ୍ତୁ ସେମାନେ ଜାଣି ନଥିଲେ ଯେ ସେମାନେ ଯେଉଁ ରାସ୍ତାରେ ଯାଉଛନ୍ତି, ତାହାର ଆଗରେ ଏକ ଭାଙ୍ଗି ରହିଥିବା ପୋଲ ଅଛି। ଫଳସ୍ୱରୂପ, ସେମାନଙ୍କ ଗାଡ଼ି ବାନସ ନଦୀ ଉପରେ ଥିବା ଏକ ଭାଙ୍ଗି ରହିଥିବା ପୋଲରେ ପହଞ୍ଚିଥିଲା। ଡ୍ରାଇଭର କିଛି ବୁଝି ପାରିବା ପୂର୍ବରୁ ଗାଡ଼ିଟି ନଦୀରେ ଖସି ପଡ଼ିଥିଲା। ନଦୀର ପ୍ରବାହ ତୀବ୍ର ଥିବାରୁ ଭ୍ୟାନଟି ଦ୍ରୁତ ଗତିରେ ପାଣିରେ ବୁଡ଼ି ଯାଇଥିଲା। କିଛି ଲୋକ ଭ୍ୟାନର କାଚ ଭାଙ୍ଗି ଗାଡ଼ିର ଉପରେ ଛିଡ଼ା ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ପୁଲିସ ୫ ଜଣଙ୍କୁ ଉଦ୍ଧାର କରିଥିଲା, କିନ୍ତୁ ୪ ଜଣଙ୍କୁ ବଞ୍ଚାଇ ପାରି ନଥିଲା। ଚିତ୍ତୋଡ଼ଗଡ଼ର ଏସପି ମନୀଷ ତ୍ରିପାଠୀ ଏହି ଘଟଣା ସମ୍ବନ୍ଧରେ ସୂଚନା ଦେଇ କହିଛନ୍ତି ଯେ ଭ୍ୟାନରେ ଥିବା ଲୋକମାନେ ଝରକା ଭାଙ୍ଗି ତା'ର ଛାତ ଉପରେ ଚଢ଼ିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ତାଙ୍କ ସମ୍ପର୍କୀୟଙ୍କୁ ଫୋନ କରିଥିଲେ, ଯିଏ ପୁଲିସକୁ ଖବର ଦେଇଥିଲେ। ଥାନା ପ୍ରଭାରୀ ଦେବେନ୍ଦ୍ର ସିଂହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନୌକାର ବ୍ୟବସ୍ଥା କରିଥିଲେ। ଅନ୍ଧାରରେ ପରିବାର ପାଖକୁ ପହଞ୍ଚିବା କଷ୍ଟକର ଥିଲା, କିନ୍ତୁ ପୁଲିସ ଏବଂ ସ୍ଥାନୀୟ ଲୋକମାନେ କଠିନ ପରିଶ୍ରମ କରି ଗାଡ଼ି ପାଖକୁ ପହଞ୍ଚିବାରେ ସଫଳ ହୋଇଥିଲେ। ଏସପି ଆହୁରି କହିଛନ୍ତି ଯେ ପରିବାରର ସଦସ୍ୟମାନେ ମୋବାଇଲ ଟର୍ଚ୍ଚ ମାଧ୍ୟମରେ ଉଦ୍ଧାର ଟିମକୁ ନିଜର ଲୋକେସନ ସମ୍ପର୍କରେ ଜଣାଇଥିଲେ।

# ନୂଆ ବଜାର ଆଡ଼କୁ ମୁହାଁଇବ ଭାରତ

**ନୂଆଦିଲ୍ଲୀ,୨୮।୮:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲାଗୁ ହେବା ପରେ, ଭାରତୀୟ ସାମଗ୍ରୀ ଉପରେ ମୋଟ ଶୁଳ୍କ ହାର ଏବେ ୫୦ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ପରେ, ଭିଏତନାମ ଏବଂ ବାଂଲାଦେଶ ଭଳି ଦେଶ ତୁଳନାରେ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଆମେରିକା ବଜାରରେ ପ୍ରତିଯୋଗିତାମୂଳକ ରହିବା କଷ୍ଟକର ହୋଇପଡ଼ିଛି। କିନ୍ତୁ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ହାର ଲାଗୁ ହେବା ମାତ୍ରେ, ସରକାର ସମ୍ପୂର୍ଣ୍ଣ କାର୍ଯ୍ୟରେ ଆସି ଶିଳ୍ପଗୁଡ଼ିକୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି।

**ନୂଆ ସ୍ତରରେ ପହଞ୍ଚିବ ଭାରତ-ଚୀନ୍ ସମ୍ପର୍କ**

ଏନେଇ ଜାରି ଏକ ସରକାରୀ ବିବୃତ୍ତିରେ କୁହାଯାଇଛି ଯେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ଏହି ସପ୍ତାହରେ ରାସାୟନିକ ପଦାର୍ଥଠାରୁ ଆରମ୍ଭ କରି ମଣି ଏବଂ ଅଳଙ୍କାର ପର୍ଯ୍ୟନ୍ତ ବିଭିନ୍ନ ଶିଳ୍ପର ବ୍ୟବସାୟୀଙ୍କ ସହିତ ଆଲୋଚନା ପାଇଁ ଏକ ଅଧିବେଶନ ସ୍ଥିର କରିଛି। ଏହାର ଉଦ୍ଦେଶ୍ୟ ହେଉଛି ଏହି ସମସ୍ତ ଲୋକଙ୍କ ସହିତ ଆଲୋଚନା କରି ନୂତନ ବଜାର ଆଡକୁ ଆଗକୁ ବଢ଼ିବା। ସମ୍ବାଦ ସରବରାହ ସଂସ୍ଥା ପିଟିଆଇର ଜଣେ ସରକାରୀ ଅଧିକାରୀଙ୍କ ଉଦ୍ଧୃତି ଦେଇ କହିଛି ଯେ ରପ୍ତାନି ପ୍ରୋତ୍ସାହନ ମିଶନ ୨୦୨୫-୨୬ ବଜେଟ ସମୟରେ ଘୋଷଣା କରାଯାଇଥିଲା, ଏହା ଉପରେ ଦ୍ରୁତ ଗତିରେ କାମ କରାଯାଉଛି। ସେ କହିଛନ୍ତି ଯେ ଆଗାମୀ ଦୁଇ ତିନି ଦିନ ମଧ୍ୟରେ, ମନ୍ତ୍ରଣାଳୟ ରପ୍ତାନିର ବିବିଧତା ସମ୍ପର୍କରେ ଅଂଶୀଦାରମାନଙ୍କ ସହିତ ବୈଠକ କରିବ। ଭାରତ ଏହାର ମୋଟ ରପ୍ତାନିର ପ୍ରାୟ ୨୦ ପ୍ରତିଶତ ଆମେରିକାକୁ ରପ୍ତାନି କରେ। ଗତ ଆର୍ଥିକ ବର୍ଷ ଅର୍ଥାତ ୨୦୨୪-୨୫ରେ ଭାରତ ୪୩୭.୪୨ ବିଲିୟନ ଡଲାର ରପ୍ତାନି କରିଥିଲା। ୨୦୨୧-୨୨ ପରଠାରୁ, ଭାରତକୁ ଆମେରିକାର ଏକ ପ୍ରମୁଖ ବାଣିଜ୍ୟିକ ଅଂଶୀଦାର ଭାବରେ ବିବେଚନା କରାଯାଏ। ୨୦୨୪-୨୫ରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୩୧.୮ ବିଲିୟନ ଡଲାରକୁ ବୃଦ୍ଧି ପାଇଛି, ଯାହା ମଧ୍ୟରୁ ୮୬.୫ ବିଲିୟନ ଡଲାର ରପ୍ତାନି ହୋଇଥିଲା ଏବଂ ୪୫.୩ ବିଲିୟନ ଡଲାର ଆମଦାନି ହୋଇଥିଲା।

ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ଦ୍ୱାରା ପ୍ରାୟ ୪୮ ବିଲିୟନ ଡଲାରର ରପ୍ତାନି ଉପରେ ସିଧାସଳଖ ପ୍ରଭାବ ପଡ଼ିବ ବୋଲି ବିଶ୍ୱାସ କରାଯାଏ। ଯେଉଁ କ୍ଷେତ୍ରଗୁଡ଼ିକରେ ଏହି ଶୁଳ୍କ ଲାଗୁ କରାଯାଇଛି ସେଗୁଡ଼ିକ ମଧ୍ୟରେ ବୟନଶିଳ୍ପ, ମଣି ଏବଂ ଅଳଙ୍କାର, ଚମଡା ଏବଂ ଜୋତା, ପଶୁ ଉତ୍ପାଦ, ରାସାୟନିକ ପଦାର୍ଥ ଏବଂ ବୈଦ୍ୟୁତିକ ଏବଂ ଯନ୍ତ୍ରପାତି ଅନ୍ତର୍ଭୁକ୍ତ। ତଥାପି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଶକ୍ତି ଉତ୍ପାଦ ଏବଂ ଔଷଧକୁ ଏହି ପରିସର ବାହାରେ ରଖାଯାଇଛି।

### ଟ୍ରମ୍ପଙ୍କ ଟାରିଫ୍ ୱାର୍‌କୁ ମିଳିବ କଡ଼ା ଟକ୍କର୍

# ଜିନ୍‌ପିଙ୍ଗ୍‌ଙ୍କ 'ଗୁପ୍ତ ଚିଠି'କୁ ନେଇ ସବୁଠି ଚର୍ଚ୍ଚା



**ନୂଆଦିଲ୍ଲୀ,୨୮।୮:** ଆମେରିକାର ଟାରିଫ ଓ୍ୱାରକୁ ମିଳିବ କଡା ଟକ୍କର। ଟ୍ରମ୍ପଙ୍କୁ ଚେକ ଦେବାକୁ ଚୀନ୍ ତିଆରି କରୁଛି ରଣନୀତି। ଆଉ ଏଥିପାଇଁ ମାଗିଛି ଭାରତର ସାହାଯ୍ୟ। ୫ ମାସ ତଳେ ଭାରତକୁ ଜିନପିଙ୍ଗ ଲେଖିଥିବା ସିକ୍ରେଟ ଚିଠିକୁ ନେଇ ଏବେ ବଢ଼ିଲା ଚର୍ଚ୍ଚା। କିଭଳି ଟ୍ରମ୍ପକୁ ମାତ ଦେବେ ତାକୁ ନେଇ ଚିଠିରେ ଥିଲା ପୁରା ପ୍ଲାନ। ଟ୍ରମ୍ପଙ୍କ ଟାରିଫ ୱାର୍ ପରେ ସୁଧରୁଛି ଭାରତ-ଚୀନ ସମ୍ପର୍କ। ଭାରତ ଉପରେ ଏବେ ଆମେରିକା ଲଗାଇଛି ୫୦% ଟାରିଫ। ଏହାପରେ ଆମେରିକାକୁ ମୁକାବିଲା କରିବାକୁ ଏକାଠି ହୋଇଛନ୍ତି ଦୁଇ କ୍ଷମତା ସମ୍ପନ୍ନ ରାଷ୍ଟ୍ର। ୭ ବର୍ଷ ପରେ ଚଳିତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୀନ୍ ଗସ୍ତରେ ଯିବେ। ଯାହାକି ଭାରତ-ଚୀନ ସମ୍ପର୍କକୁ ନୂଆ ଦିଗକୁ ନେଇଯିବାର ସମ୍ଭାବନା ସୃଷ୍ଟି କରୁଛି। ତେବେ ଏହାର ମୂଳଦୁଆ ପକାଇଥିଲେ ନିଜେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ। ୫ ମାସ ତଳେ ଭାରତକୁ ଲେଖିଥିଲେ ଏକ ସିକ୍ରେଟ ଚିଠି। ଯାହାକୁ ନେଇ ଏବେ ଆରମ୍ଭ ହୋଇଛି ଚର୍ଚ୍ଚା। ଜିନପିଙ୍ଗ ଏହି ଚିଠି ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ଲେଖିଥିଲେ। ଯାହା ସମ୍ପର୍କରେ ପିଏମ୍ ମୋଦିଙ୍କୁ ସୂଚନା ଦିଆଯାଇଥିଲା। ଚିଠିରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ସୁଧାରିବା ସହ ଆମେରିକାର ଟାରିଫ ଓ୍ୱାରକୁ କିଭଳି ମୁକାବିଲା କରିହେବ ତା'ର ଥିଲା ପୁରା ପ୍ଲାନିଂ। ଚିଠିଟି ଅତ୍ୟନ୍ତ ସତର୍କତାର ସହ ଲେଖାଯାଇଥିଲା, ଯେଉଁଥିରେ ଆମେରିକାର ଆର୍ଥିକ କାର୍ଯ୍ୟକଳାପ ଉପରେ ଚିନ୍ତା ପ୍ରକାଶ କରାଯାଇଥିଲା। ଏହା ସହ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବାର କୂଟନୈତିକ ପ୍ରସ୍ତାବ ଦିଆଯାଇଥିଲା। ଜିନପିଙ୍ଗଙ୍କ ଚିଠି ଏପରି ଏକ ସମୟରେ ଆସିଥିଲା ଯେତେବେଳେ ଚୀନ ଏବଂ ଭାରତ ଉଭୟ ଉପରେ ୱାଶିଂଟନର ବାଣିଜ୍ୟ ଚାପ ବୃଦ୍ଧି ପାଇଥିଲା।

ଆମେରିକା ସହ ଟାରିଫ୍ ୱାରରେ ଜିନପିଙ୍ଗ ଦୁର୍ବଳ ହେବାକୁ ଚାହୁଁ ନଥିଲେ। ସେଥିପାଇଁ ସେ ସିଧାସଳଖ ଭାରତ ସହିତ ଯୋଗାଯୋଗ କରିଥିଲେ। ଜିନପିଙ୍ଗ ସମଗ୍ର ପ୍ରସଙ୍ଗକୁ ଅତ୍ୟନ୍ତ ଗୁପ୍ତ ରଖିବାକୁ ଚାହୁଁଥିଲେ। ଚିଠିରେ ଆମେରିକାର ବାଣିଜ୍ୟ ଚୁକ୍ତିନାମାକୁ ଚୀନ ସ୍ୱାର୍ଥ ପାଇଁ କ୍ଷତିକାରକ ବୋଲି କୁହାଯାଇଥିଲା। ସେ ସମୟରେ ଚୀନ ଏବଂ ଆମେରିକା ମଧ୍ୟରେ ଟାରିଫ୍ ୱାର ୨୫୦ ପ୍ରତିଶତରେ ପହଞ୍ଚିଯାଇଥିଲା। ଜୁନ ପର୍ଯ୍ୟନ୍ତ ଭାରତ ଜିନପିଙ୍ଗ ଏହି ସିକ୍ରେଟ ଲେଟର ଉପରେ କୌଣସି ପ୍ରତିକ୍ରିୟା ଦେଇନଥିଲା। ଏହି ପ୍ରସଙ୍ଗରେ ଭାରତ ସମ୍ପୂର୍ଣ୍ଣ ଭାବରେ ନିରବତା ରକ୍ଷା କରିଥିଲା। ଯେତେବେଳେ ଦୁଇ ଦେଶ ଭିତରେ ଟ୍ରେଡ ଓ୍ୱାର ଶେଷ ହେଲା ସେବେ ଯାଇ ଭାରତ ଚୀନ୍ ସମ୍ପର୍କ ଠିକ୍ କରିବାର ପଦକ୍ଷେପ ଉପରେ ପ୍ରତିକ୍ରିୟା ରଖିଥିଲା। ଏହାପରେ ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଓ ଏନଏସଏ ଅଜିତ ଡୋଭାଲ ଚୀନ୍ ଯାଇଥିଲେ। ତା ପରେ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟି ନୂଆଦିଲ୍ଲୀ ଆସିଥିଲେ। ଦୁଇ ଦେଶ ଭିତରେ ଲଗାତାର ବଢୁଥିବା ସୁ-ସମ୍ପର୍କ ଆଗାମୀ ଦିନରେ ଟ୍ରମ୍ପଙ୍କ ନିଦ ଉଡାଇପାରେ ବୋଲି ଚର୍ଚ୍ଚା ହେଉଛି।

### 'ରଣ ସମ୍ବାଦ' ସମ୍ମିଳନୀରେ ଯୋଗଦେଲେ ରାଜନାଥ

# ଏବର ଯୁଦ୍ଧ ଅନିଶ୍ଚିତ, ସବୁ ପରିସ୍ଥିତି ପାଇଁ ପ୍ରସ୍ତୁତି ଜରୁରୀ

**ଭୋପାଳ,୨୮।୮:** ସାମ୍ପ୍ରତିକ ପରିସ୍ଥିତିରେ ଦେଶର ସଶସ୍ତ୍ର ବାହିନୀକୁ ସବୁବେଳେ ସତର୍କ ରହିବାକୁ ପଡ଼ିବ। ସମସ୍ତ ପ୍ରକାରର ସୁରକ୍ଷା ଚ୍ୟାଲେଞ୍ଜର ସାମ୍ନା କରିବା ପାଇଁ ବାହିନୀ ପ୍ରସ୍ତୁତ ରହିବା ଦରକାର। ଭୂରାଜନୈତିକ ପରିବେଶ ସମ୍ପୂର୍ଣ୍ଣ ଅନିଶ୍ଚିତ ହୋଇପଡ଼ିଥିବାରୁ ସଶସ୍ତ୍ର ବାହିନୀକୁ ଏକ କମ୍ ସମୟର ସଂଘର୍ଷଠାରୁ ନେଇ ୫ ବର୍ଷର ଯୁଦ୍ଧ ପର୍ଯ୍ୟନ୍ତ ଯେକୌଣସି ସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ। ଭାରତ କଦାପି କାହାର ଭୂମିକୁ ଅଧିକାର କରିବାକୁ ଚାହେଁନି, କିନ୍ତୁ ଏହାର କ୍ଷେତ୍ରୀୟ ଅଖଣ୍ଡତାକୁ ରକ୍ଷା କରିବା ପାଇଁ ଦେଶ ଯେକୌଣସି ସ୍ତରକୁ ଯିବାକୁ ପ୍ରସ୍ତୁତ ବୋଲି ଗତକାଲି ମଧ୍ୟପ୍ରଦେଶର ମହୁସ୍ଥିତ ଆର୍ମି ୱାର କଲେଜରେ 'ରଣ ସମ୍ବାଦ' ସମ୍ମିଳନୀକୁ ସମ୍ବୋଧନ କରିବା ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି। ଶ୍ରୀ ସିଂହ କହିଛନ୍ତି ଯେ ଭାରତୀୟ ସେନା ପ୍ରତ୍ୟେକ ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବା ଉଚିତ। ଆଜିର ଯୁଗରେ ଯୁଦ୍ଧ ଏତେ ହଠାତ୍ ଓ ଅନିଶ୍ଚିତ ହୋଇଯାଇଛି ଯେ ଯୁଦ୍ଧ କେବେ ଶେଷ ହେବ ଓ କେତେ ଦିନ ଚାଲିବ, ତାହା କହିବା ଖୁବ୍ କଷ୍ଟକର। ଏହି କାରଣରୁ ଯଦି କୌଣସି ଯୁଦ୍ଧ ଦୁଇ ମାସ, ଚାରି ମାସ, ବର୍ଷେ, ଦୁଇ ବର୍ଷ କି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଚାଲେ, ତଥାପି ସେଥିପାଇଁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ଉଚିତ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସିଡିଏସ୍ ଜେନେରାଲ ଅନିଲ ଚୌହାନ, ବାୟୁସେନା ମୁଖ୍ୟ ମାର୍ଶାଲ ଏପି ସିଂହ ଏବଂ ନୌସେନା ମୁଖ୍ୟ ଆଡମିରାଲ ଦିନେଶ କେ ତ୍ରିପାଠି ମଧ ଉପସ୍ଥିତ ଥିଲେ।

**ସଶସ୍ତ୍ର ବାହିନୀକୁ ପ୍ରତିରକ୍ଷା ମନ୍ତ୍ରୀଙ୍କ ପରାମର୍ଶ**

ଏହି ଅବସରରେ ରାଜନାଥ 'ଅପରେସନ ସିନ୍ଦୂର'ର ସଫଳତା ପାଇଁ ତିନି ସେନାକୁ ପ୍ରଶଂସା କରି କହିଛନ୍ତି ଯେ ଏହା ଭାରତର ସ୍ୱଦେଶୀ ପ୍ଲାଟଫର୍ମ, ଉପକରଣ ଓ ଅସ୍ତ୍ରଶସ୍ତ୍ର ପ୍ରଣାଳୀର ସଫଳତାର ଏକ ମହାନ ଉଦାହରଣ। ଏହି ସଫଳତା ପୁଣି ଥରେ ଆତ୍ମନିର୍ଭରଶୀଳତାର ଆବଶ୍ୟକତାକୁ ଉଜ୍ଜ୍ୱଳ କରିଛି, ଯେଉଁଥିରେ ଆମକୁ ଆହୁରି ଯଥେଷ୍ଟ ବାଟ ଯିବାକୁ ବାକି ରହିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି।

SANCHAR ସଂଚାର

## ଦୁଇ ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

**ଧର୍ମଶାଳା,୨୮।୮(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ବଡମଙ୍ଗଳପୁର ଗଡ଼ାସ୍ଥିତ ଦୁଇ ଗୋଟି ଦୋକନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ବଡମଙ୍ଗଳପୁର ଗ୍ରାମର ମଦନ ମୋହନ ନାୟକ ନିଜ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ମୁଣ୍ଡରେ ନିଜ ଜାଗାରେ ଘର କରି ସିମେଣ୍ଟ ଦୋକାନ କରିବା ସହ ଏକ ଦୋକାନ ଘରକୁ ଭଡା ସୂତ୍ରରେ ସ୍ଥାନୀୟ ଚୋରମୁହାଁ ଗ୍ରାମର ମନୋଜ କୁମାର ମହାରଣାଙ୍କୁ ଦେଇଛନ୍ତି। ମଦନ ନିଜେ ସେଠାରେ ଏକ ସିମେଣ୍ଟ ଦୋକାନ କରିଥିବା ବେଳେ ଭଡାସୁତ୍ରରେ ଘର ନେଇଥିବା ମନୋଜ ଏକ ଫଣିଚର ତିଆରୀ ଦୋକାନ କରିଛନ୍ତି। ତେବେ ଗତକାଲି ଉଭୟ ଦୋକାନୀ ଦୋକାନ ବନ୍ଦ କରି ରାତିରେ ଘରକୁ ଯାଇଥିବା ବେଳେ କେହି ଦୃର୍ବୃତ ଗତକାଲି ବିଳମ୍ବିତ ରାତିରେ ସିମେଣ୍ଟ ଦୋକାନ ଗ୍ରୀଲ୍‌ର ତାଲା ଭାଙ୍ଗି ଦୋକାନରେ ପଶି ୨୦ ହଜାର ଟଙ୍କା ନଗଦ ଚୋରି କରିବା ସହ ସେଠାରେ ଥିବା ଫର୍ଣ୍ଣିଚର୍ ଦୋକାନରୁ ଲକ୍ଷାଧିକ ଟଙ୍କା ବିଭିନ୍ନ ଇଲେକ୍ଟ୍ରିକଲର ମେସିନ ବାଇଣ୍ଡର, ଡ୍ରିଲ ମେସିନ ଓ ରନ୍ଦା ମାରିବା ମେସିନ ଆଦି ଚୋରି କରି ନେଇଛନ୍ତି। ଆଜି ସକାଳେ ଏହା ଜଣାପଡ଼ିବା ପରେ ଉଭୟ ଦୋକାନୀ ମଦନ ଓ ମନୋଜ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ୫୩୦/୨୫ରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି। ତେବେ ବାରମ୍ବାର ଧର୍ମଶାଳା ଅଞ୍ଚଳରେ ଏଭଳି ଚୋରି ବୃଦ୍ଧି ପାଉଥିବା ବେଳେ ଚୋରକୁ ଧରିବାରେ ପୁଲିସ ସକ୍ଷମ ହୋଇପାରୁ ନାହିଁ। ଫଳରେ ଚୋରମାନଙ୍କ ମନୋବଳ ବୃଦ୍ଧି ପାଉଥିବା ବେଳେ ବାରମ୍ବାର ଏଭଳି ଭାବେ ଚୋରୀ ବଢିବାରେ ଲାଗିଛି।

## ସମୁଦ୍ରରେ ଓଲଟିଲା ବୋଟ୍: ବର୍ତ୍ତିଲେ ୬ ମତ୍ସ୍ୟଜୀବୀ

**ଛତ୍ରପୁର,୨୮।୮(ସଂଚାର ବ୍ୟୁରୋ):** ଗଞ୍ଜାମ ପୋଡମପେଟା ସମୁଦ୍ରରେ ଓଲଟିଲା ବୋଟ୍। ଅଳ୍ପକେ ବର୍ତ୍ତିଲେ ୬ ମତ୍ସ୍ୟଜୀବୀ, ଜଣେ ନିଖୋଜ। ନିଖୋଜ ବ୍ୟକ୍ତି ଜଣକ ଛତ୍ରପୁର ବ୍ଲକ ନୋଳିଆ ନୁଆଁ ଗାଁର ଏଙ୍ଗ. କାଲେୟା। ନିଖୋଜଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ନୋଳିଆ ନୁଆଁ ଗାଁର ୭ଜଣ ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ସମୁଦ୍ରକୁ ଯାଇଥିଲେ। ମାଛ ମାରିବା ଫଳରେ ଉଚ୍ଚ ଜୁଆର ମାଡ଼ରେ ପୋଟମପେଟା ନିକଟରେ ଡ଼ଙ୍ଗାଟି ଓଲଟି ପଡ଼ିଥିଲା। ୬ ଜଣ ମତ୍ସ୍ୟଜୀବୀ ସମୁଦ୍ର କୂଳକୁ ଆସିଥିବା ବେଳେ ଜଣେ ନିଖୋଜ ଅଛନ୍ତି। ଅଗ୍ନିଶମ ବାହିନୀ ଦ୍ୱାରା ଘଟଣାସ୍ଥଳରେ ଖୋଜାଖୋଜି ଜାରି ରହିଛି। ସେହିପରି ୨୧ ତାରିଖରେ ମାଛ ଧରିବାକୁ ଯାଇ ସମୁଦ୍ରରେ ଫସି ଯାଇଥିଲେ ୪ ମତ୍ସ୍ୟଜୀବୀ। ଏକ ସପ୍ତାହ ପରେ ସମୁଦ୍ରରୁ ଫେରିଛନ୍ତି ୪ ଜଣ ମତ୍ସ୍ୟଜୀବୀ। ମାଛ ମାରୁଥିବା ସମୟରେ ପ୍ରବଳ ବେଗରେ ପବନ ବହିବା ଫଳରେ ସେମାନଙ୍କ ବୋଟ୍‌ଟି ଓଲଟି ପଡ଼ିଥିଲା। ଏଭଳି ଘଟଣା ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଚୂଡ଼ାମଣି ପଞ୍ଚାୟତରେ ଘଟିଛି।

## ସପ୍ତାହ ପରେ ଫେରିଲେ ୪ ମତ୍ସ୍ୟଜୀବୀ

● ମାଛ ଧରିବାକୁ ଯାଇ ସମୁଦ୍ରରେ ଫସିଥିଲେ



**ବାସୁଦେବପୁର,୨୮।୮(ସଂଚାର ବ୍ୟୁରୋ):** ସମୁଦ୍ରରୁ ଫେରିଲେ ୪ ମତ୍ସ୍ୟଜୀବୀ। ଏକ ସପ୍ତାହ ପରେ ସମୁଦ୍ରରୁ ଫେରିଲେ ୪ଜଣ ମତ୍ସ୍ୟଜୀବୀ। ମାଛ ମାରୁଥିବା ସମୟରେ ପ୍ରବଳ ବେଗରେ ପବନ ବୋହିବା ଫଳରେ ବୋଟଟି ଓଲଟି ପଡିଥିଲା। ଏଭଳି ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଚୂଡ଼ାମଣି ପଞ୍ଚାୟତରେ। ୨୧ ତାରିଖରେ ମାଛ ଧରିବାକୁ ଯାଇ ସମୁଦ୍ରରେ ଫସି ଯାଇଥିଲେ। ପ୍ରଥମେ ଯାନ୍ତ୍ରିକ ତ୍ରୁଟି ତା' ପରେ ଡଙ୍ଗା ଭାଙ୍ଗିଯିବାରୁ ଫସି ରହିଥିଲେ। ଭୋକ ଉପାସରେ ସମୁଦ୍ର ଭିତରେ ପଡି ରହିଥିଲେ। ଡଙ୍ଗା ଭଗ୍ନାବଶେଷ ସହାୟତାରେ କୂଳକୁ ଆସିଥିବା ସୂଚନା ମିଳିଛି। ସମୁଦ୍ର ଭିତରେ ରହି ଅସୁସ୍ଥ ହୋଇଥିବା ଯୋଗୁଁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ୩୦ରୁ ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ

**ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଲୋକକଳା ସଂଘର ମିଳିତ ସହଯୋଗରେ ଆସନ୍ତା ୩୦ରୁ ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ ଆରମ୍ଭ ହେବ। ଏହି ମହୋତ୍ସବ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଅନୁଷ୍ଠିତ ହେବ। ଏଥିରେ ୨୦ଟି ଦଳ ଅଂଶଗ୍ରହଣ କରିବେ। ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଗୋଟିପୁଅ ସହ 'ଗୋଟିପୁଅର ଗାୟନ ବାଦନ ଓ ପରିବେଷଣ', 'ଗୋଟିପୁଅର ବିକାଶ', 'ଗୋଟିପୁଅର ମୌଳିକତା ଓ ବେଶପୋଷାକ' ଶୀର୍ଷକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହେବ।

# ବିନା ଟ୍ୟୁସନରେ ପାଠପଢ଼ା ଠପ୍

■ ୫୭%ରୁ ଅଧିକ ଶିକ୍ଷାର୍ଥୀଙ୍କ ଭରସା ଘରୋଇ କୋଚିଂ
■ ଚିନ୍ତା ବଢ଼ାଇଲା ସିଏମଏସ ସର୍ଭେ, ଶିକ୍ଷାବିତଙ୍କ ଉଦବେଗ



**ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ):** ସରକାରୀ ସ୍କୁଲ ତୁଳନାରେ ଘରୋଇ ସ୍କୁଲରେ ଶିକ୍ଷା ଖର୍ଚ୍ଚ ବାର୍ଷିକ ୯ଗୁଣା ଡେଇଁ ଯାଉଛି । ରାଜ୍ୟର ଅଧାରୁ ଅଧିକ ଛାତ୍ରଛାତ୍ରୀ ଘରୋଇ କୋଚିଂ ଉପରେ ନିର୍ଭରଶୀଳ। କେନ୍ଦ୍ରର ଶିକ୍ଷା ସମ୍ପର୍କିତ କମ୍ପ୍ରେହେନ୍ସିଭ ମଡ୍ୟୁଲାର ସର୍ଭେ ସିଏମଏସ ରିପୋର୍ଟରେ ପ୍ରକାଶିତ ଏଭଳି ତଥ୍ୟକୁ ନେଇ ଉଦବେଗ। ଉଭୟ ସରକାରୀ ଓ ଘରୋଇ ସ୍କୁଲକୁ ନେଇ ହୋଇଥିଲା ସର୍ଭେ, ଯେଉଁଥିରେ ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ ସ୍ତରରେ ୫୭.୧ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ କୋଚିଂ ସେଣ୍ଟର ବିନା ପାଠ ବୁଝିପାରୁ ନାହାନ୍ତି। ଗ୍ରାମାଞ୍ଚଳରେ ୫୪.୬ ପ୍ରତିଶତ ତ ସହରାଞ୍ଚଳରେ ୬୬.୬ ପ୍ରତିଶତ ପିଲା ହେଉଛନ୍ତି ଟ୍ୟୁସନ। ସର୍ଭେର ତଥ୍ୟ ଅନୁସାରେ, ଘରୋଇ କୋଚିଂରେ ଗ୍ରାମାଞ୍ଚଳ ଛାତ୍ରଛାତ୍ରୀଙ୍କଠାରୁ ସହରାଞ୍ଚଳ ଛାତ୍ରଛାତ୍ରୀ ଅଧିକ ଅର୍ଥ ବ୍ୟୟ କରୁଛନ୍ତି । ଦେଶର ସ୍ଥିତି ଦେଖିଲେ ସହରାଞ୍ଚଳରେ ପ୍ରତି ଛାତ୍ର ପିଛା ହାରାହାରି ୩ ହଜାର ୯୮୮ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଗାମାଞ୍ଚଳରେ ଏହା ୧ ହଜାର ୭୯୩ ଟଙ୍କା ରହିଛି । ସେହିଭଳି ହାଇସ୍କୁଲ କ୍ଷେତ୍ରରେ କୋଚିଂ ପାଇଁ ସହରାଞ୍ଚଳ ଛାତ୍ରମାନେ ହାରାହାରି ୯ ହଜାର ୯୫୦ ଟଙ୍କା ଦେଉଥିବା ବେଳେ ଗ୍ରାମାଞ୍ଚଳ ଛାତ୍ରମାନେ ୪ ହଜାର ୫୪୮ ଟଙ୍କା ଖର୍ଚ୍ଚ କରୁଛନ୍ତି । ଓଡ଼ିଶାରେ ପ୍ରାଥମିକ ସ୍କୁଲରୁ ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ତଥ୍ୟ ଦେଖିଲେ ସହାରାଞ୍ଚଳରେ ଛାତ୍ର ପିଛା ୧୦ ହଜାର ୮୯୯ ଟଙ୍କା ଏବଂ ଗ୍ରାମାଞ୍ଚଳରେ ୩ ହଜାର ୫୪୭ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ଏଥି ପାଇଁ ସ୍କୁଲରେ ଶିକ୍ଷକ ଅଭାବ ଓ ପାଠପଢ଼ାର ମାନକୁ ଦାୟୀ କରିଛନ୍ତି ଅଭିଭାବକ ଓ ଶିକ୍ଷାବିତ୍। ବିନା କୋଚିଂରେ ଆଗକୁ ବଢୁନି ପିଲାଙ୍କ ପାଠପଢା । ସ୍କୁଲ ପାଠ୍ୟକ୍ରମ ବୁଝିବା ପାଇଁ ଟ୍ୟୁସନ ଉପରେ ନିର୍ଭରଶୀଳ ଛାତ୍ରଛାତ୍ରୀ । ସର୍ଭେରୁ ଜଣାପଡିଛି ଯେ ଦେଶର ଏକ ତୃତୀୟାଂଶ ଛାତ୍ରଛାତ୍ରୀ ପାଠପଢା ପାଇଁ କୋଚିଂ ଉପରେ ନିର୍ଭର କରୁଛନ୍ତି । ଓଡିଶା ସ୍ଥିତି ଆହୁରି ଅଦବେଗ ଜନକ । ଓଡିଶାର ପ୍ରାୟ ୫୭ ପ୍ରତିଶତ ଛାତ୍ରଛାତ୍ରୀ କୋଚିଂ ଉପରେ ନିର୍ଭରଶୀଳ । ନାସନାଲ ସାମ୍ପଲ ସର୍ଭେ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ସାମ୍ନାକୁ ଆସିଛି ଏଭଳି ଉଦବେଗଜନଜ ତଥ୍ୟ । ବିଶେଷ କରି ସହରାଞ୍ଚଳରେ ଏହି ସଂଖ୍ୟା ଅଧିକ । ତଥ୍ୟ ଅନୁସାରେ ଦେଶର ସହରାଞ୍ଚଳରେ ୩୦.୭ ପ୍ରତିଶତ ଛାତ୍ରଛାତ୍ରୀ ଟ୍ୟୁସନ ଉପରେ ନିର୍ଭରଶୀଳ । ସେହିଭଳି ଗ୍ରାମାଞ୍ଚଳରେ ଏହି ସଂଖ୍ୟା ୨୫.୫ ପ୍ରତିଶତ ରହିଛି । ତେବେ ଓଡିଶା କଥା ଦେଖିଲେ ଆମ ରାଜ୍ୟର ୫୪.୬ ପ୍ରତିଶତ ଗ୍ରାମାଞ୍ଚଳ ଛାତ୍ରଛାତ୍ରୀ ଟ୍ୟୁସନ ଯାଉଥିବା ବେଳେ ସହରାଞ୍ଚଳରେ ଏହି ସଂଖ୍ୟା ୬୬.୬ ପ୍ରତିଶତ ରହିଛି । ଏଥିରୁ ସ୍ପଷ୍ଟ ଯେ ସରକାର ସ୍କୁଲ ଶିକ୍ଷା ପାଇଁ ଯେତେ ଅର୍ଥ ବରାଦ କଲେ ବି ଶିକ୍ଷାଦାନର ସ୍ତର ଆଖି ଦୃଶିଆ ହେଉନାହିଁ । ଫଳରେ ଛାତ୍ରଛାତ୍ରୀ ଘରୋଇ ଟ୍ୟୁସନ ଉପରେ ନିର୍ଭର କରୁଛନ୍ତି । ଦେଶବ୍ୟାପୀ ସିଏମଏସ ସର୍ଭେରେ ୫୨ ହଜାର ୮୫ ପରିବାର ଓ ସାଢ଼େ ୫୭ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କଠାରୁ ତଥ୍ୟ ହାସଲ ହୋଇଛି। ଯେଉଁଥିରୁ ଶିକ୍ଷା କ୍ଷେତ୍ରରେ ଏଭଳି ଆଶ୍ଚର୍ଯ୍ୟଜନକ ପାର୍ଥକ୍ୟ ପରିଲକ୍ଷିତ ହୋଇଛି।

### ପ୍ରଧାନମନ୍ତ୍ରୀଙ୍କ ମା'ଙ୍କୁ ଅସମ୍ମାନ

## ରାହୁଲଙ୍କ ଗାଲ ଓଉ କରିଦେଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ):** କଂଗ୍ରେସ ନେତାଙ୍କ ମଧ୍ୟରେ ବଢିଚାଲିଛି ରାଜନୈତିକ ଅସହିଷ୍ଣୁତା। ପ୍ରଧାନମନ୍ତ୍ରୀଙ୍କ ସ୍ୱର୍ଗତ ମାଙ୍କ ପ୍ରତି କଂଗ୍ରେସ ନେତାଙ୍କ ବିବାଦୀୟ ମନ୍ତବ୍ୟ ଏହାର ପ୍ରମାଣ। ରାହୁଲ ଗାନ୍ଧୀଙ୍କ ଏପରି ହୀନମନ୍ୟତାର ଜବାବ ଦେଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବିହାରରେ ରାହୁଲ ଗାନ୍ଧୀଙ୍କ ରାଜନୈତିକ ରାଲିରେ ଦେଶର ପ୍ରଧାନମନ୍ତ୍ରୀଙ୍କ ସ୍ୱର୍ଗୀୟା ମା' ଙ୍କ ପ୍ରତି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟର ଜବାବ ଦେବାକୁ ଯାଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ସ୍ୱର୍ଗତ ମାଆଙ୍କ ପ୍ରତି ଅପମାନଜନକ ଭାଷା ବ୍ୟବହାର ଅତ୍ୟନ୍ତ ଲଜ୍ଜାଜନକ ଏବଂ ନିନ୍ଦନୀୟ। ଏହି ଭାଷା ରାହୁଲ ଗାନ୍ଧୀ ଏବଂ ତେଜସ୍ୱୀ ଯାଦବଙ୍କ ସମେତ ସମଗ୍ର ଇଣ୍ଡି ମେଣ୍ଟର ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ପ୍ରତି ଥିବା ଘୃଣାର ଚରମ ସୀମାକୁ ଦର୍ଶାଉଛି। ଆରଜେଡି-କଂଗ୍ରେସର ନିର୍ବାଚନ ମଞ୍ଚରୁ ଆସୁଥିବା ଏହି ଘୃଣ୍ୟ ମନ୍ତବ୍ୟ ବିହାର ସମେତ ସମଗ୍ର ଦେଶର ପ୍ରତ୍ୟେକ ଭାରତୀୟଙ୍କ ପ୍ରତି ଅପମାନ, ଯେଉଁମାନେ ନିଜ ମା'ଙ୍କୁ ଭଗବାନ ବୋଲି ମାନିଥାନ୍ତି। ବିହାରକୁ ଅପମାନିତ କରୁଥିବା ଲୋକଙ୍କୁ ଉତ୍ସାହିତ କରିବା ପରେ, ବ୍ୟକ୍ତିଗତ କ୍ରୋଧ ଏବଂ ଘୃଣାରେ ପ୍ରଧାନମନ୍ତ୍ରୀଙ୍କ ସ୍ୱର୍ଗତଃ ମା'ଙ୍କ ବିରୁଦ୍ଧରେ ଏପରି ଭାଷା ଏହି ନେତା ଏବଂ ଦଳଗୁଡ଼ିକର ହୀନ ମାନସିକତା ଏବଂ ଚରମ ହତାଶାର ପ୍ରମାଣ। କଂଗ୍ରେସ ନେତାଙ୍କ ଏଭଳି ହୀନ ମାନସିକତା ପାଇଁ ଦେଶବାସୀ ତାଙ୍କୁ ଗତ ୧୧ ବର୍ଷ ହେଲା କ୍ଷମତାରୁ ଦୂରେଇ ରଖିଛନ୍ତି। ବାରମ୍ବାର ନିର୍ବାଚନରେ ଭୋଟରଙ୍କ ଆଶୀର୍ବାଦ ଏବଂ ସମର୍ଥନ ନପାଇବାର ହତାଶା ଏବେ ଏହି ନେତାମାନଙ୍କ ଭାଷା ଏବଂ ଆଚରଣରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ବିହାରର ଲୋକମାନେ ସବୁକିଛି ଦେଖୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାଆଙ୍କ ପ୍ରତି ଏହି ସମ୍ବେଦନଶୀଳ ଏବଂ ଅଶୋଭନୀୟ ଆଚରଣର ଜବାବ ଜନତା ସେମାନଙ୍କ ଭୋଟ ଜରିଆରେ ଦେବେ ବୋଲି ଶ୍ରୀ ପ୍ରଧାନ ଚେତାଇ ଦେଇଛନ୍ତି ।



ସମ୍ବଲପୁର ଭାଲୁପାଲିଠାରେ କ୍ରିଷ୍ଣା ବିକାଶ ହସ୍ପିଟାଲର ସୁପର ସ୍ପେଶାଲିଟି ୟୁନିଟର ଲୋକାର୍ପଣ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

## ଜାମ୍ମୁ-କାଶ୍ମୀରରେ ପ୍ରକୃତିର ତାଣ୍ଡବ

■ ମୃତ୍ୟୁସଂଖ୍ୟା ୪୫ରେ ପହଞ୍ଚିଲା
■ ମୁଖ୍ୟମନ୍ତ୍ରୀଙ୍କ ଚିନ୍ତା ପ୍ରକଟ

**ଶ୍ରୀନଗର,୨୮।୮:** ସମ୍ପ୍ରତି ଜାମ୍ମୁ-କାଶ୍ମୀରରେ ଲଗାତାର ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ଓ ଭୂସ୍ଖଳନଜନିତ କ୍ଷୟକ୍ଷତି କ୍ରମାଗତ ଭାବେ ବଢ଼ିଚାଲିଥିବା ଏଥିରେ ଆଜି ସୁଦ୍ଧା ୪୫ ଜଣଙ୍କର ମୃତ୍ୟୁ ଘଟିସାରିଛି। ଏହି ପ୍ରାକୃତିକ ବିପର୍ଯ୍ୟୟରେ ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଅନେକ ସ୍ଥାନରେ ସେତୁ, ବିଦ୍ୟୁତ୍ ଖୁଣ୍ଟ ଓ ମୋବାଇଲ୍ ଟାୱାର ଆଦି ଭାଙ୍ଗିଯାଇଛି। ଫଳରେ ଲକ୍ଷାଧିକ ଲୋକଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏଥିସହ କଟ୍ରାରେ ମାତା ବୈଷ୍ଣୋ ଦେବୀ ତୀର୍ଥଯାତ୍ରା ପଥରେ ଏକ ବଡ଼ ଧରଣର ଭୂସ୍ଖଳନ ଘଟି ୩୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଅନେକ ଲୋକ ଏବେ ବି ଧ୍ୱଂସାବଶେଷ ତଳେ ଚାପି ହୋଇ ଫସିରହିଥିବା ଆଶଙ୍କା କରାଯାଉଛି। ମୁଖ୍ୟମନ୍ତ୍ରୀ ଓମାର ଆବଦୁଲ୍ଲା ଏପରି ପରିସ୍ଥିତିକୁ ଅତି ଗମ୍ଭୀର ବୋଲି କହିବା ସହ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା କରିଛନ୍ତି। ପରିସ୍ଥିତି ନେଇ ସେ ଚିନ୍ତା ପ୍ରକଟ କରିବା ସହ କହିଛନ୍ତି ଯେ ଆମେ ପ୍ରାକୃତିକ ବିପର୍ଯ୍ୟୟରେ ଭୟରେ ବଞ୍ଚିପାରିବୁ ନାହିଁ। ଆମକୁ ଏହାର ମୁକାବିଲା କରିବାକୁ ପୂର୍ବ ପ୍ରସ୍ତୁତି ଓ ସତର୍କତା ଗ୍ରହଣ କରିବାକୁ ହେବ। ସେ ୨୦୧୪ ବନ୍ୟା ପରେ କ'ଣ ଶିକ୍ଷା ନେଇଛୁ ବୋଲି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ମୋଦି ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଜାମ୍ମୁ-କାଶ୍ମୀରକୁ ସମସ୍ତ ପ୍ରକାର ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଏବେ ଜାମ୍ମୁରେ ଚେନାବ ଓ ତାୱି ନଦୀର ଜଳସ୍ତର ବିପଦ ସୀମା ଉପରେ ରହିଛି। ଫଳତଃ ନିମ୍ନାଞ୍ଚଳଗୁଡ଼ିକ ଜଳମଗ୍ନ ଅବସ୍ଥାରେ ରହିଛି।

# ଓଡ଼ିଶାରେ ୨୩୬୬ ଅମୃତ ସରୋବର

**ଭୁବନେଶ୍ୱର,୨୮।୮:** ଅମୃତ ସରୋବର ଯୋଜନାର ଓଡିଶାରେ ୨୩୬୬ଟି ପୋଖରୀ ଖୋଳାଯାଇଛି ହୋଇଛି। ଏଥିରୁ କେତୋଟି ନୂତନ ଭାବେ ଖୋଳା ହୋଇଥିବାବେଳେ ଆଉ କେତେକର ପୁନଃରୁଦ୍ଧାର କରାଯାଇଛି। କେନ୍ଦ୍ରର ସରକାରଙ୍କ ଅମୃତ ସରୋବର ଯୋଜନାରେ ସମଗ୍ର ଦେଶରେ ୬୮ ହଜାରରୁ ଅଧିକ ପୋଖରୀ ଖୋଳାଯାଇଛି।

ଜଳ ସଂରକ୍ଷଣ ସହିତ ସବୁଜ ବଳୟ ସୃଷ୍ଟି ପାଇଁ କେନ୍ଦ୍ର ସରକାର ୨୦୨୨ ମସିହାରେ ଏହି ଅମୃତ ସରୋବର ଯୋଜନା ଆରମ୍ଭ କରିଥିଲେ। ଏଥିରେ ପ୍ରତ୍ୟେକ ଜିଲ୍ଲାର ଗ୍ରାମାଞ୍ଚଳରେ ୫୦ ହଜାର ପୋଖରୀ ଖନନ ଓ ପୁନରୁଦ୍ଧାର ପାଇଁ ଲକ୍ଷ୍ୟ ରଖାଯାଇଛି। ଗତବର୍ଷ ଶେଷ ସୁଦ୍ଧା ଏହି କେନ୍ଦ୍ରୀୟ ଯୋଜନାରେ ୬୮ହଜାରରୁ ଅଧିକ ପୋଖରୀ ଖନନ ଓ ପୁନରୁଦ୍ଧାର ହୋଇଥିବା ଜଣାଯାଇଛି।

ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମୋଟ୍ ୬୮,୮୨୭ଟି ପୋଖରୀ ଖନନ ଓ ପୁନରୁଦ୍ଧାର ହୋଇଥିବାବେଳେ ଏଥି ମଧ୍ୟରେ ସର୍ବାଧିକ ୧୬,୬୩୨ଟି ଉତ୍ତରପ୍ରଦେଶରେ ରହିଛି। ମଧ୍ୟପ୍ରଦେଶରେ ଏହି ସଂଖ୍ୟା ୫୮୨୬ ଥିବାବେଳେ ମହାରାଷ୍ଟ୍ରରେ ୩ହଜାରରୁ ଅଧିକ ରହିଛି ସେହିଭଳି ପଡୋଶୀ ଆନ୍ଧ୍ରପ୍ରଦେଶରେ ଅମୃତ ସରୋବର ଯୋଜନାରେ ୨୧୫୪ଟି ପୋଖରୀ ସାମିଲ ହୋଇଥିବାବେଳେ ଛତିଶଗଡରେ ୨୯୦୨, ଝାଡଖଣ୍ଡରେ ୨୦୪୭ ଓ ପଶ୍ଚିମବଙ୍ଗରେ ଏହି ସଂଖ୍ୟା ମାତ୍ର ୨୭ରହିଛି, ଯାହାକି ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ତୁଳନାରେ କମ୍।

ଦେଶର କେତେକ ଅଞ୍ଚଳରେ ଦେଖା ଦେଇଥିବା ଗୁରୁତର ଜଳସଙ୍କଟର ସମାଧାନ ପାଇଁ ଭୂତଳ ଜଳସ୍ତର ରିଚାର୍ଜ ଲାଗି ଏହି ଯୋଜନାକୁ କେନ୍ଦ୍ର ସରକାର ଆରମ୍ଭ କରିଥିଲେ। ଏହା ତତ୍କାଳ ଜଳ ସମସ୍ୟାର ସମାଧାନ ବଦଳରେ ଦୀର୍ଘସ୍ଥାୟୀ ଯୋଜନା ଥିଲା। ଏଥି ସହିତ ଏହା ଗୋଟିଏ ଦୀର୍ଘକାଳୀନ ପରିବେଶ ଅନୁକୂଳ ପ୍ରକଳ୍ପ ଭାବେ କାର୍ଯ୍ୟ କରିଥିଲା।

ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଜନଭାଗିଦାରୀ ଭାବେ ଏଥିରେ ସାମିଲ ସହିତ ଗୋଷ୍ଠିକୁ ସାଙ୍ଗରେ ନେଇ କାର୍ଯ୍ୟ କରିବାର ଲକ୍ଷ୍ୟ ଥିଲା। ଏହି ଯୋଜନାରେ ୨୨୦୩ ସ୍ୱାଧୀନତା ସଂଗ୍ରାମୀ, ପଞ୍ଚାୟତର ୨୨,୯୯୩ ବୟସ୍କ ସଦସ୍ୟ, ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରର ୩୮୫ଜଣ ସଦସ୍ୟ, ଶହୀଦଙ୍କ ପରିବାରର ୭୪୨ ସଦସ୍ୟ ଏବଂ ୬୯ଜଣ ପଦ୍ମ ସମ୍ମାନିତ ବ୍ୟକ୍ତିଙ୍କୁ ଏହି ମିଶନରେ ସାମିଲ କରାଯା।ଇଥିଲା। ଏଥି ସହିତ ନିମ୍ବ, ବର, ଓସ୍ତ ସହିତ ଅନ୍ୟାନ୍ୟ ଉପକାରୀ ବୃକ୍ଷ ଅମୃତ ସରୋବର ପୋଖରୀ ନିକଟରେ ରୋପଣ କରାଯାଇଥିଲା। ପାଖାପାଖି ଏହି ଯୋଜନାରେ ପୋଖରୀ କୂଳରେ ୨୩ଲକ୍ଷ ବୃକ୍ଷ ରୋପଣ କରାଯାଇଥିଲା।

ଆଇଆଇଟି ଦିଲ୍ଲୀ କରିଥିବା ଅନୁଧ୍ୟାନରୁ ଜଣାପଡିଥିଲା ଯେ ଏହି ଯୋଜନା କାର୍ଯ୍ୟକାରୀ ହେବାପରେ ଜଳାଶୟ ଗୁଡିକରେ ଜଳସ୍ତର ୧୬.୩ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଶୁଖିଯାଉଥିବା ପୋଖରୀ ସଂଖ୍ୟା ୪୨ ପ୍ରତିଶତ ହ୍ରାସ ପାଇଥିଲା। ଜିଆଇଜେଡ୍ ପକ୍ଷରୁ ହୋଇଥିବା ଅନୁଧ୍ୟାନ ଅନୁଯାୟୀ ଦେଶରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ କୃଷି, ପରିବେଶ ଏବଂ ଜୀବିକା କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେଉଛି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାହୁଲଙ୍କୁ...

ବ୍ୟକ୍ତିଗତ ଆକ୍ଷେପ କରିବା କଂଗ୍ରେସ ନେତାଙ୍କ ରାଜନୈତିକ ଅସହିଷ୍ଣୁତାର ପରିଚୟ। ରାଜନୈତିକ ସମୀକ୍ଷକମାନେ ମଧ୍ୟ କଂଗ୍ରେସ ଓ ତା ସହଯୋଗୀ ଦଳର ନେତାଙ୍କ ଏଭଳି ବକ୍ତବ୍ୟ ରାଜନୀତିରେ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ସେପଟେ ପ୍ରଧାନମନ୍ତ୍ରୀ ଓ ତାଙ୍କ ମାଙ୍କ ପ୍ରତି କଂଗ୍ରେସ ନେତାଙ୍କ ବକ୍ତବ୍ୟକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି।

## ପଶ୍ଚିମ...

ସେହିପରି ଚଳିତବର୍ଷ ବଲାଙ୍ଗୀର ଶୈଳଶ୍ରୀ ପ୍ୟାଲେସ୍‌ରେ ରାଜପରିବାର ସଦସ୍ୟ ନୂଆଁଖାଇ ଉତ୍ସାହର ସହ ପାଳନ କରିଥିଲେ। ପ୍ୟାଲେସ ପରିସରରେ ଥିବା ମନ୍ଦିରରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ପରେ ରାଜପରିବାର ସଦସ୍ୟମାନେ ଏକାଠି ବସି ନୂଆ ଖାଇଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବଲାଙ୍ଗୀର ଲୋକସଭା ସଦସ୍ୟା ସଙ୍ଗୀତା କୁମାରୀ ସିଂଦେଓ ମା'ଙ୍କ ଦର୍ଶନ ପରେ ନବାନ୍ନ ଗ୍ରହଣ କରିଥିଲେ। ବଲାଙ୍ଗୀର ବିଧାୟକ କଳିକେଶ ନାରାୟ ସିଂହଦେଓ, ମେଘନା ସିଂହଦେଓ ଶୈଳଶ୍ରୀ ପ୍ୟାଲେସ୍‌ରେ ଏକାଠି ବସି ନବାନ୍ନ ସେବନ କରିଥିଲେ। ନୂଆଁ ଖାଇ ସାରିବା ପରେ ଜୁହାର ଭେଟ ହୋଇଥିଲେ। ସେମାନେ ଗଣମାଧ୍ୟମ ଜରିଆରେ ବଲାଙ୍ଗୀରବାସୀଙ୍କ ସମେତ ଓଡ଼ିଶାବାସୀଙ୍କୁ ନୂଆଁଖାଇ ଜୁହାର ଜଣାଇଥିଲେ। ନୂଆଁଖାଇ କୃଷିଭିତ୍ତିକ ପର୍ବ ହୋଇଥିବାରୁ ଚାଷୀବର୍ଗଙ୍କୁ ମଧ୍ୟ ରାଜପରିବାରର ସଦସ୍ୟସଦସ୍ୟାମାନେ ଶୁଭେଚ୍ଛା ଜଣାଇଥିଲେ। ବଲାଙ୍ଗିର ପାଟଣା ଅଧିଷ୍ଠାତ୍ରୀ ଦେବୀ ମା' ପାଟଣେଶ୍ୱରୀଙ୍କ ପୀଠରେ ବିଶୁଦ୍ଧ ଲଗ୍ନ ଅନୁସାରେ ନବାନ୍ନ ଲାଗି ହୋଇଥିଲା। ପାର୍ଶ୍ୱ ଦେବାଦେବୀ ପୂଜା ସହ ମା'ଙ୍କ ଗୁପ୍ତନୀତିରେ ନବାନ୍ନ ଲାଗି ପୂର୍ବକ ମହା ଆଳତି ହୋଇଥିଲା। ମା'ଙ୍କ ପାଖରେ ସ୍ୱତନ୍ତ୍ର ଭୋଗ ସହ ନୂଆଁ ଅନ୍ନ ଲାଗି ହୋଇଥିଲା। ମନ୍ଦିର ତରଫରୁ ଭକ୍ତମାନଙ୍କ ପାଇଁ ନବାନ୍ନ ପ୍ରସାଦ ନେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ଇଷ୍ଟଦେବୀଙ୍କ ଲାଗି ପ୍ରସାଦ ନେଇ ଜନତା ନିଜ ଘରେ ପରିବାର ସହ ନବାନ୍ନ ଭକ୍ଷଣ କରିଥିଲେ। ମୁଖ୍ୟ ପୂଜକ ମଳୟ ଦିଶ୍ରୀ, ମଧୁସୂଦନ ଦିଶ୍ରୀ, ଅଭିନାଶ ଦିଶ୍ରୀ ସହଯୋଗ କରିଥିଲେ। ମନ୍ଦିର ରେ ଭକ୍ତମାନଙ୍କ ପାଇଁ ୨ହଜାର ରୁ ଉର୍ଦ୍ଧ୍ୱ ନବାନ୍ନ ଭୋଗ ପାଇଥିଲେ। ବିଭିନ୍ନ କମିଟି ସହ ଦେବାଳୟ ସୁରକ୍ଷା କମିଟିର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

## 'ନୂଆଁଖାଇ'ରେ...

ଶୁଭ ଦିନରେ ଛାତ୍ରଛାତ୍ରୀ, ଯୁବକଯୁବତୀ, ଶ୍ରମିକ, କୃଷକ, ସୈନିକ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ଏଥିସହ ନୂଆଁଖାଇ ସମସ୍ତଙ୍କର ଜୀବନରେ ନୂଆ ଆଶା ସଞ୍ଚାର କରିବା ସହ ମାଁ ସମଲେଇ, ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କ ଜୀବନରେ ହସ ଖୁସି ସୁଖ ଶାନ୍ତି ଉନ୍ନତି ପ୍ରଗତି ସଫଳତା ଆଦିରେ ଭରି ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପ୍ରାର୍ଥନା କରିଛନ୍ତି।

## ନବାନ୍ନ...

ସଂସ୍କୃତି, ଐତିହ୍ୟ, ଇତିହାସ, ପର୍ଯ୍ୟଟନ ସହ ଏଠାରେ ଥିବା ସମ୍ଭାବନା ଉପରେ ମଧ୍ୟ କେନ୍ଦ୍ର ମନ୍ତ୍ରୀ ଆଲୋଚନା କରିଥିଲେ।

ଏହି ଅବସରରେ ଶ୍ରୀ ପ୍ରଧାନ ଓଡ଼ିଶାବାସୀଙ୍କୁ ନୂଆଁଖାଇର ଶୁଭେଚ୍ଛା ଜଣାଇବାକୁ ଯାଇ କହିଛନ୍ତି ଯେ ନୂଆଁଖାଇ ଚାଷୀ ଓ ଚାଷର ଉନ୍ନତି ଓ ସମୃଦ୍ଧିର କଥା କୁହେ। ଏହି ପର୍ବରେ ନବାନ୍ନର ସ୍ୱତନ୍ତ୍ରତା ରହିଛି। ଆଜି ଐତିହାସିକ ସିନ୍ଦୁରପଙ୍କ ଅଞ୍ଚଳକୁ ଆସିଥିଲି। ଏହି ଅଞ୍ଚଳର ଶ୍ୟାମସୁନ୍ଦର ପତିଙ୍କ ପରିବାର ସଦସ୍ୟଙ୍କ ସହ 'ନବାନ୍ନ' ଖାଇ ନୂଆଁଖାଇ ପାଳନ କରିବା ମୋର ସୌଭାଗ୍ୟ। ନୂଆଁଖାଇ କେବଳ ଏକ ପର୍ବ ନୁହେଁ ବରଂ ଏକ ଭାବାବେଗ। ଏହି ଦିନ ଏକାଠି ହେବା ଓ ସାଥୀ ହୋଇ ନବାନ୍ନ ଖାଇବା ଏହି ପର୍ବର ବିଶେଷତା। ଆଜିଭଳି ଏକ ପବିତ୍ର ଦିନରେ ସମ୍ବଲପୁରରେ ନୂଆଁଖାଇ ପାଳନ କରି ବହୁତ ଖୁସି ଅନୁଭବ କରୁଛି। ସପରିବାର ସ୍ନେହ, ଶ୍ରଦ୍ଧା ଓ ଆତିଥେୟତା ପାଇଁ ଶ୍ରୀ ପ୍ରଧାନ କୃତଜ୍ଞତା ଜଣାଇଛନ୍ତି।

ସେ ଆହୁରି କହିଥିଲେ ଯେ 'ନୂଆଁଖାଇ'ରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ନେବା ମୋର ସୌଭାଗ୍ୟ। ଆତ୍ମୀୟତା, ଚାଷୀ ଓ ଚାଷର ଉନ୍ନତି ଏବଂ ସାଂସ୍କୃତିକ ସମାହାରର ପର୍ବ ନୂଆଁଖାଇ। ଆଜି ଭଳି ଦିନରେ ମା'ସମଲେଇଙ୍କ ମନ୍ଦିର ପରିସରରେ ଦଳୀୟ ମନ୍ତ୍ରୀ, ବିଧାୟକ, ରାଜ୍ୟ ବାହାରୁ ଆସିଥିବା ଗଣମାଧ୍ୟମର ବନ୍ଧୁ ଏବଂ ସାମାଜର ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସହ 'ନବାନ୍ନ ପ୍ରସାଦ' ଗ୍ରହଣ କରିବାର ସୌଭାଗ୍ୟ ଲାଭ କଲି। କୃଷିଭିତ୍ତିକ ଗଣପର୍ବ 'ନୂଆଁଖାଇ'ରେ ନବାନ୍ନର ସ୍ୱତନ୍ତ୍ରତା ରହିଛି। ନୂଆଁଖାଇ ସମସ୍ତଙ୍କ ପାଇଁ ଆଶା ଓ ସମ୍ଭାବନା ଆଣିଦେଉ। ଏହି ବିଶେଷ ଉତ୍ସବ ସମାଜରେ କରୁଣା, ଭାଇଚାରା ଓ ସୌହାର୍ଦ୍ଦ୍ୟଭାବ ଭାବନା ତିଆରି କରୁ, ଏହା ମା'ଙ୍କ ପାଖରେ ଶ୍ରୀ ପ୍ରଧାନ ପ୍ରାର୍ଥନା କରିଛନ୍ତି। ମା 'ସମଲେଶ୍ୱରୀ ମନ୍ଦିର ପରିସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସାଥୀରେ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଦିଲ୍ଲୀ ଏବଂ ବାହାରୁ ଆସିଥିବା ବିଶିଷ୍ଟ ସାମ୍ବାଦିକଗଣ ଓ ପ୍ରମୁଖ ବ୍ୟକ୍ତିବିଶେଷମାନେ ନବାନ୍ନ ଗ୍ରହଣ କରିଥିଲେ।

## ବ୍ଲକ୍ ପରେ...

କଥା ହେଲା ଏକଦା ବିଜେଡି ଗଡ଼ ଥିବା ଗଞ୍ଜାମ ଏବଂ ଯାଜପୁରରେ ସ୍ଥିତି ବେଶି ଜଟିଳ। କେଉଁଠି ଅନାସ୍ଥା ତ କେଉଁଠି ଦଳରେ ସାମିଲ କରି ବ୍ଲକ୍ ଦଖଲ କରୁଛି ଦଳ। ନିକଟରେ ଧର୍ମଶାଳା ବ୍ଲକ୍ ପଦରୁ ପ୍ରଣବଙ୍କ ଭାଇ ପ୍ରଭାତ ବଳବନ୍ତରାୟ ଇସ୍ତଫା ଦେବା ପରେ ବ୍ଲକ୍ ଏକ ପ୍ରକାର କବଜାକୁ ନେଇଯାଇଛି ବିଜେପି। ୨୪ ତାରିଖରେ ରାଜ୍ୟ କାର୍ଯ୍ୟାଳୟରେ ବଡ଼ଚଣା ବ୍ଲକ ଅଧ୍ୟକ୍ଷା ଏବଂ ଉପାଧ୍ୟକ୍ଷ ବିଜେପିରେ ସାମିଲ ହୋଇଛନ୍ତି।

୧୪ ମାସ ଭିତରେ ପ୍ରାୟ ୩୦ରୁ ଅଧିକ ବ୍ଲକ୍ ଦଖଲ କରିସାରଲାଣି ବିଜେପି। ପୂର୍ବରୁ ଉଦଳା, ଧର୍ମଶାଳା, ବଡ଼ଚଣା, ବଡ଼ମ୍ବା, କେନ୍ଦୁଝର ସଦର, ସାହରପଡ଼ା, ତେନ୍ତୁଳିଖୁଣ୍ଟି, ଜୟପୁର, ବେଲଗୁଣ୍ଠା ବ୍ଲକରେ ନିର୍ବାଚିତ ପ୍ରତିନିଧିମାନେ ସିଧାସଳଖ ବିଜେପିରେ ମିଶିଛନ୍ତି। ଏହା ସହ ଅନାସ୍ଥା ଆଣି ଖଲ୍ଲିକୋଟ, ଢେଙ୍କାନାଳ ସଦର, ମହାକାଳପଡା, ପାଟଣା ବ୍ଲକ ବି ହାତେଇଛି ବିଜେପି। କୁହାଯାଉଛି କିଛି ବ୍ଲକରେ ଅଧ୍ୟକ୍ଷ ଏବଂ ନିର୍ବାଚିତ ପ୍ରତିନିଧିମାନେ ବିଜେଡିରେ ଥାଇ ବି ଭିତିରିଆ ଶାସକ ଦଳ ସହିତ ସମ୍ପର୍କରେ ଅଛନ୍ତି।

ଅବଶ୍ୟ ରାଜ୍ୟ ବିଜେପିର ଅବସ୍ଥା ବି କିଛି ଠିକ ନାହିଁ। ଏନଏସି ଗଠନଠାରୁ ଆରମ୍ଭ କରି ନିଗମରେ ନିଯୁକ୍ତି ପର୍ଯ୍ୟନ୍ତ ଦଳରେ ନେତାଙ୍କ ମଧ୍ୟରେ ସହମତି ହୋଇପାରୁନି। ଗୋଟିଏ ପରେ ଗୋଟିଏ ଜିଲ୍ଲାରେ ବିଜେଡି ଗଡ ଦୁର୍ବଳ ହେଉଛି। ଆଉ ଆଗାମୀ ପଞ୍ଚାୟତ ହେଉ କି ପୌର ନିର୍ବାଚନ ଏହାର ଫାଇଦା କଂଗ୍ରେସ ନେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଯେଉଁଥିପାଇଁ ବିଜେପି ବିଜେଡି ଲଢେଇକୁ ମୁରୁକୁନ୍ଦି ମାରି ଉପଭୋଗ କରୁଛନ୍ତି ପିସିସି ସଭାପତି ଭକ୍ତ ଦାସ। ଏମିତି ବି ସୌଭାଗ୍ୟବଶତଃ ବିଜେଡିର ବିଫଳତା ପାଇଁ କଂଗ୍ରେସ ରାଜ୍ୟର ବିଭିନ୍ନ ରାଜନୈତିକ ପ୍ରସଙ୍ଗରେ ଅଧିକ ଆକ୍ଟିଭ ହୋଇଛି।

## ପାକିସ୍ତାନର ...

ତଦନ୍ତରୁ ଜଣାପଡିଛି ଯେ ଉକ୍ତ ୩ ଜଣ ବୈସାରନକୁ ଟାର୍ଗେଟ କରିବା ପୂର୍ବରୁ ଏହାର ରେକି କରିଥିଲେ। କାରଣ ଏହା ତୁଳନାତ୍ମକ ଭାବେ ବିଚ୍ଛିନ୍ନ ଥିଲା। ତା'ଛଡ଼ା ଏଠାରେ ପୁଲିସ୍ ଉପସ୍ଥିତି ବି କମ୍ ଥିଲା। ଅଧିକନ୍ତୁ ଉକ୍ତ ଅଞ୍ଚଳରେ ପର୍ଯ୍ୟଟକଙ୍କ ଭିଡ଼ ବି ରହିଥିଲା। ସେମାନେ ଖାଦ୍ୟ ଓ ଆଶ୍ରୟ ବଦଳରେ ସ୍ଥାନୀୟ ଅଞ୍ଚଳର ଦୁଇ ଜଣ ଓଭରଗ୍ରାଉଣ୍ଡ କର୍ମଚାରୀଙ୍କୁ ୩ ହଜାର ଟଙ୍କା ମଧ୍ୟ ଦେଇଥିଲେ। ଏଜେନ୍ସି ଗିରଫ କରିଥିବା ଦୁଇ ଓଜିଡବ୍ଲ୍ୟୁଙ୍କ ବିରୁଦ୍ଧରେ ଏକ ଚାର୍ଜସିଟ୍ ଦାଖଲ କରିବାକୁ ଏନ୍‌ଆଇଏ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

## ଭୁବନେଶ୍ୱର...

ଦାଖିଲ କରୁଥିବା ବେଳେ ସେଥିରୁ ମାତ୍ର ୧୬ ପ୍ରତିଶତ ମାମଲାରେ କାର୍ଯ୍ୟାନୁଷ୍ଠାନ ହେଉଛି। ପୁଲିସ ପାଟ୍ରୋଲିଂର ଅଭାବ, ଷ୍ଟ୍ରିଟ ଲାଇଟ ଓ ସିସିଟିଭିର ଅଭାବ, ଅସୁରକ୍ଷିତ ଓ ବିପଦସଙ୍କୁଳ ପରିବହନ ବ୍ୟବସ୍ଥା ମହିଳାଙ୍କ ଅସୁରକ୍ଷାର କାରଣ ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି।

## ସଡ଼କ...

ମନ୍ତ୍ରୀଙ୍କ ଗାଡି କଟକ ଉପକଣ୍ଠରେ ଦୁର୍ଘଟଣାର ଶିକାର ହୋଇଥିବାବେଳେ ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପରିବାର ଓ ବିଧାୟକଙ୍କ ଗାଡି ଦୁର୍ଘଟଣାର ଶିକାର ହୋଇଥିଲା। ଖୋଦ୍ ରାଜଧାନୀରେ ଆମ ବସ୍ ଦୁର୍ଘଟଣାରେ ବି ବ୍ରେକ୍ ଲାଗିପାରୁନାହିଁ।

ଦୁର୍ଘଟଣା ରୋକିବା ପାଇଁ ପରିବହନ ଓ ପୁଲିସ୍ ବିଭାଗ ବି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏପରିକି ଗାଡି ଚାଳକଙ୍କୁ ରାତି ସାରା ମାଗଣା ଚା' ବାଣ୍ଟୁଛନ୍ତି। ରାସ୍ତା ଘାଟରେ ଗାଡି ଚେକିଂ ହେଉଛି। ମଦୁଆ ଗାଡି ଚାଳକଙ୍କ ବିରୁଦ୍ଧରେ ପୁଲିସ୍ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରୁଛି। ଏସବୁ ସତ୍ତ୍ୱେ ବି ଦୁର୍ଘଟଣା କମିବା ବଦଳରେ ବର୍ଷକୁ ବର୍ଷ ବଢିବାରେ ଲାଗିଛି। ତେବେ ରାଜ୍ୟରେ ଦୁର୍ଘଟଣା ହ୍ରାସ ପାଇଁ ମାଡ୍ରାସ ଆଇଆଇଟି ସହିତ ବୁଝାମଣା ହେବାପରେ ସ୍ଥିତିରେ ଉନ୍ନତି ଆସିବ ବୋଲି ସମସ୍ତେ ଅପେକ୍ଷା କରିଥିବାବେଳେ ସେଭଳି କିଛି ପରିଲକ୍ଷିତ ହେଉନାହିଁ। ବରଂ ପ୍ରତିଦିନ ଦୁର୍ଘଟଣା ଖବର ଗଣମାଧ୍ୟମର ଶିରୋନାମା ମଣ୍ଡନ କରିବାରେ ଲାଗିଛି।

ତେଣୁ ଦୁର୍ଘଟଣା ରୋକିବାପାଇଁ ପୁଲିସ୍, ପରିବହନ ବିଭାଗ ଓ ପୂର୍ତ୍ତ ବିଭାଗ ନେଇଥିବା ପଦକ୍ଷେପ ସଂକ୍ରାନ୍ତରେ ଯେଭଳି ସର୍ବସାଧାରଣ ସୂଚନା ପ୍ରକାଶିତ ହେଉଛି, ଅନୁରୂପ ଭାବେ ମାଡ୍ରାସ ଆଇଆଇଟି ସହିତ ଅନ୍ୟ ଯେଉଁ ସଂସ୍ଥାମାନେ ଦୁର୍ଘଟଣା ହ୍ରାସ ପାଇଁ ରାଜ୍ୟ ସରକାରଙ୍କ ସହିତ ରାଜିନାମା କରିଛନ୍ତି ସେମାନେ ଓଡିଶାରେ କି ପ୍ରକାର କାର୍ଯ୍ୟ କରୁଛନ୍ତି ତାହାର ବିସ୍ତୃତ ସୂଚନା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରିବାକୁ ମତପ୍ରକାଶ ପାଉଛି।

## ରାଜା...

ବାଢୁଛନ୍ତି ଅନ୍ୟ ନେତାମାନେ। ଦଳ ଯେତେବେଳେ କ୍ଷମତାରେ ଥିଲେ, ଏହି ନେତାମାନେ ଭାବୁଥିଲେ ନବୀନ କେବଳ ତାଙ୍କର। କାହାକୁ ପାଖ ପରାଇ ଦେଉନଥିଲେ। ଏପରିକି ଏବେ ଯେଉଁ ପାଣ୍ଡିଆନଙ୍କ ଆଡେ ଅଙ୍ଗୁଳି ଉଠାଉଛନ୍ତି, ସେତେବେଳେ ସେଇ ପାଣ୍ଡିଆନଙ୍କ ଦୟାରେ ବଳିଆନ ହୋଇଥିଲେ। ଏକଥା ବୋଧହୁଏ ରାଜା, ଋଷି ଓ ଅଶୋକ ପଣ୍ଡା ଭୁଲିଯାଉଛନ୍ତି।

ଉଲ୍ଲେଖନୀୟ ଯେ କିଛିଦିନ ତଳେ ଦଳର ବରିଷ୍ଠ ନେତାମାନେ ଅସନ୍ତୁଷ୍ଟ ହୋଇ ରାଜଧାନୀର ବିଭିନ୍ନସ୍ଥାନରେ ଯେଉଁ ମେଳି କରିଥିଲେ ଅଶୋକ ତାହାର ମୁଖ୍ୟ କାର୍ପଟଦାର ଥିବା ଆଲୋଚନା ହୋଇଥିଲା। ଅବଶ୍ୟ ସେତେବେଳେ ନବୀନ ପଟ୍ଟନାୟକ ନିଜେ ଏଭଳି ଘଟଣାକୁ ପ୍ରଶମିତକରିବାପାଇଁ ପଦାକୁ ବାହାରିବା ସହିତ ଅସନ୍ତୁଷ୍ଟମାନେ ବାହାରେ ବୈଠକ ନକରି ଶଙ୍ଖଭବନରେ ବୈଠକ କରିବାକୁ କହିଥିଲେ। ଏହା ଏକ ପ୍ରକାର ଚେତାବନୀ ଥିବାରୁ ଅଶୋକଙ୍କ ସମେତ ଅନ୍ୟ ଅସନ୍ତୁଷ୍ଟମାନେ ଆଗକୁ ବଢ଼ିପାରି ନଥିଲେ। ଏବେ ମଉକା ଦେଖି ଅଶୋକ ପୁଣିଥରେ ନିଜର ପୁରୁଣା ରୂପ ଦେଖାଉଥିବା ନେଇ ଦଳୀୟ ମହଲରେ ଆଲୋଚନା ଚାଲିଛି।

## ପଶିଆସିଲେ ...

ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ନିୟମିତ ଭାବେ ନଜର ରଖିଛି। ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ସାମ୍ନାକୁ ଆସିବା ପରେ ସମଗ୍ର ଅଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇଛି। ବିଶେଷକରି ନେପାଳ ସୀମାବର୍ତ୍ତୀ ଆରାରିଆ, କିଶନ୍‌ଗଞ୍ଜ, ସୁପୌଲ୍, ଭାଗଲପୁର ଆଦି ଅଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇଛି। ଏହାଛଡ଼ା ସୀତାମାଢ଼ି, ମଧୁବନି, ପୂର୍ବ ଚମ୍ପାରନ୍ ଓ ପଶ୍ଚିମ ଚମ୍ପାରନ୍ ଆଦି ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ସେହିପରି ଏହି ଆତଙ୍କୀମାନଙ୍କ ସ୍କେଚ୍ ଜାରି କରିଛି ସ୍ଥାନୀୟ ପୁଲିସ୍।

# ବର୍ଷାରେ ବେହାଲ ପରିବା ବଜାର

## କାଦୁଅ ପଚପଚରେ ଘୂରୁଛନ୍ତି ଗ୍ରାହକ

## ନିରବ ଲୋକ ପ୍ରତିନିଧି, ନିର୍ବିକାର ପ୍ରଶାସନ



**କାକଟପୁର/ଅସ୍ତରଙ୍ଗ,୨୮।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ସମେତ ସନ୍ନିକଟ ଅଞ୍ଚଳର ଶତାଧିକ ପରିବାର ଅସ୍ତରଙ୍ଗ ସାପ୍ତାହିକ ପରିବା ହାଟ ଓ ପରିବା ବଜାର ଉପରେ ନିର୍ଭର କରିଥାନ୍ତି। କିଛି ଦିନ ହେବ ଲଗାଣ ବର୍ଷା ଲାଗି ରହିଥିବା ବେଳେ ବର୍ଷା ଯୋଗୁଁ ପରିବା ବଜାର ସମେତ ସାପ୍ତାହିକ ହାଟକୁ ଥିବା ବିଭିନ୍ନ ବାଟ କାଦୁଅରେ ପରିପୂର୍ଣ୍ଣ। ପ୍ରବେଶ ବାଟରେ ପାଣି ଜମୁଥିବା ବେଳେ ଜଳ ନିଷ୍କାସନ ପାଇଁ କୌଣସି ସୁବିଧା ନ ଥିବାରୁ ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି।

ଅନ୍ୟ ପଟେ ହାଟ ବିଭିନ୍ନ ପାର୍ଶ୍ୱରେ ପଚା ପରିବା ସାଙ୍ଗକୁ କାଦୁଅ ପଚପଚ ହୋଇ ଗ୍ରାହକ ପରିବା କିଣିବା ପାଇଁ ବଜାରରେ ଘୁରି ବୁଲୁଥିବା ଦେଖିବାକୁ ମିଳୁଛି। ବେପାରୀ, ଚାଷୀ ଓ ଖାଉଟି ସମସ୍ତେ ପୁତିଗନ୍ଧମୟ ପରିବେଶରେ ପ୍ରବେଶ କରୁଥିଲେ ମଧ ଏହାର ପ୍ରତିକାର ଦିଗରେ କେହି ପଦକ୍ଷେପ ନେଉନାହାନ୍ତି। ନିର୍ବାଚିତ ଲୋକ ପ୍ରତିନିଧି ମାନେ ନୀରବତା ଅବଲମ୍ବନ କରୁଥିବା ବେଳେ ପ୍ରଶାସନିକ ଅଧିକାରୀ ମାନେ ନିର୍ବିକାର ଭାବେ ରହିଛନ୍ତି। ଯାହାକୁ ନେଇ ଯାତାୟାତ କରୁଥିବା ଚାଷୀ, ବ୍ୟବସାୟୀ ଓ କ୍ରେତାଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ନିକଟରେ ଥିବା ସାପ୍ତାହିକ ହାଟ ଅସ୍ତରଙ୍ଗ ପଂଚାୟତ ମାଧ୍ୟମରେ ପରିଚାଳନା ହେଉଛି। ପ୍ରତି ମଙ୍ଗଳବାର ଓ ଶନିବାର ଏହି ହାଟରେ କାରବାର ହୋଇଥାଏ। ହାଟକୁ ଆଖପାଖ ଅଞ୍ଚଳ ସହ କୋଣ ଅନୁକୋଣରୁ ବେପାରୀ ଏହି ହାଟକୁ ଆସିଥାନ୍ତି। ଅସ୍ତରଙ୍ଗ ବଜାର ସମେତ ୧୦ରୁ ୧୫କିଲୋମିଟର ସନ୍ନିକଟ ଗ୍ରାମରୁ ବେପାରୀ ଓ ଖାଉଟି ଏହି ହାଟ ଉପରେ ନିର୍ଭର କରିଥାନ୍ତି।

ପୂର୍ବରୁ ଏହି ସବୁ କିଛି ସ୍ଥାନ କଂକ୍ରିଟ ଥିଲା, ରକ୍ଷଣାବେକ୍ଷଣ ଅଭାବରୁ ଧୀରେ ଧୀରେ ନଷ୍ଟ ହୋଇଗଲା ପରେ ଏପରି ଅବସ୍ଥା ହୋଇଛି। ବର୍ଷାରେ ହାଟ ଚାରିଆଡ଼େ କାଦୁଅ ପଚପଚ। ପଚାସଢ଼ା ପରିବା ପଡି ସଢ଼ି ପୁତିଗନ୍ଧମୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ସ୍ଥାନଟି ଏବେ ଗାଈ ଷଣ୍ଢଙ୍କ ଚରାଭୂଇଁ ପାଲଟିଛି। ଜିଲ୍ଲା ପ୍ରଶାସନ ଚାଷୀ, ବ୍ୟବସାୟୀ ଓ ଖାଉଟିଙ୍କ ସୁବିଧା ପାଇଁ ଅତ୍ୟାଧୁନିକ ସେଡ ସହ ହାଟ ଉନ୍ନତିକରଣ କରିବାକୁ ସ୍ଥାନୀୟ ଲୋକ ଦାବୀ କରିଛନ୍ତି।

# ଏନଏସି ଘୋଷଣା ଦାବିରେ ବିଧାୟକଙ୍କ ଆନ୍ଦୋଳନ ଚେତାବନୀ



**ବୋରିଗୁମ୍ମା,୨୮।୮ (ସଂଚାର ବ୍ୟୁରୋ):** ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟରେ ୧୨ଟି ବ୍ଲକକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବରେ ଘୋଷଣା କରାଯାଇଛି। ମାତ୍ର ପୂର୍ବରୁ ଏନ ଏସି ଭାବରେ ଘୋଷଣା ହୋଇଥିବା ବୋରିଗୁମ୍ମା ବ୍ଲକ ଏଥିରୁ ବାଦ ପଡ଼ିଛି। ଯାହାକୁ ନେଇ ବୋରିଗୁମ୍ମା ବ୍ଲକ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପକ୍ଷରୁ ବ୍ଲକ ସ୍ଥିତ ଡାକବଙ୍ଗଳା ପରିସରରେ ଗୁରୁବାର ପୂର୍ବାହ୍ନରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କଂଗ୍ରେସ ଉପ ସଭାପତି ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଏହି ଖବରଦାତା ସମ୍ମିଳନୀରେ କୋରାପୁଟ ଜିଲ୍ଲାର ବୋରିଗୁମ୍ମା ସହରକୁ ଆସନ୍ତା ୩୧ ତାରିଖ ସ୍ୱାୟତ ଶାସନ ଦିବସ ଦିନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ସରକାର ଘୋଷଣା ନ କଲେ କଂଗ୍ରେସ ପକ୍ଷରୁ ଜୋରଦାର ଆନ୍ଦୋଳନ କରିବ ବୋଲି ଜୟପୁର ବିଧାୟକ ତଥା ରାଜ୍ୟ କଂଗ୍ରେସ ଉପସଭାପତି ତାରାପ୍ରସାଦ ବାହିନୀପତି ରାଜ୍ୟ ସରକାରଙ୍କୁ ଚରମବାଣୀ ଶୁଣାଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଙ୍କ ସହ ବ୍ଲକ କଂଗ୍ରେସ ସଭାପତି ଅଶୋକ କୁମାର ଗନ୍ତାୟତ, କୋରାପୁଟ ସାଂସଦ ଙ୍କ ପ୍ରତିନିଧି ରାମଚନ୍ଦ୍ର ପାଢ଼ୀ, ଭାନୁ ତୋରା, ଲାଲୁ ଗୁପ୍ତା ଓ ଯୁବ ନେତା ବିଜୟ ନାରାୟଣ ସାହୁ ଉପସ୍ଥିତ ଥିଲେ।

## ଥାନା ଆଗରେ ସାମ୍ବାଦିକଙ୍କ ଧାରଣା



**ରାଜନଗର,୨୮।୮ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକର କାର୍ଯ୍ୟରତ ସାମ୍ବାଦିକମାନେ ନ୍ୟାୟ ପାଇଁ ରାଜନଗର ଥାନା ସମ୍ମୁଖରେ ଧାରଣା ବସିଛନ୍ତି। ଗତ ବୁଧବାର ରାତି ୧୦ଟାରେ ରାଜନଗର ବ୍ଲକର ଜଣେ ସାମ୍ବାଦିକ ଦୋଳଗୋବିନ୍ଦ ଜେନା ନିଜ ଗାଁ ମହିଷାସୁରକୁ ଯାଉଥିବା ସମୟରେ ସେହି ଗ୍ରାମର ଭ୍ରମର ଜେନାଙ୍କ ପୁଅ କାର୍ତ୍ତିକ ଜେନା (ଲିପୁନ) ଅଯଥା ଭାଷାରେ ଗାଳି ଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଦୋଳଗୋବିନ୍ଦ ସଂଗେ ସଂଗେ ରାଜନଗର ଥାନା ଆଇଆଇସି ଙ୍କୁ ଫୋନ ଯୋଗେ ଜଣାଇଥିଲେ। ଆଇଆଇସି ଛୁଟିରେ ଥିବାରୁ ସେ ସେକେଣ୍ଡ ଅଫିସର ସୋମ୍ୟରଂଜନ ଜାଲି ଙ୍କୁ କଣ ହେଇଛି ବୁଝିବାକୁ କହିଥିଲେ। ପୋଲିସ ରାତିରେ କିଛି ନ ବୁଝିବାରୁ ଆଜି ସକାଳେ ଦୋଳଗୋବିନ୍ଦ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର କାଲିରାତି ଠାରୁ ଆଜି ରାତି ୯ଟା ପର୍ଯ୍ୟନ୍ତ ପୁଲିସ କିଛି ନ ବୁଝିବାରୁ ଏହାର ପ୍ରତିବାଦରେ ସାମ୍ବାଦିକମାନେ ଥାନା ଆଗରେ ଧାରଣାରେ ବସି ରହିଛନ୍ତି।

## ଅବନକେଲାରେ ନୂଆଁଖାଇ ଭେଟଘାଟ




**ସୁନ୍ଦରଗଡ଼,୨୮।୮ (ସଂଚାର ବ୍ୟୁରୋ):** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ସାରା ଅଞ୍ଚଳ ଉତ୍ସବ ମୁଖର ଥିବା ବେଳେ ସୁନ୍ଦରଗଡର ବଣ ଜଙ୍ଗଲ ଘେରା ଗାଁ ଅବନକେଲା ମଧ ଭାବର ଡିହାର ନୂଆଁଖାଇକୁ ଭିନ୍ନ ଭାବାବେଗରେ ପାଳନ କରୁଛି। ଅନେକ ବର୍ଷରୁ ଗାଁରେ ଗଣେଶ ପୂଜା ହୋଇ ଆସୁଥିଲେ ବି ୧୧ବର୍ଷ ହେଲା ଗାଁର ଯୁବକ ଭାଇଙ୍କ ପ୍ରୟାସ ଏବେ ନୂଆଁଖାଇ ସଂଧାରେ ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ଯୋଡ଼ି ହୋଇଯାଇଛି। ସକାଳେ ଗାଁର ଆରାଧ ପ୍ରଭୁ ଜଗନ୍ନାଥଙ୍କୁ ନବାନ୍ନ ଲାଗି ପରେ ଅବନକେଲା ଗାଁର ଘରେ ଘରେ ସମସ୍ତେ ନିଜ ନିଜ ଇଷ୍ଟ ଦେବାକୁ ପୂଜା କରି ନବାନ୍ନ ଖାଇଥିଲେ। ଚାଷୀ ଭାଇମାନେ ଖେତକୁ ଯାଇ କ୍ଷୀର ଢାଳି ମାଟି ମାଁକୁ କୃତଜ୍ଞତାର ଜୁହାର ଜଣାଇଥିଲେ ଅନ୍ନ ମୁଠେ ପାଇଁ। ତାପରେ ଗାଁ ସାରା ଜୁହାର ଆଉ ଆଶୀର୍ବାଦର ପର୍ବ। ଗାଁର ବୟୋଜ୍ୟେଷ୍ଠଙ୍କୁ ଜୁହାର କରି ଆଶୀର୍ବାଦ ନେଉଥାନ୍ତି କନିଷ୍ଠ। ସଂଧାରେ ଭାଇଚାରାର ପର୍ବରେ ଭାତୃତ୍ୱ ଭାବ ନେଇ ଗାଆଁର ସମସ୍ତେ ଏକତ୍ରିତ ହେଲେ ୧୨ତମ ଅବନକେଲା ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମର ମଚାନ ପାଖରେ। ଆଜି ସନ୍ଧ୍ୟାରେ ଗଣେଶ ପୁଜା କମିଟିର କର୍ମକର୍ତ୍ତା ମାଁ ସମଲେଇଙ୍କୁ ପୁଜା କରି ନୂଆଁଖାଇ ଭେଟଘାଟର ମଞ୍ଚ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂ, ଗେଲବତି ପଟେଲ, ଅମିତ ପଟେଲ, ଜଟିଆ ମୁଣ୍ଡା, ଆଦି ଅତିଥି ରୂପେ ଯୋଗ ଦେଇଥିଲେ ଓ ଗାଁ ମାଁ କୁ ନିଜର ନୂଆଁଖାଇ ବାର୍ତ୍ତା ଦେଇଥିଲେ। ପରେ ପରେ ଗାଆଁର କୁନି କୁନି ଛୁଆ ମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ହୋଇଥିଲା ଓ ସମସ୍ତଙ୍କୁ ପୁରସ୍କାର ଦିଆଯାଇଥିଲା।

## ମା' ରାମଚଣ୍ଡୀଙ୍କ ପୀଠରେ ବିଶାଳ ସ୍ୱଚ୍ଛତା ଅଭିଯାନ



**ବ୍ରହ୍ମପୁର,୨୮।୮ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାର ସଦରମହକୁମା ଛତ୍ରପୁର ସହର ନିକଟରେ ଥିବା କରପଡ଼ା ପଞ୍ଚାୟତର ନୀଳାଦ୍ରିପୁର ପାହାଡ଼ ଶିଖରରେ ଅବସ୍ଥିତ ମାଆ ରାମଚଣ୍ଡୀ ପୀଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗକୁ ଆସୁଥିବା ପାର୍ବଣ ଋତୁକୁ ନଜରରେ ରଖି ତଥା ନୂଆଖାଇ ଅବସରରେ ଆଜି ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ପୂଜା କମିଟି ବରିଷ୍ଠ ପରାମର୍ଶଦାତା ତଥା ଗଜପତି ଜିଲ୍ଲାର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରୋସେକ୍ୟୁଟର ରାଜେଶ କୁମାର ମିଶ୍ର ଓ ପରାମର୍ଶଦାତା ତ୍ରିପତି ବାଲାଜୀ ମିଶ୍ରଙ୍କ ପରାମର୍ଶରେ ପୂଜା କମିଟି ସଭାପତି ସି.ଏଚ. ଦୟାନନ୍ଦ ରେଡ୍ଡୀଙ୍କ ନେତୃତ୍ୱରେ ରାମଚଣ୍ଡୀ ପୂଜା କମିଟି, ସେବା ପ୍ରତିନିଧି ସଙ୍ଗଠନର ସଦସ୍ୟ, ଏନଏସି ଛତ୍ରପୁରର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କ ସହାୟତାରେ ତଥା କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଷ୍ଟମ ବାଟାଲିୟନର ଶତାଧିକ କର୍ମଚାରୀ ତଥା ସ୍ୱେଚ୍ଛାସେବୀଙ୍କୁ ନେଇ ଆଜି ଏକ ବିଶାଳ ସଫେଇ ଅଭିଯାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ସକାଳ ୭ଘଟିକାରୁ ଆରମ୍ଭ ହୋଇ ଦିବା ୧୦ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ସର୍ବଶେଷରେ ମନ୍ଦିର ସଂଯୋଜକ କମଳ ପଣ୍ଡା ତଥା କରପଡ଼ା ସରପଞ୍ଚ ଅଜୟ ନାୟକ ଏହି ସ୍ୱଚ୍ଛତା କାର୍ଯ୍ୟରେ ସହଯୋଗର ହାତ ବଢାଇବା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଆଗାମୀ କାର୍ଯ୍ୟକ୍ରମରେ ଏହିପରି ସହାୟତାର ହାତ ବଢାଇବାକୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ମନ୍ଦିରରେ ୧୬ଦିନିଆ ଶାରଦୀୟ ଦୁର୍ଗାପୂଜା ସେପ୍ଟେମ୍ବର ୧୪ ତାରିଖ ମୂଳାଷ୍ଟମୀରୁ ଆରମ୍ଭ ହୋଇ ଦୁର୍ଗାପୂଜା ଦଶମୀ ପର୍ଯ୍ୟନ୍ତ ଚାଲିବ।

# ଏନଏସି ଦାବିରେ କଂଗ୍ରେସର ୧୨ଘଣ୍ଟିଆ କାକଟପୁର ବନ୍ଦ



**କାକଟପୁର/ଅସ୍ତରଙ୍ଗ,୨୮।୮ (ସଂଚାର ବ୍ୟୁରୋ):** ଗତ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ୨୦୨୪ରେ କାକଟପୁରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ମାନ୍ୟତା ମିଳିବ ବୋଲି ଘୋଷଣା କରିଥିଲେ। ହେଲେ ଘୋଷଣାକୁ ୧୮ମାସ ପରେ ନୂତନ ରାଜ୍ୟ ସରକାର ଏନଏସି ତାଲିକାରୁ କାକଟପୁରକୁ ବାଦ ଦେଇଥିବା ଜଣାପଡ଼ିଛି। ଯାହାକୁ ନେଇ କାକଟପୁରରେ ବିଭିନ୍ନ ରାଜନୈତିକ ଦଳ ଓ ଜନସାଧାରଣଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଉଛି। କିନ୍ତୁ ନୂତନ ସରକାରରେ ମୁଖ୍ୟମନ୍ତ୍ରୀ ୧୨ଟି ଏନ ଏ ସି ଘୋଷଣା କରିଥିଲେ। ସେଥିରେ ପୁରୀ ଜିଲ୍ଲା କାକଟପୁର ନାଁ ନାହିଁ। ଏନଏସି ପାଇଁ କାକଟପୁର ଯୋଗ୍ୟ ଥିବା ବେଳେ ସରକାରଙ୍କ ଟାଳଟୁଳ ନୀତି ପାଇଁ କାକଟପୁର ବାଦ ପଡ଼ିଛି। ଫଳରେ କାକଟପୁର କଂଗ୍ରେସ ଦଳ ପକ୍ଷରୁ କାକଟପୁର ଏନଏସି ଦାବୀ ନେଇ ଗୁରୁବାର ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା।

ଗୁରୁବାର ସକାଳୁ ସକାଳୁ ଝିପିଝିପି ବର୍ଷା ସତ୍ତ୍ୱେ କାକଟପୁର ବ୍ଲକ କଂଗ୍ରେସ ତରଫରୁ ଦଳର ପଂଚାୟତସ୍ତରୀୟ ନେତା, ଛାତ୍ର କର୍ମୀ, ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ଏକତ୍ରିତ ହୋଇ କାକଟପୁର ବଲରା ଛକ ନିକଟରେ ରାସ୍ତା ରୋକ କରିବା ସହ ପିକେଟିଂ କରିଥିଲେ। ଏହି ବନ୍ଦ ସକାଳ ୬ରୁ ସନ୍ଧ୍ୟା ୬ପର୍ଯ୍ୟନ୍ତ ହୋଇଥିବା ବେଳେ ଏହି ସମୟରେ ଜରୁରୀ କାଳୀନ ଗାଡି ଯାତାୟାତ ହୋଇଥିଲା। କାକଟପୁର କଂଗ୍ରେସ କର୍ମୀ ବିଭିନ୍ନ ସ୍ଥାନରେ ରାସ୍ତା ରୋକ କରିବା ସହ କାକଟପୁର ଏନଏସି ଆମର ନ୍ୟାର୍ଯ୍ୟ ଦାବୀ, କାକଟପୁର ପ୍ରତି ବୈମାତୃକ ମନଭାବ ଚଳିବ ନାହିଁ, ତୁରନ୍ତ ଏନଏସି ଘୋଷଣା ଆଦି ବିଭିନ୍ନ ନାରା ଦେଇ କାକଟପୁର ବଲରା ଛକ, ବ୍ଲକ ଛକ, ନୂଆ ବସଷ୍ଟାଣ୍ଡ ଛକ, କଲେଜ ଛକ, ପୁରୁଣା ବସଷ୍ଟାଣ୍ଡ, ମେଡିକାଲ ଛକରେ କଂଗ୍ରେସ କର୍ମୀମାନେ ବନ୍ଦ କରିଥିଲେ।

## ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ

**ହିଞ୍ଜିଳିକାଟୁ,୨୮।୮ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ ସ୍ଥାନୀୟ ପୌରାଞ୍ଚଳ ମିନି ଷ୍ଟାଡିୟମ ପରିସର ଚିତ୍ତବିନୋଦନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଘ ସଭାପତି ଶ୍ରୀ କାହ୍ନୁ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ରାଜ୍ୟ ସଭାପତି ଶ୍ରୀ ବ୍ରହ୍ମାନନ୍ଦ ମହାରଣା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ କୋଷାଧ୍ୟକ୍ଷ ଶ୍ରୀ ଗୋପାଳ ସେନ,ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀ କୃଷ୍ଣ ଚନ୍ଦ୍ର ବେହେରା, ଉପଦେଷ୍ଟା ଶ୍ରୀ ଗଜେନ୍ଦ୍ର ମାଝୀ, ରାଜ୍ୟ ସହ ସମ୍ପାଦକ ଶ୍ରୀ ମୁକ୍ତିରାମ ପାଣିଗ୍ରାହୀ ଯୋଗ ଦେଇଥିଲେ। ଆୟୋଜିତ ସମ୍ମିଳନୀରେ ପ୍ରାଥମିକ ଶିକ୍ଷା ଓ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବା ସହିତ, ପ୍ରାଥମିକ ଶିକ୍ଷକ ମାନଙ୍କର ତିନୋଟି ମୁଖ୍ୟ ଦାବି ଯଥା କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ନିଯୁକ୍ତି ଉଚ୍ଛେଦ ଓ ପୁରୁଣା ପେନସନ ଲାଗୁ କରାଯିବା ନେଇ ଦାବି ଉପସ୍ଥାପନ କରାଯାଇଥିଲା।

## ପୂଜା ପେଣ୍ଡାଲ ବୁଲିଲେ 'ବିକ୍ରମ'



**ବ୍ରହ୍ମପୁର,୨୮।୮ (ସଂଚାର ବ୍ୟୁରୋ):** ରେଶମ ସହରରେ ଖୁବ୍ ଧୁମଧାମର ସହ ଗଣେଶ ପୂଜା ପାଳନ କରାଯାଇଛି। ବିଭିନ୍ନ ୱାର୍ଡ ସ୍ତରରେ ପୂଜା କମିଟି ପକ୍ଷରୁ ଗଜାନନଙ୍କ ପୂଜାର୍ଚ୍ଚନା କରାଯାଉଛି। ଏହି ଅବସରରେ ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ବିଭିନ୍ନ କମିଟିର ନିମନ୍ତ୍ରଣ କ୍ରମେ ପୂଜା ମଣ୍ଡପ ବୁଲି ପ୍ରଭୁ ବିନାୟକଙ୍କୁ ଦର୍ଶନ କରି ଆଶିଷ କୃପା ଲାଭ କରିଥିଲେ। ଏହି ସମୟରେ କମିଟି ସଦସ୍ୟ ମାନେ ତାଙ୍କୁ ଉପଢୌକନ ପ୍ରଦାନ କରି ସ୍ୱାଗତ କରିଥିଲେ। ଏଥିରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ସାଂସଦ ଚନ୍ଦ୍ର ଶେଖର ସାହୁଙ୍କ ସମେତ ବହୁ କର୍ପୋରେଟର ଏବଂ ସ୍ଥାନୀୟ ନେତା, କର୍ମୀ ପ୍ରମୁଖ ସାମିଲ ହୋଇଥିଲେ।

## ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ, ୨ଆହତ

**ବ୍ରହ୍ମପୁର,୨୮।୮ (ସଂଚାର ବ୍ୟୁରୋ):** ଗଣେଷ ଚତୁର୍ଥୀ ରାତିରେ ସହରର ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ ହୋଇଛି। ସୂଚନାପ୍ରକାରେ, ସଦର ଥାନା ଅନ୍ତର୍ଗତ କୁକୁଡାଖଣ୍ଡି ବେହରାବନ୍ଧ ନିକଟରେ ଗତକାଲି ୨ ନାବାଳକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗଣେଷ ପୂଜାକୁ ନେଇ ଏହି ଆକ୍ରମଣ ହୋଇଥିବା ବେଳେ ଗୋଟିଏ ନାବାଳକ ଗୋଷ୍ଠୀର ଆକ୍ରମଣରେ ଆଉ ଗୋଟିଏ ଗୋଷ୍ଠୀର ୨ ଜଣ ନାବାଳକ ଆହତ ହୋଇଥିଲେ। ଆହତ ଦୁଇ ନାବାଳକଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ସଦର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି।

## ଗୋପ ବଜାର ଗଣେଷ ପୂଜାରେ ଜମୁଛି ପାଲା

**ଗୋପ,୨୮।୮ (ସଂଚାର ବ୍ୟୁରୋ):** ଗୋପ କୁଶଭଦ୍ରା ଗଣେଷ କମିଟି ତରଫରୁ ଗୋପ ବଜାରରେ ଗଣେଷ ପୂଜା ମହା ଆଡମ୍ବରେ ପାଳନ କାରଯାଇଛି। ଗୋପ କୁଶଭଦ୍ରା ଗଣେଷ କମିଟି ସଙ୍ଗ ତରଫରୁ ୫୬ ବର୍ଷ ହେବ ପାଳିତ ହୋଇ ଆସୁଛି ଗଣେଷ ପୂଜା। ପାଞ୍ଚ ଦିନ ଧରି ପାଳନ ହୋଇଅସୁଥିବା ଗଣେଷ ପୂଜାରେ ଝଲସୁଛି ଗୋପ ବଜାର। ଦୀର୍ଘ ପଞ୍ଚାଦିନ ଧରି ଅନୁଷ୍ଠାନ ତରଫରୁ ପାଲା ପରିବେଷଣ ଦେଖିବାକୁ ହଜାର ହଜାର ଶ୍ରୋତାଙ୍କ ନାହିଁନଥିବା ଭିଡ଼ ଜମିଥାଏ। ପାଲା ଗାୟକ ବନବିହାରୀ ଗ୍ରହ ଆଚାର୍ଯ୍ୟ ଓ ସାଥିଙ୍କ ଦ୍ୱାରା ପୌରାଣିକ ଗାଥାକୁ ନେଇ ପରିବେଷଣ ପାଲା ଉଚ୍ଚ କୋଟିର ହୋଇଥିବା ବେଳେ ଶ୍ରୋତା ମାନଙ୍କ ଭିତରେ ଅଧାତିତ୍ମକ ଚିନ୍ତନ ସୃଷ୍ଟି ହୋଇଥାଏ।

## ତିରୁଣା ଇନ୍ଦିରା ସ୍ମାରକୀ ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର




**ନାଉଗାଁ,୨୮।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ତିରୁଣାସ୍ଥିତ ଇନ୍ଦିରା ସ୍ମାରକୀ ଯୁବକ ସଂଘ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିବା ଜଣାଯାଇଛି। ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ସମାଜସେବୀ ଚିତ୍ରିତ୍ର କୁମାର ପଣ୍ଡା, ପ୍ରାକ୍ତନ ପ୍ରାଣୀ ଚିକିତ୍ସକ ଯୁଧିଷ୍ଠିର ସ୍ୱାଇଁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବଂଶୀଧର ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହୁରା, ସବୁଜସେନା ଆବାହକ ବିଭୂତି ଭୂଷଣ ତ୍ରିପାଠୀ, ସମାଜସେବୀ ବିଦ୍ୟାଧର ନାୟକ, ସୁକାନ୍ତ କୁମାର ନାୟକ, କୃଷ୍ଣଚନ୍ଦ୍ର ନାୟକ, ସମ୍ବିତ ବେହୁରା, ବିଜେପି ନାଉଗାଁ ମଣ୍ଡଳ ସଭାପତି ନିଗମାନନ୍ଦ ପରିଡ଼ା, ମଳୟ ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପରେ ଅତିଥିମାନେ ଯୁବକ ସଂଘର ସ୍ୱେଚ୍ଛାସେବୀମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କ୍ଲବର ଉପଦେଷ୍ଟା ପ୍ରତାପ ଚନ୍ଦ୍ର ବେହୁରା, ବ୍ଲକର ସଭାପତି ରାଜେଶ ବେହୁରା, କାର୍ଯ୍ୟକାରୀ ସମ୍ପାଦକ ସଚିନ ବେହୁରା, ସମ୍ପାଦକ ବିକାଶ ରଞ୍ଜନ ପରିଡ଼ା, ପ୍ରର୍ଶୁରାମ ସାମଲ, ଶ୍ରୀକାନ୍ତ ସ୍ୱାଇଁଙ୍କ ସମେତ ସଂଘର ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଛାଡ଼ିଲା ସୁବର୍ଣ୍ଣରେଖାରେ ବନ୍ୟା

# ବର୍ଷକର ଖାଦ୍ୟ ଚିନ୍ତାରେ ବନ୍ୟା ପ୍ରଭାବିତ



**ବାଲିଆପାଳ,୨୮।୮ (ସଂଚାର ବ୍ୟୁରୋ):** ସୁବର୍ଣ୍ଣରେଖା ନଦୀରେ ଆସିଥିବା ଷଷ୍ଠ ବନ୍ୟା ପଞ୍ଚମ ଦିନରେ ଜଳସ୍ତର ହ୍ରାସ ପାଇ ଜନଜୀବନ ସ୍ୱାଭାବିକ ହେବାକୁ ଲାଗିଛି। କେବଳ ବିଷ୍ଣୁପୁର ପଞ୍ଚାୟତର ନୟାବାଲି, ରସଲପୁର ଓ ଇକଡପାଳ ଏବଂ ଜାମକୁଣ୍ଡ ପଞ୍ଚାୟତର କୁହ୍ଲାଚଡ ଓ ତାଳପଦା ଗ୍ରାମକୁ ବାଦ ଦେଲେ ଆଉ ସମସ୍ତ ଗାଁ ପାଣିଘେରରୁ ରକ୍ଷା ପାଇଛି। ଯୋଗାଯୋଗ ସ୍ୱଭାବିକ ହୋଇଛି। ତେବେ ଚଳିତ ବର୍ଷ ଲଗାତାର ପାଞ୍ଚ ଥର ବନ୍ୟା ଆସି ଚାଷୀ ମାନଙ୍କ ଖରିଫ ଧାନର ତଳି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ଜନସାଧାରଣ ବନ୍ୟା ଆଗରେ ହାର ନ ମାନି ପୁଣିଥରେ ନିଜ ମନବଳ ଦୃଢ଼ କରି ତଳି ପକାଇଥିଲେ। କିଛି ଚାଷୀ ଦୁର ଦୁରାନ୍ତରୁ ତଳି ଆଣି ନିଜ ନିଜ ଚାଷ ଜମିରେ ରୁଆ ପୋତା କରିଥିଲେ। ହେଲେ ଚଳିତ ବର୍ଷର ଷଷ୍ଠ ବନ୍ୟାରେ ଚାଷୀ ମାନଙ୍କ ଶେଷ ଆଶାକୁ ଉଜାଡ଼ି ଦେଇଗଲା।

ପ୍ରଥମ ଦୁଇଟି ବନ୍ୟାରେ ବାଲିଆପାଳ ବ୍ଲକର ୧୦ଟି ପଞ୍ଚାୟତର ୩ଶହ ହେକ୍ଟରରୁ ଊର୍ଦ୍ଧ୍ୱ ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଯେଉଁଥିପାଇଁ ବାଲିଆପାଳ ପରିବା ବଜାରରେ ନିଆଁ ଲାଗିଛି। ତେବେ ଷଷ୍ଠ ବନ୍ୟାରେ ୨.୫ହଜାର ହେକ୍ଟରରୁ ଅଧିକ ଖରିଫ ଧାନ ନଷ୍ଟ ହୋଇ ଯାଇଥିବା ପରିସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ ବର୍ଷକର ଖାଦ୍ୟ ଚିନ୍ତାରେ ଚାଷୀ ତାର କ୍ଷେତକୁ ଅନାଇଁଛି। ସେହିପରି ବନ୍ୟାକୁ ପାଞ୍ଚ ଦିନ ବିତି ଯାଇଥିଲେ ମଧ ଗୃହପାଳିତ ପଶୁ ମାନଙ୍କୁ ଗୋଖାଦ୍ୟ ଯୋଗାଇ ଦିଆଯାଇନଥିବା ଜଣାପଡ଼ିଛି। ତେବେ ବାଲିଆପାଳ ବ୍ଲକକୁ ୪୨୦କ୍ୟୁଣ୍ଟାଲ ଗୋଖାଦ୍ୟ ସରକାରଙ୍କ ତରଫରୁ ଦିଆଯାଇଥିବା ସୂଚନା ମିଳିଛି। ଖାଦ୍ୟ ଅଭାବ ଯୋଗୁଁ ଗୃହପାଳିତ ପଶୁ ମାନେ ଡହଳ ବିକଳ ହେଉଥିବା ଦେଖିବାକୁ ମିଳିଛି। ତେବେ ସୁବର୍ଣ୍ଣରେଖା ନଦୀରେ ଜଳସ୍ତର କମିଯାଇଥିଲେ ମଧ ବିଷ୍ଣୁପୁର ପଞ୍ଚାୟତର ରସଲପୁରରେ ୧୫୦ଲୋକ ନୟାବାଲିରେ ୯୫୦ଲୋକ ଏବଂ ଇକଡପାଳରେ ୩୦୦ଲୋକ ଏହି ଭଳି ବ୍ଲକରେ ଆଜି ମଧ ୧୪ଶହ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ତେବେ ଗୃହପାଳିତ ପଶୁ ମାନଙ୍କୁ ଯଥାଶୀଘ୍ର ଗୋଖାଦ୍ୟ ଯୋଗାଇ ଦେବାକୁ ପଶୁ ପ୍ରେମୀ ମାନେ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ନଷ୍ଟ ହୋଇଯାଇଥିବା ଧାନ ଚାଷର ସଠିକ ତଦନ୍ତ କରି ଉଚିତ କ୍ଷତିପୂରଣ ସହିତ ଯଥାଶୀଘ୍ର ସହାୟତା ଯୋଗାଇ ଦେବାକୁ ବନ୍ୟା ପ୍ରଭାବିତ ଜନସାଧାରଣ ଦାବି କରିଛନ୍ତି।

# ମାଲକାନଗିରି ଜିଲ୍ଲାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିଛି ଟିପିଏସ୍‌ଓଡିଏଲ୍



**ବ୍ରହ୍ମପୁର,୨୮।୮ (ସଂଚାର ବ୍ୟୁରୋ):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ତରଫରୁ ମାଲକାନଗିରି ଜିଲ୍ଲାରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ନିଆଯାଇଛି ବହୁ ଅଭିନବ ପଦକ୍ଷେପ। ଦୁର୍ଗମ ତଥା ଜନଜାତି ବହୁଳ ଏହି ବଣ ପାହାଡ଼ ଘେରା ମୁଲକରେ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ପହଞ୍ଚାଇବା ପାଇଁ କମ୍ପାନୀ ପକ୍ଷରୁ ପ୍ରୟାସ କରାଯାଇଛି। ଯାହାଦ୍ୱାରା ଗତ କିଛି ମାସ ମଧରେ କାର୍ଯ୍ୟକାରୀ ହୋଇଥିବା ପଦକ୍ଷେପ ଯୋଗୁଁ ବାରମ୍ବାର ବିଦ୍ୟୁତ ସେବା ବିଚ୍ଛିନ୍ନ ହେବା ଭଳି ସମସ୍ୟାକୁ ଦୂର କରାଯାଇପାରିଛି। ଏଥିସହିତ ଗ୍ରାମୀଣ ପରିବାରଗୁଡ଼ିକରେ ବିଦ୍ୟୁତ ସେବାକୁ ସୁଦୃଢ଼ କରାଯିବା ସହିତ ଜିଲ୍ଲାରେ ଗୁରୁତ୍ୱପୂର୍ଣ୍ଣ ସେବା ଉପରେ ଗୁରୁତ୍ୱ ଦିଆଯାଇଛି।

ଭୌଗୋଳିକ ଦୃଷ୍ଟିକୋଣରୁ ମାଲକାନଗିରି ଜିଲ୍ଲାର ଅବସ୍ଥିତି ଏବଂ ବିକ୍ଷିପ୍ତ ଜନସଂଖ୍ୟାଯୋଗୁଁ ଏଠାରେ ପରିଚାଳନା କରିବା କଷ୍ଟସାଧ ଅଟେ। ମାତ୍ର ଏହି ସମସ୍ୟାର ସମାଧାନ ପାଇଁ ଟିପିଏସ୍‌ଓଡିଏଲ୍ ତରଫରୁ ଏଠାକାର ସବଷ୍ଟେସନ, ଫିଡର ଏବଂ ଡିଷ୍ଟ୍ରିବ୍ୟୁସନ ଲାଇନରେ ସୁଧାର ଆଣିବା ପାଇଁ ବହୁ ପଦକ୍ଷେପ ନିଆଯିବା ସହିତ ଉନ୍ନତୀକରଣ କରାଯାଇଛି। କେ.ଗୁମ୍ମା ସବଷ୍ଟେସନରେ, ଏକକ ଟ୍ରାନ୍ସଫର୍ମର ଉପରେ ଥିବା ନିର୍ଭରତା ସମ୍ବନ୍ଧୀୟ ବିପଦକୁ ହ୍ରାସ କରିବା ପାଇଁ ଅତିରିକ୍ତ ବ୍ୟବସ୍ଥା କରାଯାଇଛି। ଏହି ପଦକ୍ଷେପ ଯୋଗୁଁ ବାରମ୍ବାର ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବାଭଳି ସମସ୍ୟା ଦୂର ହେବା ସହିତ ସ୍ଥାନୀୟ ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଣକୁ ସୁନିଶ୍ଚିତ କରାଯାଇପାରିଛି। ସେହିପରି ବାଲିମେଳା ଓ ମାଥିଲିଠାରେ ଟ୍ରାନ୍ସଫର୍ମରର କ୍ଷମତାକୁ ୫ଏମଭିଏକୁ ବୃଦ୍ଧି କରାଯାଇଛି। ଯାହାଦ୍ୱାରା ସମ୍ପୃକ୍ତ ଅଞ୍ଚଳର ବିଦ୍ୟୁତ ଭିତ୍ତିଭୂମି ସୁଦୃଢ଼ ହେବା ସହିତ ଗ୍ରାହକଙ୍କ ବର୍ଦ୍ଧିତ ବିଜୁଳି ଚାହିଦାକୁ ପୂରା କରାଯାଇପାରିଛି। ଜିଲ୍ଲାରେ ୩୩କେଭି ଲାଇନର ମଧ ସୁଦୃଢ଼ୀକରଣ କରାଯାଇଛି। ସେହିପରି ଜିଲ୍ଲାର ୧୧କେଭି ଲାଇନର ବିସ୍ତାର କରାଯିବା ସହିତ କେ.ଗୁମ୍ମା, ଚିତ୍ରକୋଣ୍ଡା, ପାଣ୍ଡ୍ରିପାନି, ବଜରଙ୍ଗ କଲୋନୀ ଏବଂ ବନ୍ଦୀଗୁଡ଼ା ଆଦି ଅଞ୍ଚଳରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ କରଯାଇପାରିଛି।

ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା କୋୟା, ଭୂମିଆ, ପରଜା, ବଣ୍ଡା ଏବଂ ଦିଦାୟୀ ଆଦି ଜନଜାତିଙ୍କ ଦୈନନ୍ଦିନ ଜୀବନରେ ଏହି ଉନ୍ନତୀକରଣ ବିଶେଷ ଭାବରେ ସହାୟକ ହୋଇପାରିଛି। ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ କଲ୍ୟାଣ ଯୋଜନା ଓ ଆୟ ସୃଷ୍ଟି କରିବାରେ ଏହି ଅଞ୍ଚଳର ଉନ୍ନତ ବିଦ୍ୟୁତ ସେବା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ବିଦ୍ୟୁତ ଗ୍ରୀଡଗୁଡ଼ିକର ଉନ୍ନତିକରଣ କରାଯିବା ସହିତ ଏସବୁକୁ ସୁଦୃଢ଼ କରିବା ଦ୍ୱାରା ଟିପିଏସ୍‌ଓଡିଏଲ୍ ଏହି ସମୁଦାୟସବୁକୁ ରାଜ୍ୟର ବିକାଶ ପଥରେ ସାମିଲ କରି ପାରିଛି।

# ଏଆରସି ଉଦ୍‌ଘାଟନ କଲେ କେନ୍ଦ୍ର ମନ୍ତ୍ରୀ





**ବାଣ୍ଟିଲେ ସହାୟତା ଉପକରଣ**

**ସମ୍ବଲପୁର,୨୮।୮(ସଂଚାର ବ୍ୟୁରୋ):** ସମ୍ବଲପୁର ବାଲିବନ୍ଧାରେ ପ୍ରାୟ ୨୩ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର' (ଏଆରସି) ଆଜି ଉଦ୍‌ଘାଟିତ ହୋଇଛି। ପବିତ୍ର ନୂଆଁଖାଇ ଅବସରରେ ଏହାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଅନ୍ତର୍ଗତ ପେନସନ ଓ ଦିବ୍ୟାଙ୍ଗଜନମାନଙ୍କୁ ବିଭିନ୍ନ ସହାୟକ ଉପକରଣ ମଧ୍ୟ କେନ୍ଦ୍ର ମନ୍ତ୍ରୀ ବିତରଣ କରିଛନ୍ତି। ଏହି 'ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର' ସମ୍ବଲପୁର ସମେତ ଆଖପାଖ ଅଞ୍ଚଳର ଅର୍ଥୋସିସ୍ ତଥା ସାମାଜିକ ଭିନ୍ନକ୍ଷମଙ୍କ ପାଇଁ କୃତ୍ରିମ ଅଙ୍ଗର ଆବଶ୍ୟକତାକୁ ପୂରଣ କରିବ ବୋଲି ଶ୍ରୀ ପ୍ରଧାନ ଆଶା ପ୍ରକାଶ କରିଛନ୍ତି। ଏହି କେନ୍ଦ୍ର ପ୍ରତିଷ୍ଠା କରିଥିବାରୁ ଓଡ଼ିଶା ସରକାରଙ୍କ ଏସ୍‌ଏସ୍‌ଇପିଡି୨ ଓ ସମ୍ବଲପୁର ଜିଲ୍ଲା ପ୍ରଶାସନକୁ କେନ୍ଦ୍ର ମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଏଠାରେ ଥିବା ଅତ୍ୟାଧୁନିକ ଉପକରଣର ବ୍ୟବହାର ପାଇଁ ଏକ କର୍ମଶାଳାର ଆୟୋଜନ କରି ଡାକ୍ତରମାନଙ୍କୁ ପ୍ରଶିକ୍ଷଣ ଦେବା ଦିଗରେ ପଦକ୍ଷେପ ନେବା ପାଇଁ କେନ୍ଦ୍ର ମନ୍ତ୍ରୀ ସ୍ଥାନୀୟ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାର ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ନିରନ୍ତର ପ୍ରୟାସ କରିଆସୁଛି। ଆଗାମୀ ଦିନରେ ସମ୍ବଲପୁରରେ ପ୍ରତି ମାସରେ ବ୍ଲକ ସ୍ତରରେ ଭିନ୍ନକ୍ଷମମାନଙ୍କୁ ଉପକରଣ ବଣ୍ଟାଯିବ। ଏହାଛଡ଼ା ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ପାଠପଢା ସହ ସେମାନେ କିଭଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ, ପାଠପଢି ଆଇଏଏସ ହୋଇପାରିବେ, ସେ ଦିଗରେ ଯୋଜନା ମଧ୍ୟ ପ୍ରସ୍ତୁତ କରାଯିବ। ଏଥିରେ ଜିଲ୍ଲା ପ୍ରଶାସନ ସହଯୋଗୀ ହେବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି।

### ଆସୁଛି ଆଉ ଏକ ଘୂର୍ଣ୍ଣିବଳୟ

## ପହିଲାରୁ ପୁଣି ଭିଜିବ ଓଡ଼ିଶା

**ଭୁବନେଶ୍ୱର, ୨୮।୮ (ସଂଚାର ବ୍ୟୁରୋ) :** ରାଜ୍ୟ ଉପରେ ପୁଣି ଆଉ ଏକ ଘୂର୍ଣ୍ଣିବଳୟ। ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଉତ୍ତର ଓଡ଼ିଶା ଉପକୂଳରେ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ନେଇ ସମ୍ଭାବନା ରହିଛି ବୋଲି ସୂଚନା ଦେଇଛନ୍ତି ପାଣିପାଗ ବୈଜ୍ଞାନିକ ଶରତ ସାହୁ । ଯାହା ଫଳରେ ସେପ୍ଟେମ୍ବର ପହିଲାରୁ ରାଜ୍ୟରେ ପୁଣି ଜାରି ରହିବ ବର୍ଷା ପୁଣି ଭିଜିବ ଓଡ଼ିଶା। ସେପଟେ ଲଘୁଚାପ ପ୍ରଭାବରେ ଆଉ ୩ ଦିନ ରାଜ୍ୟରେ ପ୍ରବଳ ବର୍ଷା



ଚେତାବନୀ ବି ରହିଥିବା ବେଳେ ଲଘୁଚାପରେ ପରିଣତ ହୋଇଛି ସଦୃଶ ଲଘୁଚାପ। ଛତିଶଗଡ଼ ଉପରେ ସକ୍ରିୟ ରହିଛି। ଗୁରୁବାର ସାରା ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାକୁ ଥିବାବେଳେ ଶୁକ୍ରବାରଠୁ କମିବ ବର୍ଷାର ପରିମାଣ। ଉତ୍ତର ଓ ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ।୩୦ ତାରିଖ ଯାଏଁ ପ୍ରବଳ ବର୍ଷାର ସମ୍ଭାବନା ନଥିବା ବେଳେ ପୁଣି ୩୧ରୁ ବଢିବ ବର୍ଷା । ୩୧ ତାରିଖରେ ମୟୁରଭଞ୍ଜ ଓ କେନ୍ଦୁଝର ରେ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ । ସେପଟେ ପାଣିପାଗ ବିଶେଷଜ୍ଞ କହିଛନ୍ତି ଦକ୍ଷିଣ ପୂର୍ବ ଦିଗରୁ ପବନ ପ୍ରବାହିତ ହେଉଛି ପ୍ରଭାବରେ ବର୍ଷା ସମ୍ଭାବନା ରହୁଛି ।



ଗୁରୁବାର ରାଜ୍ୟ ଅତିଥି ଭବନଠାରେ ଲୋକସଭା ଏସ୍‌ସିଏସଟି କଲ୍ୟାଣ କମିଟି ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

## ତାରାତାରିଣୀ ପୀଠ ପରିଦର୍ଶନ କଲେ ପ୍ରଶାସନିକ ଅଧିକାରୀ



**ପୁରୁଷୋତ୍ତମପୁର, ୨୮।୮ (ସଂଚାର ବ୍ୟୁରୋ) :** ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଇଂ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗଞ୍ଜାମ ଗସ୍ତରେ ମା' ତାରାତାରିଣୀ ଓ ବଡ଼ଖରିଡ଼ା କାଳେଶ୍ୱର ମନ୍ଦିର ମଡେଲ ପାର୍କକୁ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। କିପରି ଏହାର ବିକାଶ ଘଟିବ ସେଥିନେଇ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ।ଏହି ଗସ୍ତରେ ଅତିରିକ୍ତ ଜିଲ୍ଲା ନିର୍ବାହୀ ଅଧିକାରୀ ବିଜୟକୁମାର ବେହେରା, ବିଡିଓ ଶରତ କୁମାର ପାତ୍ର ଓ ତହସିଲଦାର ବିନୋଦ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

■ ଜନ୍ମଦିନରେ ଜଗା ପାଖକୁ ଯାଇଥିଲେ

## ୪ ଦିନ ପରେ ବି ପତ୍ତା ମିଳୁନି

### ସୋସିଆଲ୍ ମିଡିଆରେ ହାତ ଗୋଡ଼ ବନ୍ଧା ଫଟୋ ଭାଇରାଲ



**ପାରାଦୀପ,୨୮।୮(ସଂଚାର ବ୍ୟୁରୋ):** ଜନ୍ମଦିନରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଯାଇଥିଲେ ପୁରୀ । ୪ ଦିନ ହେଲା ଯୁବକଙ୍କ ମିଳୁନି ପତ୍ତା। ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି ହାତ ଗୋଡ଼ ବନ୍ଧା ଫଟୋ। ଖୋଜି ଖୋଜି ନୟାନ୍ତ ହେଲେଣି ପରିବାର। ଜଗତସିଂହପୁର ଜିଲ୍ଲା କାଁପୁର ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି । ନିଖୋଜ ଯୁବକଙ୍କ ପରିବାର ଲୋକେ ଏନେଇ ବାଲିକୁଦା ଥାନାରେ ଏତଲା ଦେଇଛନ୍ତି। ସୂଚନାନୁଯାୟୀ, ଜଗତସିଂହପୁର ଜିଲ୍ଲା କାଁପୁର ଗାଁର ନାରାୟଣ ସାହୁ ଦିଲ୍ଲୀରେ ଏକ ଘରୋଇ ସଂସ୍ଥାରେ ରହି କାମ କରୁଥିଲେ। କିଛି ଦିନ ହେଲା ସେ ଗାଁରେ ଆସି ରହୁଥିଲେ। ଗତ ୨୪ ତାରିଖ ଦିନ ତାଙ୍କର ଜନ୍ମଦିନ ଥିବାରୁ ସେ ବାଲିକୁଦା ବଜାରରୁ ବସ୍ ଯୋଗେ ପୁରୀ ଜଗନ୍ନାଥ ଦର୍ଶନ କରିବାକୁ ଯାଇଥିଲେ। ହେଲେ ଆଉ ଫେରି ନଥିଲେ। ୪ ଦିନ ହେଲା ତାଙ୍କର କୌଣସି ଖୋଜ ଖବର ନାହିଁ। ପରିବାର ଲୋକେ ଖୋଜି ଖୋଜି ନୟାନ୍ତ ହେଲେଣି। ଏହାରି ଭିତରେ ଗତକାଲି ଠାରୁ ବିଦ୍ୟୁତ୍ ଖୁଣ୍ଟରେ ନାରାୟଣଙ୍କ ହାତ ଗୋଡ଼ ବନ୍ଧା ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ଏହି ଫଟୋ ଦେଖିବା ପରେ ପରିବାର ଲୋକଙ୍କ ପକ୍ଷରୁ ବାଲିକୁଦା ଥାନାରେ ଏତଲା ଦିଆଯାଇଛି। ତେବେ କିଏ କେଉଁ ପରିସ୍ଥିତିରେ ତାଙ୍କୁ କେଉଁଠି ବାନ୍ଧିଛି ତାହା ଜଣାପଡ଼ିନାହିଁ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

● ସନ୍ଦେହ ଘେରରେ ଦୁଇ ଯୁବତୀଙ୍କ ଭୂମିକା



**ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ):** ବଡ଼ଗଡ଼ ବ୍ରିଟ କଲୋନୀରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏହି ମାମଲାରେ ସନ୍ଦେହ ଘେରକୁ ଆସିଛନ୍ତି ଦୁଇ ଜଣ ଯୁବତୀ। ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ତାଙ୍କ ନିକଟରୁ ମୋବାଇଲ ନେଇ ଉକ୍ତ ଦୁଇ ଜଣ ଯୁବତୀ ଘଟଣାସ୍ଥଳରୁ ଛୁ' ମାରିଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସିସିଟିଭିରେ ଉକ୍ତ ଦୁଇ ଯୁବତୀଙ୍କ ଫଟୋ ଆସିବା ପରେ ଏହାକୁ ଭିତ୍ତି କରି ସ୍ଥାନୀୟ ବଡ଼ଗଡ଼ ଥାନା ପୁଲିସ୍ ଉକ୍ତ ଦୁଇ ଯୁବତୀଙ୍କୁ ଖୋଜିବା ଆରମ୍ଭ କରିଦେଇଛି। ସିସିଟିଭିରେ ଫୁଟେଜ୍‌ରେ ଘଟଣାସ୍ଥଳରେ ଥିବା ଉକ୍ତ ଦୁଇ ଯୁବତୀ ଏକ ସ୍କୁଟିରେ ସେଠାରୁ ଫେରାର୍ ହୋଇଯାଉଥିବା ଦେଖିବାକୁ ମିଳିଛି । ଏହାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ମୃତ୍ୟୁବରଣ କରିଥିବା ଯୁବକ ଜଣଙ୍କ ଯାଜପୁର ଜିଲ୍ଲାର କୁଆଖିଆ ଅଞ୍ଚଳର ବାସିନ୍ଦା ହୋଇଥିବା ବେଳେ ତାଙ୍କ ନାମ ଶୁଭମ୍ ପଣ୍ଡା ଓରଫ୍ ଗୁଡୁ। ସେ ଭୁବନେଶ୍ୱରରେ ଏକ ଦୋକାନ କରିବା ସହ ବଡ଼ଗଡ଼ରେ ରହିଆସୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପରିବାର ଲୋକେ ଇତିମଧ୍ୟରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ମୃତ୍ୟୁର ରହସ୍ୟ ଜାଣିବା ସକାଶେ ପୁଲିସ୍ ଖୋଳତାଡ଼ କରୁଛି। ତେବେ ସିସିଟିଭିରେ ଦେଖାଯାଇଥିବା ଦୁଇ ଝିଅ କିଏ ଓ ସେମାନେ କାହିଁକି ଘଟଣାସ୍ଥଳରୁ ଫେରାର୍ ହୋଇଗଲେ, ତାକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପୁଲିସ୍ ସେମାନଙ୍କୁ ଠାବ କରିବା ପରେ ଏହି ଘଟଣା ଉପରୁ ରହସ୍ୟ ଖୋଲିବ ବୋଲି ପୁଲିସ୍ କହିଛି।

## ଚା' ପିଉଥିବା ବୃଦ୍ଧଙ୍କୁ ଚାପିଦେଲା କାର୍

● କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

**ଦାରିଙ୍ଗବାଡ଼ି,୨୮।୮(ସଂଚାର ବ୍ୟୁରୋ):** ରାସ୍ତା କଡ଼ ଦୋକାନରେ ଚା' ପିଉଥିବା ଜଣେ ବୃଦ୍ଧଙ୍କ ଉପରେ ଚଢିଗଲା କାର। ଘଟଣାସ୍ଥଳରେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ମହିଳା ଗୁରୁତର ହୋଇଛନ୍ତି। ଗୁରୁତର ମହିଳାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବ୍ରାହ୍ମଣୀଗାଁ ବଜାର ନିକଟ ଧର୍ମ ସାହି ଛକ ନିକଟରେ। ପ୍ରାପ୍ତ ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୬ଟା ସମୟରେ ଗଦାପୁରରୁ ବ୍ରାହ୍ମଣୀ ଗାଁକୁ ବିକ୍ରାନ୍ତ ଓ ପଦ୍ମାଳୟା ନାମକ ଦୁଇ ଘରୋଇ ଯାତ୍ରୀବାହୀ ବସ ଆଗପଛ ହୋଇ ଦ୍ରୁତ ଗତିରେ ଆସୁଥିଲେ। ସେଥିରୁ ହଠାତ ଗୋଟିଏ ବସ୍ ଯାତ୍ରୀ ଉଠାଇବାକୁ ରାସ୍ତାକଡ଼କୁ ଚାଲିଯିବା ଫଳରେ ଅନ୍ୟ ବସ୍‌ଟି ତାକୁ ଓଭରଟେକ୍ କରିବା ସମୟରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥୁଆ ହୋଇଥିବା ଏକ କାରକୁ ଧକ୍କା ଦେଇଥିଲା। ଫଳରେ ଉକ୍ତ କାର୍‌ଟି ଚା' ଦୋକାନ ଭିତରେ ପଶିଯିବା ସହ ଚା' ପିଉଥିବା ବୃଦ୍ଧଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଛି। ସେହିପରି ଚା' ଦୋକାନୀ ମହିଳା ଜଣଙ୍କ ବି ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତକ ଜଣଙ୍କ ବ୍ରାହ୍ମଣୀ ଗାଁ ଥାନାସ୍ଥିତ ଧର୍ମ ସାହିର ବଣ୍ଡାସା ମାଝୀ ଓ ଗୁରୁତର ହୋଇଥିବା ମହିଳା ଜଣଙ୍କ ବଣ୍ଡା ମାଝୀ ବୋଲି ଜଣାପଡ଼ିଛି। ତେବେ ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଯୋଗାଇଦେବା ଦାବି ନେଇ ଉକ୍ତ ବୃଦ୍ଧଙ୍କ ମୃତଦେହକୁ ରାସ୍ତାରେ ରଖି ଆନ୍ଦୋଳନ କରିଥିଲେ। ଫଳରେ ଦାରିଙ୍ଗବାଡ଼ିଠାରୁ ବ୍ରହ୍ମପୁର ଯାତାୟାତ ବନ୍ଦ ରହିଛି। ସେହିପରି ଧକ୍କା ଦେଇଥିବା ଯାତ୍ରୀବାହୀ ବସକୁ ମଧ୍ୟ ଉତ୍ତ୍ୟକ୍ତ ଲୋକେ ଭଙ୍ଗାରୁଜା କରିଛନ୍ତି। ମୃତକ ପରିବାରକୁ ୫୦ ଲକ୍ଷ ଓ ଗୁରୁତରଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ସାଧାରଣରେ ଦାବି ହୋଇଛି। ଖବର ପାଇ ଦାରିଙ୍ଗବାଡ଼ି ତହସିଲଦାର ଫାଲ୍‌ଗୁନ କୁମାର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରିନଥିବା ଜଣାପଡ଼ିଛି।

## ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ, ସମ୍ପର୍କୀୟ ଭାଇ ଗିରଫ

**ଘସିପୁରା,୨୮।୮(ସଂଚାର ବ୍ୟୁରୋ):** ଜନୈକ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଗର୍ଭବତୀ କରାଇ ସମ୍ପର୍କୀୟ ଭାଇ ଗିରଫ ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଓସ୍ତପୁରା ଆଶ୍ରମ ବିଦ୍ୟାଳୟର ଉକ୍ତ ଛାତ୍ରୀ ଜଣଙ୍କ ଗର୍ଭବତୀ ହୋଇଥିବା ନେଇ ଅଭିଯୋଗ ଆସିବା ପରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଅଭିଯୁକ୍ତକୁ



ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନାନୁସାରେ, ଘସିପୁରା ଥାନା ଓସ୍ତପୁରା ଆଶ୍ରମ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ଥିବା ସ୍କୁଲ କର୍ତ୍ତୃପକ୍ଷଙ୍କ ନଜରକୁ ଆସିଥିଲା। ଏହାପରେ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀଙ୍କ ଅଭିଭାବକଙ୍କୁ ସ୍କୁଲ୍‌କୁ ଡକାଇବା ସହ ପରେ ନିକଟସ୍ଥ ଥାନାରେ ଜଣାଇଥିଲେ। ଏଥିସହ ଉକ୍ତ ଛାତ୍ରୀଙ୍କ ମେଡିକାଲ୍ ଟେଷ୍ଟ ହୋଇଥିଲା। ଅଭିଯୋଗ ପାଇବା ପରେ ପୁଲିସ ତତ୍ପରତା ପ୍ରକାଶ କରିବା ସହ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ନାବାଳିକା ଜଣଙ୍କ କିଛି ଦିନ ତଳେ ଛୁଟିରେ ଘରକୁ ଯାଇଥିବା ସମୟରେ ତାଙ୍କର ସମ୍ପର୍କୀୟ ମାମୁ ପୁଅ ଭାଇ ସହ ସମ୍ପର୍କ ରଖି ଗର୍ଭବତୀ ହୋଇଥିବା ଜଣାପଡ଼ିଥିଲା। ତେବେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ବିଏମ୍‌ସିରେ ହେବ କୁକୁର ଗଣନା

### ୱାର୍ଡ ପିଛା ୪ ଅଧିକାରୀ ରହିବେ

**ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଞ୍ଚଳରେ ହେବ କୁକୁର ଗଣନା। ଆସନ୍ତା ମାସ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରୁ ଆରମ୍ଭ ହେବ ଏହି କାର୍ଯ୍ୟ। ୭ରୁ ୧୦ ଦିନ ମଧ୍ୟରେ ଭୁବନେଶ୍ୱରରେ ଏହି ଗଣନା ଶେଷ ହେବ ବୋଲି ଆଜି ସୂଚନା ଦେଇଛନ୍ତି ବିଏମସି କମିଶନର ଚଞ୍ଚଳ ରାଣା। ତାଙ୍କ କହିବାନୁସାରେ, ଭେଟେନାରୀ ଡାକ୍ତରଙ୍କ ପରାମର୍ଶ ନେଇ ପ୍ରତି ୱାର୍ଡରେ ଏକକାଳୀନ ଗଣନା ଆରମ୍ଭ ହେବ। ପ୍ରତି ୱାର୍ଡ ପାଇଁ ୩ରୁ ୪ଜଣ ଅଧିକାରୀ ରହିବେ। ଏହି ଗଣନା ପରେ କେଉଁ ଅଞ୍ଚଳରେ କେତେ କୁକୁର ଅଛନ୍ତି ତାର ପ୍ରକୃତ ତଥ୍ୟ ଜଣାପଡିବ। ବହୁତ ଦିନ ଆଗରୁ ଏକ ସର୍ଭେ ହୋଇଥିଲା। ପର୍ଟିକୁଲାର ଡାଟା ବା ତଥ୍ୟ ଜାଣିବା ପାଇଁ ଏବେ ପୁଣି ବିଏମସି କୁକୁର ଗଣନା କରିବ। ଗଣମାଧ୍ୟମରେ ବିଭିନ୍ନ ତଥ୍ୟ ଆସୁଛି, କିନ୍ତୁ ଏକ ବିଏମସି ତରଫରୁ ପ୍ରକୃତ ତଥ୍ୟ ଦିଆଯିବ। ଗଣନା ଲାଗି ଟ୍ରେନିଂ ଦିଆଯିବ। ସାନିଟେସନରେ କାମ କରୁଥିବା ଲୋକଙ୍କୁ ମଧ୍ୟ ମଧ୍ୟ ଏହି କାର୍ଯ୍ୟରେ ସାମିଲ କରାଯିବ ବୋଲି ଶ୍ରୀ ରାଣା କହିଛନ୍ତି।

## ଗିରଫ ହେଲେ ୟୁଟ୍ୟୁବର, ଲୁଟ କରି ଅପରାଧ ରୋକିବା ଉପରେ ଦେଉଥିଲା ପ୍ରବଚନ



**କଟକ, ୨୮।୮ (ସଂଚାର ବ୍ୟୁରୋ) :** ଗିରଫ ହେଲା ପ୍ରବଚକ ଚୋର। ୟୁଟ୍ୟୁବ ଚ୍ୟାନେଲ ଖୋଲି ଦେଉଥିଲା ପ୍ରବଚନ । ଭରତପୁର ଥାନା ଅଞ୍ଚଳର ବଡ଼ ଧରଣର ଲୁଟରେ ସଂପୃକ୍ତ ଥିଲା ଏହି ଚୋର। ଅଗଷ୍ଟ ୧୪ ରେ ହୋଇଥିଲା ଏହି ଲୁଟ । ଗିରଫ କଲା କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାର୍ଡ। ଅଭିଯୁକ୍ତ ମନୋଜ ସିଂର ଘର କଟକରେ । ଭୁବନେଶ୍ୱର ପୋଲିସ ଦ୍ୱାରା ଧରା ପଡିଛି ଚୋର ପ୍ରବଚକ । ସମାଜରୁ କିଭଳି ଅପରାଧ ରୋକି ହେବ ଓ ଅପରାଧୀ କିଭଳି ଅପରାଧ ଛାଡି ପାରିବେ ସେନେଇ ଦେଉଥିଲା ପ୍ରବଚନ । ଅଭିଯୁକ୍ତ ଠାରୁ ୨୦୦ ଗ୍ରାମ ସୁନା, ଏକ ଲକ୍ଷ ଟଙ୍କା ଓ ଚୋରି ମୋଟର ସାଇକେଲ ଜବତ କରିଛି କମିଶନରେଟ ପୋଲିସ ।

### ଶ୍ରୀଲଙ୍କା ଅଧିକାରୀଙ୍କ ଓଡ଼ିଶା ଗସ୍ତ

## କଳିଙ୍ଗ ଷ୍ଟାଡିୟମ ଓ ରାଜ୍ୟ ସଂଗ୍ରହାଳୟ ବୁଲିଲେ



**ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ):** ଓଡ଼ିଶା ଗସ୍ତରେ ଆସିଥିବା ଶ୍ରୀଲଙ୍କାର ଅଧିକାରୀମାନେ ଆଜି କଳିଙ୍ଗ ଷ୍ଟାଡିୟମ ଏବଂ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଶ୍ରୀଲଙ୍କା ଅଧିକାରୀମାନେ କଳିଙ୍ଗ ଷ୍ଟାଡିୟମରେ ଥିବା ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର, ଆଥଲେଟିକ୍ସ ଷ୍ଟାଡିୟମ, ହକି ଷ୍ଟାଡିୟମ, ଭାରୋତ୍ତୋଳନ, ସନ୍ତରଣ, ବ୍ୟାଡ୍‌ମିଣ୍ଟନ, ଶୁଟିଂ, ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ଆଦି ବୁଲି ଦେଖିଥିଲେ। ଶ୍ରୀଲଙ୍କାର ଅଧିକାରୀମାନେ ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମିକୁ ପ୍ରଶଂସା କରିବା ସହ ଓଡ଼ିଶାରେ ସଫଳତାପୂର୍ବକ ଅନୁଷ୍ଠିତ ହୋଇଥିବା ବିଭିନ୍ନ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ୍ ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିଦର୍ଶନରେ ଯାଇ ଏହି ଅଧିକାରୀମାନେ ପ୍ରାଗ-ଐତିହାସିକ ଗ୍ୟାଲେରୀ, ରାଜକୀୟ ଓ ହାତୀଦାନ୍ତ ଗ୍ୟାଲେରୀ, ପ୍ରାଣୀ ବିଜ୍ଞାନ ଗ୍ୟାଲେରୀ, ଖଣି ଓ ଭୂ-ତତ୍ତ୍ୱ ଗ୍ୟାଲେରୀ, କଣ୍ଟେଇ ଗ୍ୟାଲେରୀ, ମୁଖା ଗ୍ୟାଲେରୀ, ଜନଜାତି ଗ୍ୟାଲେରୀ, ହସ୍ତତନ୍ତ ଗ୍ୟାଲେରୀ ଆଦି ବୁଲି ଦେଖିଥିଲେ। ଓଡ଼ିଶାର ଇତିହାସ, ସଂସ୍କୃତି, ଐତିହ୍ୟ ଓ ଅନନ୍ୟ ପରମ୍ପରା ସମ୍ବନ୍ଧରେ ସେମାନେ ବେଶ୍ ଆଗ୍ରହ ଦେଖାଇବା ସହ ଏ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ଓଡ଼ିଶାର ପାଇକ ବିଦ୍ରୋହ ଓ ସ୍ୱାଧୀନତା ସଂଗ୍ରାମ ସମ୍ବନ୍ଧରେ ଏକ ବୃତ୍ତଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଥିଲା।

କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଅଧିକାରୀମାନେ ସାମିଲ ହୋଇ ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ବନ୍ଧରେ ଶ୍ରୀଲଙ୍କାର ଅଧିକାରୀମାନଙ୍କୁ ଅବଗତ କରାଇଥିଲେ।

## ସାମ୍ବାଦିକଙ୍କ ପିତୃ ବିୟୋଗ



**ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ):** ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ଦାସଙ୍କ ପିତା ସୁରେନ୍ଦ୍ରନାଥ ଦାସଙ୍କ ହୃଦ୍‌ଘାତରେ ଗତକାଲି ବିଳମ୍ବିତ ରାତିରେ ପରଲୋକ ଘଟିଛି। ଗତ କିଛି ଦିନ ତଳେ ତାଙ୍କର ହଠାତ୍ ଦେହ ଖରାପ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ୍ ଓ ପରେ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ହାର୍ଟସର୍ଜରୀ କରାଯାଇଥିଲା ପରେ କିଡନୀ ଖରାପ ଯୋଗୁ ଡାଏଲିସିସ୍ ମଧ୍ୟ କରାଯାଇଥିଲା। ବୟସାଧିକ ଯୋଗୁ ଶେଷରେ ୯୪ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି। ସୁରେନ୍ଦ୍ରଙ୍କ ଭୁବନ୍ଦୋବସ୍ତ, ଜମିଜମା ସମ୍ବନ୍ଧୀୟ ଆଇନଗତ ଦିଗରେ ବିଶେଷ ପାଣ୍ଡିତ୍ୟ ଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ବାସନ୍ତି ଦାସ ଓ ୫ ପୁଅ, ବୋହୂ ଉପସ୍ଥିତ ଥିଲେ। ନିଜ ଗ୍ରାମ ଲିଙ୍ଗିପୁରସ୍ଥିତ ମଶାଣୀରେ ତାଙ୍କର ଶବଦାହ କରାଯାଇଛି।

## ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ

**ପୁରୀ,୨୮।୮(ସଂଚାର ବ୍ୟୁରୋ):** ପୁରୀ ଗୁଣ୍ଡିଚା ମନ୍ଦିର ପଛପଟେ ବିଚ୍ ରାସ୍ତାରେ ଗୋଡେଇ ଗୋଡେଇ ଜଣେ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି ଦୁର୍ବୃତ୍ତ। ଯୁବକ ଜଣକ କୃଷ୍ଣପ୍ରସାଦ ଅଞ୍ଚଳର ସୁକାନ୍ତ କୁମାର ପଲ୍ଲେଇ। ଗୁରୁତର ଅବସ୍ଥାରେ ତାଙ୍କୁ ପୁରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନେ ସୁକାନ୍ତଙ୍କ ପାଦକୁ ହାଣି ରକ୍ତାକ୍ତ କରିଛନ୍ତି। ଗୁଣ୍ଡିଚା ମନ୍ଦିର ନିକଟରେ ଥିବା ଗଞ୍ଜେଇ ଦୋକାନରେ ସୁକାନ୍ତ ଠିଆ ହୋଇଥିବା ସମୟରେ ଚିକେନ ଦୋକାନୀ ତାଙ୍କୁ ଏଭଳି ମରଣାନ୍ତକ ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି ।

## ପରିବେଶ ଅନୁକୂଳ ଯାତ୍ରାକୁ ତ୍ୱରାନ୍ୱିତ କରୁଛି ଇ-ବସ୍



**ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ):** ଇ-ବସ୍ ଚଳାଚଳ କ୍ଷେତ୍ରରେ ଓଡ଼ିଶା ଦେଶରେ ପଞ୍ଚମ ସ୍ଥାନ ହାସଲ କରି ସହରାଞ୍ଚଳ ପରିବହନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହାସଲ କରିଛି। ବର୍ତ୍ତମାନ ୪୫୦ ଟି ଇ-ବସ୍ ଚଳାଚଳ କରୁଥିବା ଏବଂ ଆଗାମୀ ବର୍ଷଗୁଡ଼ିକରେ ଏହି ସଂଖ୍ୟା ୧୦୦୦ ଅତିକ୍ରମ କରିବାକୁ ଯୋଜନା କରୁଥିବାରୁ, ସହରଗୁଡ଼ିକୁ ସ୍ୱଚ୍ଛ, ସ୍ମାର୍ଟ ଏବଂ ଅଧିକ ଯାତ୍ରୀ-ଅନୁକୂଳ କରିବା ପାଇଁ ସ୍ୱତନ୍ତ୍ର ରଣନୀତି ସହିତ ଦ୍ରୁତ ଗତିରେ ଆଗକୁ ବଢୁଛି।

ସମଗ୍ର ଦେଶରେ ବର୍ତ୍ତମାନ ୧୪୩୨୯ଟି ଇ-ବସ୍ ଚଳାଚଳ କରୁଛି, ଯେଉଁଥିରେ ଦିଲ୍ଲୀ (୩୫୬୪), ମହାରାଷ୍ଟ୍ର (୩୨୯୬), କର୍ଣ୍ଣାଟକ (୨୨୩୬) ଏବଂ ଉତ୍ତର ପ୍ରଦେଶ (୮୫୦) ଅଗ୍ରଣୀ ରହିଛି। ଏହି ବଡ଼ ରାଜ୍ୟଗୁଡ଼ିକଠାରୁ ଠିକ୍ ପଛରେ ଥିବା ଓଡ଼ିଶା ସହରାଞ୍ଚଳରେ ପରିବେଶ ଅନୁକୂଳ ଗମନାଗମନ କ୍ଷେତ୍ରରେ ନିର୍ଣ୍ଣାୟକ ପଦକ୍ଷେପ ନେଇଛି। ଓଡ଼ିଶା ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ (୩୯୧), ଆନ୍ଧ୍ର ପ୍ରଦେଶ (୨୩୮), ଛତିଶଗଡ଼ (୨୧୫) ଏବଂ ଝାଡ଼ଖଣ୍ଡ (୪୬)କୁ ଏ କ୍ଷେତ୍ରରେ ଢେର ପଛରେ ପକାଇଛି। କେନ୍ଦ୍ର ସରକାର ପିଏମ-ଇବସ୍‌ସେବା ଏବଂ ପିଏମ-ଇ-ଡ୍ରାଇଭ୍ ଭଳି ଯୋଜନା ଅଧୀନରେ ରାଜ୍ୟଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଓଡ଼ିଶାର ରାଜଧାନୀ ଅଞ୍ଚଳ ସହରାଞ୍ଚଳ ପରିବହନ (କ୍ରୁଟ୍) ଏହି ସହାୟତାର ଲାଭ ଉଠାଇବାରେ ସକ୍ରିୟ ରହିଛି, ଏବଂ ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ବ୍ରହ୍ମପୁର ଏବଂ ଅନୁଗୁଳକୁ 'ଆମ ବସ' ସେବାର ସମ୍ପ୍ରସାରଣ ପାଇଁ ମଧ୍ୟ ପ୍ରସ୍ତୁତି ଚଳାଇଛି। 'ଆମ ବସ' ସେବାର ନିରବଚ୍ଛିନ୍ନ ପରିଚାଳନା ସୁନିଶ୍ଚିତ କରିବା ପାଇଁ କ୍ରୁଟ୍ ଡିପୋ ଏବଂ ଟର୍ମିନାଲରେ ଚାର୍ଜିଂ ଷ୍ଟେସନ ସ୍ଥାପନ କରାଯାଉଛି, ଯେତେବେଳେ କି କ୍ୟୁଆର-ଆଧାରିତ ପେମେଣ୍ଟ, ଏନସିଏମସି କାର୍ଡ ଏବଂ ଆପ୍-ସକ୍ଷମ ବୁକିଂ ସମେତ ସ୍ମାର୍ଟ ଟିକେଟ୍ ସିଷ୍ଟମ୍ ପ୍ରବର୍ତ୍ତନ କରାଯାଉଛି। ଏହା ସହିତ, ସୁରକ୍ଷିତ, ବିଶ୍ୱସନୀୟ ଓ ଯାତ୍ରୀ-କେନ୍ଦ୍ରିକ ସେବା ପ୍ରଦାନ କରିବା ପାଇଁ କର୍ମଚାରୀମାନଙ୍କର ତାଲିମ ଏବଂ ଦକ୍ଷତା ବୃଦ୍ଧି ଦିଗରେ ଉଦ୍ୟମ ଜାରି ରହିଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଓଡ଼ିଶାର ସବୁଜ ଦୃଷ୍ଟିକୋଣ ଉପରେ ଆଲୋକପାତ କରି "ଇ-ପରିବହନରେ ଓଡ଼ିଶାର ଦ୍ରୁତ ଅଗ୍ରଗତି ଉଭୟ ପରିବେଶ ଏବଂ ଲୋକଙ୍କ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା କହିଛନ୍ତି। ସେହିପରି ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ସମନ୍ୱିତ ଯୋଜନା ଉପରେ ଗୁରୁତ୍ୱାରୋପ କରିଛନ୍ତି।










ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ସେୟାର୍ ବଜାରରେ ପଡ଼ିଲା ଟ୍ରମ୍ପଙ୍କ ଟାରିଫ୍ ମାଡ଼

# ସେନସେକ୍ସ ୬୫୭ ପଏଣ୍ଟ ଏବଂ ନିଫ୍ଟି ୨୦୦ ପଏଣ୍ଟ ହ୍ରାସ



**ନୂଆଦିଲ୍ଲୀ, ୨୮।୮:** ଭାରତୀୟ ସେୟାର ବଜାର ଗୁରୁବାର ଲଗାତାର ଦ୍ୱିତୀୟ ଦିନରେ ବଡ଼ ହ୍ରାସ ବନ୍ଦ ହୋଇଛି। କାରବାର ଶେଷରେ ସେନ୍‌ସେକ୍ସ ପ୍ରାୟ ୭୦୫.୯୭ ଅଙ୍କ ବା ୦.୮୭ ପ୍ରତିଶତ ହ୍ରାସ ପାଇ ୮୦,୦୮୦.୫୭ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ନିଫ୍ଟି ୨୧୧.୧୫ ଅଙ୍କ ଖସି ୨୪,୫୦୦ ତଳେ ବନ୍ଦ ହୋଇଛି। ଆମେରିକାର ଟାରିଫ୍ କାର୍ଯ୍ୟାକାରୀ ହେବା ପରେ ବଜାରରେ ବିକ୍ରି ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ବିଦେଶୀ ନିବେଶକଙ୍କ ଲଗାତାର ବିକ୍ରି ମଧ ବଜାରର ସେଣ୍ଟିମେଣ୍ଟକୁ ଦୁର୍ବଳ କରିଛି।

କଞ୍ଜୁମର ଡ୍ୟୁରେବଲ୍‌କୁ ଛଡ଼ି ପ୍ରାୟ ସମସ୍ତ ପ୍ରମୁଖ ସେକ୍ଟୋରାଲ୍ ଇଣ୍ଡେକ୍ସ ଲାଲ୍ ସଂକେତରେ ବନ୍ଦ ହୋଇଛି। ସବୁଠୁ ଅଧିକ ହ୍ରାସ ନିଫ୍ଟି ଆଇଟି ଓ ନିଫ୍ଟି ରିୟଲ୍ଟିରେ ଦେଖିବାକୁ ମିଳିଛି, ଯାହା ପ୍ରାୟ ୧.୫ ପ୍ରତିଶତ ଖସିଛି। ଅନ୍ୟପଟେ ନିଫ୍ଟି ପିଏସୟୁ ବ୍ୟାଙ୍କ୍, ଏଫ୍‌ଏମ୍‌ସିଜି ଓ ଫାର୍ମା ଇଣ୍ଡେକ୍ସ ୧ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ବ୍ରଡ୍‌ର ମାର୍କେଟରେ ବି ଆଜିର ହ୍ରାସ ବଡ଼ ଥିଲା। ନିଫ୍ଟି ମିଡ୍‌କ୍ୟାପ୍ ୧୦୦ ଇଣ୍ଡେକ୍ସ ୧.୩ ପ୍ରତିଶତ ଓ ନିଫ୍ଟି ସ୍ମଲ୍‌କ୍ୟାପ୍ ୧୦୦ ଇଣ୍ଡେକ୍ସ ୧.୫ ପ୍ରତିଶତ ଖସି ବନ୍ଦ ହୋଇଛି।

ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ଅଗଷ୍ଟ ୨୮ରେ ହ୍ରାସ ପାଇ ୪୪୫.୨୦ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିନ ମଙ୍ଗଳବାର ୪୪୯.୪୫ କୋଟି ଟଙ୍କା ଥିଲା। ଏହିପରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ପ୍ରାୟ ୪.୨୫ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ଆଜି ନିବେଶକଙ୍କୁ ୪.୨୫ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି।

ବିଏସ୍‌ଇ ସେନ୍‌ସେକ୍ସର ୩୦ ସେୟାର ମଧ୍ୟରୁ ଆଜି କେବଳ ୭ ସେୟାର ସବୁଜ ସଂକେତରେ ବନ୍ଦ ହୋଇଛି। ଏଥିରେ ଟାଇଟନ୍ ସେୟାରରେ ସବୁଠୁ ଅଧିକ ୧.୨୨ ପ୍ରତିଶତ ବୃଦ୍ଧି ହୋଇଛି। ଅନ୍ୟପଟେ ୨୩ ସେୟାର ଲାଲ୍ ସଂକେତରେ ବନ୍ଦ ହୋଇଛି। ଏଥିରେ ଏଚସିଏଲ୍ ସେୟାର ୨.୮୫ ପ୍ରତିଶତ ହ୍ରାସ ଟପ୍ ଲୁଜର ହୋଇଛି।

## ୨୦୩୦ ପର୍ଯ୍ୟନ୍ତ ବଢ଼ିଲା ପିଏମ୍ ସ୍ୱନିଧି ଯୋଜନା

ନୂଆଦିଲ୍ଲୀ, ୨୮।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ କମିଟି ବୈଠକରେ ରାସ୍ତାକଡ଼ ବେପାରୀଙ୍କ ପାଇଁ କାର୍ଯ୍ୟକାରୀ କରାଯାଇଥିବା ପିଏମ୍ ସ୍ୱନିଧି ଯୋଜନାର ଅବଧିକୁ ୨୦୩୦ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଏହି ଯୋଜନାର ମୋଟ୍ ଅଟକଳ ୭୩୩୨ କୋଟି ଟଙ୍କା ରହିଛି। ଏହା ଦ୍ୱାରା ୧.୧୫ କୋଟି ହିତାଧିକାରୀ ଉପକୃତ ହେବେ। ସେଥିରୁ ୫୦ ଲକ୍ଷ ହେଉଛନ୍ତି ନୂଆ ହିତାଧିକାରୀ। ଏହି ଯୋଜନାକୁ ସରକାର ଆହୁରି ଆକର୍ଷଣୀୟ କରିଛନ୍ତି। ଦ୍ୱିତୀୟ ଋଣ ପରିଶୋଧ କରିଥିବା ହିତାଧିକାରୀଙ୍କୁ ୟୁପିଆଇ ସଂଯୁକ୍ତ ରୁପେ କ୍ରେଡିଟ୍ କାର୍ଡ ଦେବା, ୧୬୦୦ ଟଙ୍କା ପର୍ଯ୍ୟନ୍ତ ଡିଜିଟାଲ୍ କ୍ୟାସ୍‌ବ୍ୟାକ୍ ସୁବିଧା ଏବଂ ପ୍ରଥମ ଓ ଦ୍ୱିତୀୟ ଋଣ ଶୁଝିଥିବା ହିତାଧିକାରୀଙ୍କୁ ଅଧିକ ଋଣ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିରେ ପ୍ରଥମ ଋଣକୁ ୧୦ ହଜାର ଟଙ୍କାରୁ ବଢ଼ାଇ ୧୫ ହଜାର ଟଙ୍କା, ଦ୍ୱିତୀୟକୁ ୨୦ ହଜାର ଟଙ୍କାରୁ ବଢ଼ାଇ ୨୫ ହଜାର ଟଙ୍କା କରାଯାଇଛି।ତୃତୀୟ ଋଣ ୫୦ହଜାର ଟଙ୍କାରେ ସ୍ଥିର ରହିଛି। କେନ୍ଦ୍ର ସରକାର କରୋନା ମହାମାରୀ ସମୟରେ ୨୦୨୦ ଜୁନ୍ ୧ରେ ପିଏମ୍ ସ୍ୱନିଧି ଯୋଜନା ଆରମ୍ଭ କରିଥିଲେ। ୨୦୨୫ ଜୁଲାଇ ୩୦ ସୁଦ୍ଧା ଏହି ଯୋଜନାରେ ୬୮ ଲକ୍ଷରୁ ଅଧିକ ରାସ୍ତାକଡ଼ ବେପାରୀଙ୍କୁ ୧୩,୭୯୭ କୋଟି ଟଙ୍କାର ଋଣ ଆବଣ୍ଟନ କରାଯାଇଛି। ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ଆର୍ଥିକ ସେବା ବିଭାଗ ଏବଂ ଗୃହ ଓ ସହରାଞ୍ଚଳ ବ୍ୟାପାର ବିଭାଗ ପାଖରେ ରହିଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୨, ୬୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୪,୦୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୨,୬୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୪, ୦୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୨,୬୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୪ ହଜାର ୦୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୨,୭୫୦ ଟଙ୍କା ଓ ୨୨ କ୍ୟାରେଟ୍ ୯୪, ୨୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୨,୬୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୪ ହଜାର ୦୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୨,୬୦୦ ଓ ୯୪ ହଜାର ୦୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୦,୦୦୦ଟଙ୍କାହୋଇଛି।

## ୨୦୩୮ ସୁଦ୍ଧା ଭାରତ ହେବ ଦ୍ୱିତୀୟ ବୃହତ୍ ଅର୍ଥନୀତି

### ଇଓ୍ୱାଇ ରିପୋର୍ଟ

ନୂଆଦିଲ୍ଲୀ, ୨୮।୮: କ୍ରୟ ଶକ୍ତି ସମାନତା (ପିପିପି) ଆଧାରରେ ଆସନ୍ତା ୨୦୩୮ ସୁଦ୍ଧା ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୈତିକ ମହାଶକ୍ତି ଭାବେ ଉଭା ହେବାକୁ ଯାଉଥିବା ନେଇ ଇଓ୍ୱାଇ ଏହାର ଏକ ରିପୋର୍ଟରେ ଆକଳନ କରିଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ତଥ୍ୟକୁ ଅନୁଶୀଳନ କରି ଏହା ଜଣାଇଛି ଯେ ୨୦୩୦ ସୁଦ୍ଧା ଭାରତର ଅର୍ଥନୀତି ୨୦.୭ ଟ୍ରିଲିୟନ ଡଲାରରେ ପହଞ୍ଚିବ। ଆମେରିକା, ଚୀନ, ଜର୍ମାନୀ ଓ ଜାପାନ ତୁଳନାରେ ଏହା ଭଲ ସ୍ଥିତିରେ ରହିବ। ୨୦୩୦ ସୁଦ୍ଧା ଚୀନ୍ ଅର୍ଥନୀତି ୪୨.୨ ଟ୍ରିଲିୟନ ଡଲାରକୁ ବୃଦ୍ଧି ପାଇବ। କିନ୍ତୁ ବୟସ୍କ ଲୋକ ଓ ବର୍ଦ୍ଧିତ ଋଣ ଏହା ପାଇଁ ବଡ଼ ଆହ୍ୱାନ ହେବ। ଆମେରିକା ଯଦିଓ ଦୃଢ଼ ରହିବ, କିନ୍ତୁ ଏହାର ଋଣ ସ୍ତର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୧୨୦ ପ୍ରତିଶତ ଭଳି ଉଚ୍ଚ ସ୍ତରକୁ ବୃଦ୍ଧି ପାଇବ। ଜର୍ମାନୀ ଓ ଜାପାନ ଯଦିଓ ବିକଶିତ ରାଷ୍ଟ୍ର, କିନ୍ତୁ ମଧ୍ୟମ ବୟସ୍କ ଲୋକ ଓ ରପ୍ତାନି ଉପରେ ଅତ୍ୟଧିକ ନିର୍ଭରଶୀଳତା, ଏହି ଦୁଇ ପାଇଁ ଆହ୍ୱାନ ସୃଷ୍ଟି କରିବ।

ଇଓ୍ୱାଇ ଇଣ୍ଡିଆର ମୁଖ୍ୟ ନୀତି ଉପଦେଷ୍ଟା ଡି କେ ଶ୍ରୀବାସ୍ତବ କହିଛନ୍ତି ଯେ ଯୁବ ଓ ଦକ୍ଷ ଶ୍ରମ ଶକ୍ତି, ଦୃଢ଼ ସଞ୍ଚୟ ଓ ନିବେଶ ହାର ଏବଂ ଅପେକ୍ଷାକୃତ କମ୍ ଋଣ ଭାରତ ସପକ୍ଷରେ କାମ କରିବ। ବିଶ୍ୱସ୍ତରରେ ଅସ୍ଥିରତା ସତ୍ତ୍ୱେ ଏହି ସବୁ କାରଣ ପାଇଁ ଭାରତ ଉଚ୍ଚ ଅଭିବୃଦ୍ଧି ହାସଲ କରିପାରିବ। ଜିଏସ୍‌ଟି, ଆଇବିସି ଭଳି ସଂସ୍କାର, ୟୁପିଆଇ ଜରିଆରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ସ୍କିମ୍ ଶିଳ୍ପଗୁଡ଼ିକର ପ୍ରତିଦ୍ୱନ୍ଦ୍ୱିତାରେ ଉନ୍ନତି ଆଣିଛି। ବିନିମୟ ମୁଦ୍ରା ହାର ଅନୁସାରେ ୨୦୨୮ ସୁଦ୍ଧା ଜର୍ମାନୀକୁ ଅତିକ୍ରମ କରି ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବ। ଭାରତ ଉପରେ ଆମେରିକା ଲଗାଇଥିବା ଶୁଳ୍କ ଭାରତ ଜିଡିପିକୁ ୦.୯ ପ୍ରତିଶତ ପ୍ରଭାବିତ କରିପାରେ। କିନ୍ତୁ ରପ୍ତାନିରେ ବିବିଧତା ଆଣି, ଘରୋଇ ଚାହିଦା ବଢ଼ାଇ ଏବଂ ବାଣିଜ୍ୟ ସହଯୋଗିତାରେ ଉନ୍ନତି ଆଣି ଭାରତ ଏହି ପ୍ରଭାବକୁ ୦.୧ ପ୍ରତିଶତକୁ ହ୍ରାସ କରିପାରିବ।

## 'ଜିରୋ' ଜିଏସଟି ତାଲିକାରେ ଅଧିକାଂଶ ସାମଗ୍ରୀ

ନୂଆଦିଲ୍ଲୀ ୨୮।୮: ଅଗଷ୍ଟ ୧୫ ତାରିଖରେ ଲାଲକିଲ୍ଲାରୁ ପିଏମ୍ ଘୋଷଣା କରିଥିଲେ ଜିଏସଟି ସଂସ୍କାର। ଆଉ କହିଥିଲେ ଯେ ଏହି ସଂସ୍କାରଗୁଡ଼ିକ ଦୀପାବଳି ପୂର୍ବରୁ ଲାଗୁ କରାଯିବ। ଆସନ୍ତା ସପ୍ତାହରେ ବସିବାକୁ ଯାଉଛି ଜିଏସଟି ପରିଷଦ ବୈଠକ। ଏହା ପୂର୍ବରୁ ଜିଏସଟି ସ୍ଲାବରେ ପରିବର୍ତ୍ତନ ସମ୍ପର୍କରେ ଏକ ବଡ଼ ଅପଡେଟ୍ ଆସିଛି। ଏହି ଅନୁସାରେ, ବୈଠକରେ ସରକାର ଶୂନ୍ୟ ଜିଏସଟି ସ୍ଲାବର ପରିସରକୁ ବୃଦ୍ଧି କରିପାରିବେ। ଏଥିରେ ଅନେକ ଦୈନନ୍ଦିନ ଅତ୍ୟାବଶ୍ୟକୀୟ ସାମଗ୍ରୀ ଅନ୍ତର୍ଭୁକ୍ତ କରିପାରିବେ। ଯାହା ଏପର୍ଯ୍ୟନ୍ତ ୫% ଏବଂ ୧୮% ଜିଏସଟି ପରିସର ମଧରେ ଆସୁଛି। ରିପୋର୍ଟ ଅନୁସାରେ, ଏହି ସାମଗ୍ରୀଗୁଡ଼ିକରେ ମୁଖ୍ୟତଃ ଖାଦ୍ୟ ଉତ୍ପାଦ ଅନ୍ତର୍ଭୁକ୍ତ ହେବ। କହିବାକୁ ଗଲେ ରୁଟି,କ୍ଷୀର, ଛେନା ଭଳି ଅତ୍ୟାବଶ୍ୟକୀୟ ଖାଦ୍ୟ ଉପରେ ଛାଡ ହେବ ଜିଏସଟି।




ବିଶେଷ କରି ୫ ପ୍ରତିଶତରୁ ୧୮ ପ୍ରତିଶତ ଜିଏସଟି ଲାଗୁ ହୋଇଥିବା ଖାଦ୍ୟ ଏବଂ ସାମଗ୍ରୀ ଉପରେ ଜିଏସଟି ଛାଡ଼ କରାଯିବ ବୋଲି ସୂଚନା ରହିଛି। ୟୁଏଚଟି କ୍ଷୀର, ପ୍ୟାକେଟ୍ ଛେନା, ପିଜା ବ୍ରେଡ, ଚପାତି, ଆଦି ଖାଦ୍ୟସାମଗ୍ରୀ ଉପରେ ଶୂନ୍ୟ ଜିଏସଟି ଲାଗୁ ହେବ। ସେହିପରି ୧୮% ପ୍ରତିଶତ ଜିଏସଟି ଲାଗୁ ହୋଇଥିବା ପରଟା ଉପରେ ମଧ ଜିଏସଟି ଛାଡ କରାଯିବ। ଏନେଇ ପ୍ରସ୍ତାବ ଆସିଥିବା ସୂଚନା ମିଳିଛି। ସେହପରି ପାଠ୍ୟ ଉପକରଣ ଉପରେ ମଧ ଜିଏସଟି ଛାଡ଼ ହେବ। ମ୍ୟାପ୍, ହାଇଡ୍ରୋଗ୍ରାଫିକ ଚାର୍ଟ, ଆଟାଲାସ, ସବୁ ପ୍ରକାରର ପେନସିଲ, କାନ୍ଥ ମ୍ୟାପ୍, ଗ୍ଲୋବ୍ସ, ପ୍ରିଣ୍ଟେଡ ଚାର୍ଟ, ନୋଟବୁକ ଆଦି ଶିକ୍ଷାକ୍ଷେତ୍ରରେ ଜଡିତ ସାମଗ୍ରୀ ଉପରେ ଜିଏସଟି ଛାଡ଼ ହେବା। ଏସବୁ ଉପରେ ଏବେ ୧୨ ପ୍ରତିଶତ ଟାକ୍ସ ଲାଗୁ କରାଯାଇଛି। ଏହାଦ୍ୱାରା ଗରିବ ଏବଂ ମଧବିତ୍ତ ଲୋକଙ୍କ ଉପରେ ଟାକ୍ସ ଭାର କମିବ। ଏନେଇ ଆସନ୍ତା ସପ୍ତାହରେ ଦିଲ୍ଲୀରେ ହେବାକୁ ଥିବା ୫୬ ତମ ଜିଏସଟି କାଉନସିଲ ବୈଠକରେ ଚୂଡାନ୍ତ ନିଷ୍ପତ୍ତି ହେବାର ଅଛି।

## ଆମେରିକୀୟ ଅର୍ଥନୀତିଜ୍ଞଙ୍କ ଚେତାବନୀ

## ନିଜ ଗୋଡ଼ରେ କୁରାଢ଼ି ମାରିଛି ଆମେରିକା



ନୂଆଦିଲ୍ଲୀ,୨୮।୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଲଗାଇଛନ୍ତି ୫୦% ଟାରିଫ୍। ଏହାଦ୍ୱାରା ଭାରତର ଦୁଇ ତୃତୀୟାଂଶ ରପ୍ତାନି ଉପରେ ପ୍ରଭାବ ପଡ଼ିପାରେ। ଏହା ମଧ୍ୟରେ ଆମେରିକାର ଜଣାଶୁଣା ଅର୍ଥନୀତିଜ୍ଞ ଜେଫରୀ ସୈସ୍ କହିଛନ୍ତି ଯେ, ଭାରତ ଉପରେ ଏତେ ଅଧିକ ଟାରିଫ୍ ଲଗାଇ ଟ୍ରମ୍ପ ଆମେରିକାର ହିଁ କ୍ଷତି କରିଛନ୍ତି। ଏହାଦ୍ୱାରା ଆମେରିକା ବିଶ୍ୱରେ ଏକଘରିଆ ହୋଇଯିବ ଏବଂ ଏହାର କମ୍ପାନିଗୁଡ଼ିକୁ ବଡ଼ ମାତ୍ରାରେ କ୍ଷତି ସହିବାକୁ ପଡ଼ିବ। କଲମ୍ବିଆ ୟୁନିଭର୍ସିଟିର ପ୍ରଫେସର ସୈସ୍ ଏକ ଇଣ୍ଟରଭ୍ୟୁରେ କହିଛନ୍ତି ଯେ, ଟ୍ରମ୍ପ ଭାରତକୁ ଡରାଇବାକୁ ଚେଷ୍ଟା କରୁଛନ୍ତି କିନ୍ତୁ ଏଥିରେ ସେ ସଫଳ ହେବେ ନାହିଁ। ଟ୍ରମ୍ପ ଭାବୁଛନ୍ତି ଯେ, ସେ ଭାରତକୁ ଡରାଇ ଧମକାଇ ନିଜ କାମ ହାସଲ କରିଦେବେ। ଏହା ଭାବିବା ଠିକ୍ ନୁହେଁ ଯେ,୧୫୦ କୋଟି ଜନସଂଖ୍ୟାବିଶିଷ୍ଟ ଏକ ଦେଶକୁ ସେ ଡରାଇପାରିବେ। ଏହା କରି ଟ୍ରମ୍ପ ବ୍ରିକ୍ସ ଦେଶଗୁଡ଼ିକୁ ଆହୁରି ଅଧିକ ନିକଟତର କରିବାରେ ସଫଳ ହେବେ। ଏହାଦ୍ୱାରା ଭାରତ ଆମେରିକାଠାରୁ ଦୂରେଇଯିବ ଏବଂ ରୁଷ, ଚୀନ୍, ବ୍ରାଜିଲ ଏବଂ ବିଶ୍ୱର ଅନ୍ୟ ବଡ଼ ଅର୍ଥବ୍ୟବସ୍ଥାଗୁଡ଼ିକର ନିକଟତର ହୋଇଯିବ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



### ୫୦% ଶୁଳ୍କ ମୁକାବିଲା ପାଇଁ ରଣନୀତି

# ୪୦ଟି ଦେଶକୁ ରପ୍ତାନି ବଢ଼ିବ

- ଦେଶ ଭିତରେ ସ୍ୱଦେଶୀ ଜିନିଷର ପ୍ରସାର
- ବାଣିଜ୍ୟ ରାଜିନାମା ଆଲୋଚନା ଆଗେଇବ



ନୂଆଦିଲ୍ଲୀ, ୨୮।୮: ଭାରତ ଉପରେ ଆମେରିକା ଲଗାଇଥିବା ୫୦ ପ୍ରତିଶତ ଶୁଳ୍କ ବୁଧବାରଠାରୁ ଲାଗୁ ହୋଇଛି। ଫଳରେ ରପ୍ତାନିକାରୀମାନେ ବେଶ୍ ଚିନ୍ତିତ ହୋଇପଡ଼ିଛନ୍ତି। କିନ୍ତୁ ଏହି କଡ଼ା ଆହ୍ୱାନର ମୁକାବିଲା କରିବାକୁ ଭାରତ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ତାହାର ଦୁଇଟି ପ୍ରମୁଖ ଦିଗ ରହିଛି। ଗୋଟିଏ ହେଉଛି ନୂଆ ରପ୍ତାନି ବଜାର ସନ୍ଧାନ କରି ସେଠାକୁ ଅଧିକ ଜିନିଷ ପଠାଇବା ଏବଂ ଦେଶ ଭିତରେ ସ୍ୱଦେଶୀ ସାମଗ୍ରୀର ବ୍ୟବହାର ବଢ଼ାଇବା। ଏଥି ସହିତ ବିଭିନ୍ନ ଦେଶ ସହ ଅଧା ବାଟରେ ଅଟକି ରହିଥିବା ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) ଆଲୋଚନାକୁ ମଧ ସରକାର ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ଆମେରିକା ଶୁଳ୍କ ଦ୍ୱାରା ପ୍ରଭାବିତ ହେବାକୁ ଥିବା ରପ୍ତାନିକୁ ଭରଣା କରିବା ଲାଗି ଭାରତ ୪୦ଟି ଦେଶ ଉପରେ ନଜର ପକାଇଛି। ସେହି ରାଷ୍ଟ୍ରଗୁଡ଼ିକ ହେଉଛି ବ୍ରିଟେନ, ଜାପାନ, ଦକ୍ଷିଣ କୋରିଆ, ଜର୍ମାନୀ, ଫ୍ରାନ୍ସ, ଇଟାଲୀ, ସ୍ପେନ୍, ନେଦରଲ୍ୟାଣ୍ଡସ, ପୋଲାଣ୍ଡ, କାନାଡା, ମେକ୍ସିକୋ, ରୁଷ୍, ବେଲଜିୟମ, ତୁର୍କୀ, ୟୁଏଇ ଓ ଅଷ୍ଟ୍ରେଲିଆ। ବୟନ ରପ୍ତାନି ବଢ଼ାଇବାରେ ଏହି ଦେଶଗୁଡ଼ିକ ସହାୟକ ହୋଇପାରିବେ ବୋଲି ସରକାର ଭାବୁଛନ୍ତି। ଭାରତକୁ ଏକ ଭରସାଯୋଗ୍ୟ ଯୋଗାଣକାରୀ ଭାବେ ଉପସ୍ଥାପିତ କରିବା ଉପରେ କାମ ହେଉଛି। ସେଥିପାଇଁ ରପ୍ତାନି ପ୍ରସାର ପରିଷଦ ଓ ଭାରତୀୟ ମିସନଗୁଡ଼ିକୁ ଦାୟିତ୍ୱ ଦିଆଯାଇଛି।

ଆମେରିକା ଲଗାଇଥିବା ୫୦ ପ୍ରତିଶତ ଶୁଳ୍କ ଭାରତର ବୟନ, ଗହଣା, ଚିଙ୍ଗୁଡ଼ି, ଚମଡ଼ାରୁ ପ୍ରସ୍ତୁତ ଉତ୍ପାଦ, ଫୁଟଓୟାର, ରସାୟନ ଓ ମେସିନ କ୍ଷେତ୍ରକୁ ଅଧିକ ପ୍ରଭାବିତ କରିବ। ଭାରତ ବର୍ତ୍ତମାନ ୨୨୦ରୁ ଅଧିକ ଦେଶକୁ ରପ୍ତାନି କରୁଛି। ସେଥିରୁ ଏଭଳି ୪୦ଟି ଦେଶ ଚୟନ କରାଯାଇଛି, ଯେଉଁମାନଙ୍କ ସହିତ ଭାରତ ଏହାର ରପ୍ତାନିରେ ଦୀର୍ଘକାଳୀନ ବିବିଧତା ଆଣିପାରିବ। ଏହି ଦେଶଗୁଡ଼ିକ ବର୍ଷକୁ ୫୯,୦୦୦ କୋଟି ଡଲାର ମୂଲ୍ୟର ବୟନ ଓ ପୋଷାକ ସାମଗ୍ରୀ ଆମଦାନି କରୁଛନ୍ତି, ଯେଉଁଥିରେ ଭାରତର ଭାଗ ମାତ୍ର ୫-୬ ପ୍ରତିଶତ ରହିଛି। ତେଣୁ ଏହି ଦେଶଗୁଡ଼ିକୁ ବୟନ ସାମଗ୍ରୀ ରପ୍ତାନି ବଢ଼ାଇବାର ବ୍ୟାପକ ସୁଯୋଗ ରହିଛି। ଆମେରିକାକୁ ଭାରତ ୮୬୫୦ କୋଟି ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରୁଥିଲା। ସେଠାକୁ ପଠାଯାଉଥିବା ପ୍ରମୁଖ ଜିନିଷଗୁଡ଼ିକ ଥିଲା ପେଟ୍ରୋଲ, ଚିଙ୍ଗୁଡ଼ି, ପେଟ୍ରୋଲିୟମ୍ ଉତ୍ପାଦ, ସୋଲାର ପ୍ୟାନେଲ, ଗାଡ଼ି ଆସେସୋରି, ସ୍ମାର୍ଟଫୋନ, ଔଷଧ, ହୀରା ଓ ଗହଣା।

## ଗ୍ରାମ୍ୟ ବ୍ୟାଙ୍କ ଅଫିସର ସଂଘର ମିଳିତ ସାଧାରଣ ସଭା

ଭୁବନେଶ୍ୱର, ୨୮।୮: ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଫିସର ସଂଘ (ଏଓଜିବିଓ) ଓ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଅଫିସର ସଂଘ (ୟୁଜିବିଓଏ)ର ଏକ ମିଳିତ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଆଇଆରଆରବିଇଏର ସାଂଗଠନିକ ସମ୍ପାଦକ ମୟଙ୍କ ବୈଦ୍ୟ ଓ ସାଧାରଣ ସମ୍ପାଦକ କୀର୍ତ୍ତିରାଜ ହିଡ୍‌କଲ୍, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଫେସର ଚଣ୍ଡି ଚରଣ ରଥ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ତିନି ମହାପ୍ରବନ୍ଧକ ବିଜୟ କେତନ ସାହୁ, ବାଲମୁକୁନ୍ଦ ପ୍ରସାଦ ଓ ବାସୁଦେବ ରାଉତରାୟ ବକ୍ତବ୍ୟ ରଖିଥିଲେ। ଦୁଇ ସଂଘର ସଭାପତି ଅସିତ ଖଣ୍ଡାଇ ଓ ଗୋପବନ୍ଧୁ ମଲ୍ଲିକ ସଭା ପରିଚାଳନା କରିଥିଲେ। ଦୁଇ ସାଧାରଣ ସମ୍ପାଦକ ପଦ୍ମଲୋଚନ ସାହୁ ଓ ସାଗର ଗୁରୁ ତଥ୍ୟ ଉପସ୍ଥାପନ କରିଥିଲେ। ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ସଂଘର ନୂଆ ସଭାପତି ଭାବେ ମାନଭଞ୍ଜନ ମିଶ୍ର ଓ ସମ୍ପାଦକ ଭାବେ ପୀତବାସ ଜେନାଙ୍କୁ ଚୟନ କରାଯାଇଥିବା ବେଳେ ୧୬୦ ଜଣଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇଛି।




## ନବଦର୍ଶନ ରିଫ୍ଲେକ୍ସନ୍ ସମାରୋହ ୨୦୨୫

**ଭୁବନେଶ୍ୱର, ୨୮।୮:** ଭି-ଗାର୍ଡ ପକ୍ଷରୁ ଓଡ଼ିଶା ରାଇଜିଂ ଫାଉଣ୍ଡେସନ ସହଯୋଗରେ ନବଦର୍ଶନ ରିଫ୍ଲେକ୍ସନ୍ ସମାରୋହ ୨୦୨୫ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ସଂଖ୍ୟାରେ ଶିଶୁ, ଅଭିଭାବକ, ଶିକ୍ଷାବିତ, ନୀତି ନିର୍ଧାରକ, କର୍ପୋରେଟ ପ୍ରତିନିଧ ଓ ନାଗରିକ ସମାଜର ପ୍ରତିନିଧିମାନେ ଭାଗ ନେଇଥିଲେ। ପାଞ୍ଚ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ନବଦର୍ଶନ ଅଭିଯାନରେ ସ୍ୱତନ୍ତ୍ର ଦକ୍ଷତାର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ନେଇ ତାଲିମ ପ୍ରଦାନ କରାଯାଉଛି। ଏନଜିଓ ସହଯୋଗିତାରେ ଏହି ଅଭିଯାନ ଓଡ଼ିଶା, କେରଳ, ତେଲେଙ୍ଗାନା ଓ କର୍ଣ୍ଣାଟକର ୪୦ଟି ସ୍କୁଲର ୪୦୦୦ରୁ ଅଧିକ ପିଲାଙ୍କ ପାଖରେ ପହଂଚିପାରିଛି। ଏଥିରେ ଭି-ଗାର୍ଡ ୩.୬୪ କୋଟି ଟଙ୍କା ନିବେଶ କରିଛି। ଓଡ଼ିଶାର ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼ ଓ କୋରାପୁଟର ୧୦ଟି ସ୍କୁଲର ୧୦୦୦ରୁ ପିଲା ଏହା ଦ୍ୱାରା ଉପକୃତ ହୋଇଛନ୍ତି।

# ପଶ୍ଚିମ ଓଡ଼ିଶାର ସବୁଠି ନୂଆଁଖାଇ ପାଳିତ

## ଦଶମୀ ତିଥିରେ ନୂଆଁ ଖାଇବେ ଗଡ଼ଜାତ ଅଞ୍ଚଳବାସୀ

**ମ.ରାମପୁର,୨୮।୮ (ସଂଚାର ବ୍ୟୁରୋ):** ଆଜି ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ସମଗ୍ର ପଶ୍ଚିମ ଓଡ଼ିଶାର ପୁରପଲ୍ଲୀରେ ପାଳିତ ହୋଇଯାଇଛି । ସେହିପରି କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକର ପ୍ରତ୍ୟେକ ଗାଁ ଗୁଡିକରେ ଏହି ନୂଆଖାଇ ପର୍ବକୁ ଲୋକେ ଧୁମ୍‌ଧାମରେ ପାଳନ କରୁଥିବା ବେଳେ କିଛି ଗାଁରେ ଗାଁ ସାରା ଲୋକେ ଏକାଠି ବସି ନବାର୍ଣ୍ଣ ଭକ୍ଷଣ କରନ୍ତି। ମୁଖ୍ୟତଃ ଏହି ପର୍ବ କୃଷି ଭିତ୍ତିକ ପର୍ବ ଭାବରେ ପରିଚିତ। ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଭୋଗ ଲାଗି କରାଯିବା ପରେ ଅନ୍ୟ ଦେବାଦେବୀଙ୍କୁ ଭୋଗ ଲାଗି କରାଯାଇଥାଏ । ପରେ ପଶ୍ଚିମ ଓଡ଼ିଶା ଚାଷୀ ଭାଇମାନେ କ୍ଷେତକୁ ଯାଇ ପୂଜା କରନ୍ତି। ଘରର ମୂରବୀ ନୂତନ ବସ୍ତ୍ର



ପରିଧାନ ପୂର୍ବକ ଘରେ ପୂଜାଅର୍ଚ୍ଚନା କରି ଖିରି - ଖେଚେଡ଼ି ଭୋଗ ଘରର ଇଷ୍ଟଦେବୀଙ୍କୁ ଅର୍ପଣ କରିସାରିବା ପରେ ପରିବାର ସମସ୍ତେ ଏକାଠି ବସି ଭୋଜନ କରିଥାନ୍ତି । ପରେ ନୂଆଖାଇ ଭେଟଘାଟ୍ ଉତ୍ସବ ପାଳନ କରାଯାଏ ।

ନୂଆଖାଇ ଯେ , କେବଳ ପାରମ୍ପରିକ ପର୍ବ ନୁହେଁ , ବରଂ ଏହି ପର୍ବ ଭ୍ରାତୃଭାବ ଓ ଏକତାର ଓ ମହାମିଳନର ପର୍ବ କାରଣ ଯିଏ ଯେଉଁଠି ଯେତେଦୂରରେ ଥାଆନ୍ତୁ ନା କାହିଁକି ଅନ୍ତତଃ ବର୍ଷକୁ ଥରେ ଏହି ନିର୍ଦ୍ଦିଷ୍ଟ ପର୍ବ ସମୟରେ ସମସ୍ତେ ଏକତ୍ରୀତ ହୋଇଥାନ୍ତି । ଗ୍ରାମ ବା ସହରରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଯେତେ ମନୋମାଳିନ୍ୟ, ମନାନ୍ତର, ମତାନ୍ତର ଥାଉ ନା କାହିଁକି ଏହି ସମୟରେ ସେ ସବୁକୁ ଭୁଲିଯାଇ ସମସ୍ତେ ଏକତା ମନରେ ଏକାଠି ବାନ୍ଧି ହୋଇଯାଆନ୍ତି। ରାଜା ଠାରୁ ପ୍ରଜା ପର୍ଯ୍ୟନ୍ତ , ଧନୀ ଠାରୁ ଗରିବ ପର୍ଯ୍ୟନ୍ତ ସମସ୍ତେ ଏହି ପର୍ବକୁ ଏକାଦିନରେ ପାଳନ କରିଥାନ୍ତି। ଯେଉଁଠିକି ଉଚ୍ଚ ନୀଚର ଭେଦଭାବ ନଥାଏ । ତେଣୁ ଏହି ପର୍ବ ସାମ୍ୟବାଦର ମଧ ଶିକ୍ଷା ଦେଇଥାଏ।

ଏହାଛଡ଼ା ନୂଆଖାଇ ଉପଲକ୍ଷେ ଗ୍ରାମଗୁଡ଼ିକର ଯୁବକ ଯୁବତୀ ମାନଙ୍କ ଦ୍ୱାରା ହାଣ୍ଡିପିଟା, କବାଡ଼ି , ଚୈକିବସା ଭଳି ଖେଳ ଅନୁଷ୍ଠିତ ହୋଇଥାଏ। ଏସବୁ ସତ୍ତ୍ୱ ଗ୍ରାମମାନଙ୍କରେ ଜୁହାର ଭେଟି ପରମ୍ପରା ବର୍ତ୍ତମାନ ସୁଦ୍ଧା ରହିଛି। କନିଷ୍ଠ ମାନେ ଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ପାଦଧରି ମୁଣ୍ଡିଆ ମାରିବା ଏବଂ ଜ୍ୟେଷ୍ଠ ମାନେ କନିଷ୍ଠ ମାନଙ୍କୁ ଆଶୀର୍ବାଦ ପୂର୍ବକ ମଙ୍ଗଳ କାମନା କରିବା ପରମ୍ପରା ଏଯାବତ୍ ରହିଛି । ଜୀବନ ଧାରଣ ପାଇଁ ଅନ୍ନର ବହୁତ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏହି ପର୍ବକୁ ଆନନ୍ଦ ପର୍ବର ଏକ ଉତ୍ସ କହିଲେ ଅତ୍ୟୁକ୍ତି ହେବ ନାହିଁ ।

# ତିନି ହଜାର ବୃଦ୍ଧବୃଦ୍ଧା ଭତ୍ତା ପାଇବାରୁ ବଞ୍ଚିତ

**କଣାସ,୨୮।୮ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ୬୦ବର୍ଷର ବୃର୍ଦ୍ଧବୃଦ୍ଧା ମାନଙ୍କୁ ସରକାରୀ ସହାୟତା ସ୍ୱରୂପ ଭତ୍ତା ପ୍ରଦାନ କରୁଥିବା ଗଣମାଧ୍ୟମରେ ଡେଙ୍ଗୁରା ପିଟୁଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତରେ ପ୍ରାୟ ୩ହଜାରରୁ ଉର୍ଦ୍ଧ ୬୦ରୁ ୬୬ବର୍ଷ ବୃଦ୍ଧବୃଦ୍ଧା ଦୀର୍ଘ ଦିନ ହେଲା ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ଭତ୍ତା ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରି ପ୍ରତ୍ୟେକ ଦିନ କଣାସ ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡୁ ଥିବା ଦେଖିବାକୁ ମିଳୁଛି। କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ସମାଜ ମଙ୍ଗଳ ଅଧିକାରୀ ମନୋଜ ମହାନ୍ତିଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କୁହନ୍ତି ୩ ହଜାରରୁ ଉର୍ଦ୍ଧ ଭତ୍ତା ଆବେଦନକରୀଙ୍କ କାଗଜପତ୍ର ପୁରୀ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ପଠାଇ ଦେଇଛୁ। ଟ୍ରାର୍ଗେଟ ନଥିବାରୁ ସେଗୁଡିକ ମଞ୍ଜୁର ହୋଇନାହିଁ।



# ୨୦ ବର୍ଷରେ ପଦାର୍ପଣ କଲା ଭଅଁରାଗଡ ଗଣେଶ ପୂଜା

**ବାଲିପାଟଣା,୨୮।୮ (ସଂଚାର ବ୍ୟୁରୋ):** ରାଜଧାନୀ ଉପକଣ୍ଠ ବାଲିପାଟଣାରେ ଖୁବ୍ ଧୁମଧାମର ସହ ପବିତ୍ର ଗଣେଶ ଚତୁର୍ଥୀ ପାଳିତ ହୋଇଯାଇଛି। ଅଂଚଳର ବିଭିନ୍ନ ପୂଜା ପ୍ୟାଣ୍ଡେଲ ସମେତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ,କାର୍ଯ୍ୟାଳୟ ସହ ଘରେ ଘରେ ଗଜାନନଙ୍କୁ ପୂଜାର୍ଚ୍ଚନା କରାଯାଇଛି। ଏହି ଅବସରରେ ପୂଜା ମଣ୍ଡପ ଗୁଡିକ ସାଜସଜ୍ଜା ସହ ରେଙ୍ଗବେରଙ୍ଗର ଅଲୋକମାଳାରେ ମେଡ଼ ଝଲସି ଉଠୁଛି। ଏହି କ୍ରମରେ ବାଲିପାଟଣା ବ୍ଲକ ଅନ୍ତର୍ଗତ ଭଅଁରାଗଡ ଗ୍ରାମର ଭଅଁରାଗଡ ଗଣେଶ ପୂଜା କମିଟି ଆନୁକୂଲ୍ୟରେ ଗଜାନନ ପ୍ରଭୁ ଗଣେଶଙ୍କ ପୂଜା ମହାସମାରୋହରେ ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ଏହି ପୂଜା ୨୦ ବର୍ଷରେ ପଦାର୍ପଣ କରିଥିବା ବେଳେ ମୃଣ୍ମୟ ମୂର୍ତ୍ତିଟି ବେଶ ଆକର୍ଷଣୀୟ ହୋଇଥିବା ବେଳେ ପୂଜା ମଣ୍ଡପଟିକୁ ବିଭିନ୍ନ ଆଲୋକ ମାଳାରେ ସୁସଜ୍ଜିତ ଭାବେ ସଜା ଯାଇଥିବା ଦେଖିବା ପାଇଁ ମିଳିଛି। ଗତ ୨୭ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ପୂଜା ୩୧ ତାରିଖ ସଂନ୍ଧ୍ୟାରେ ଭଷାଣୀ ଶୋଭାଯାତ୍ରା ସହ ସମାପନ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ବନ୍ଦର ନଗରୀରେ ଗଜାନନଙ୍କ ପୂଜା

**ପାରାଦୀପ,୨୮।୮ (ସଂଚାର ବ୍ୟୁରୋ):** ଧରାବତରଣ କରିଛନ୍ତି ଅଗ୍ରପୂଜ୍ୟ ଶ୍ରୀ ଗଜାନନ। ତାଙ୍କ ପୂଜା ପାଇଁ ଆଜି ଚଳଚଞ୍ଚଳ ବନ୍ଦର ନଗରୀ ପାରାଦୀପ। ରଙ୍ଗୀନ ଆଲୋକରେ ଝଲସୁଛି ସାରା ସହର। ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଖିଝଲସା ପୂଜା ପେଣ୍ଡାଲ। ବଜାରରେ ନାହିଁ ନଥିବା ଭିଡ଼। ପାରାଦୀପରୁ କୁଜଙ୍ଗ ଯାଏ ଗାଁ ଗହଳି, ସ୍କୁଲ, କଲେଜ, ଅଫିସ ସବୁଠାରେ ବିରାଜିତ ଶ୍ରୀଗଣେଶ। କେବଳ ଶିକ୍ଷା ଅନୁଷ୍ଠାନ କିମ୍ବା କ୍ଲବ ନୁହେଁ ପାରାଦୀପରେ ଥିବା ବିଭିନ୍ନ କମ୍ପାନୀ ଓ କମ୍ପାନୀ ଟାଉନସିପ ମଧ୍ୟରେ ମଧ ପୂଜାର ମାହୋଲ ଦେଖିବାକୁ ମିଳିଛି। ଇଫକୋ ଟାଉନସିପ, ଆଇଓସିଏଲ ଟାଉନସିପ, ସିଆଇଏସଏଫ କଲୋନୀ ସବୁଆଡେ ଆବିର୍ଭାବ ପ୍ରଭୁଙ୍କର ମୃଣ୍ମୟ ମୂର୍ତ୍ତି। ମଧୁବନ, ବଡ଼ପଡ଼ିଆ, ରେଲୱେ କଲୋନୀ, ବିଜୟଚନ୍ଦ୍ର ପୁର, ପାରାଦୀପ ଗଡ଼, ଉଦୟବଟ, ନିମିଢ଼ି, ଭୁତମୁଣ୍ଡାଇ, ବିଶ୍ୱାଳୀ, ସନ୍ତରା, କୁଜଙ୍ଗ, ଆଖପାଖ ସବୁଆଡେ ଧୁମଧାମରେ ପାଳନ ହେଉଛି ଗଣେଶ ପୂଜା। ବିଭିନ୍ନ ପ୍ରକାରର କାରୁକାର୍ଯ୍ୟରେ ଦେଖିବାକୁ ମିଳିଛି ଗଣେଶଙ୍କୁ। କେଉଁଠାରେ ବାଲ ଗଣେଶ ଭାବେ ପୂଜା ପାଉଛନ୍ତି ତ କେଉଁଠାରେ ରାମଲାଲାଙ୍କ ରୂପରେ। ପୂଜା ମଣ୍ଡପ ମଧ ଚଳିତ ବର୍ଷ ବେଶ ଆକର୍ଷଣୀୟ ପଲଟିଛି। ସାତଦିନ ଧରି ମେଲୋଡି, ଭଜନ ସନ୍ଧ୍ୟା, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି ଅନେକ ପୂଜା ମଣ୍ଡପରେ।

## ବୈଶିଙ୍ଗାର ବିଭିନ୍ନ ଅନୁଷ୍ଠାନରେ ବିଘ୍ନରାଜଙ୍କ ପୂଜୋତ୍ସବ

**ବୈଶିଙ୍ଗା,୨୮।୮ (ସଂଚାର ବ୍ୟୁରୋ):** ଅଗ୍ରପୂଜ୍ୟ ବିଘ୍ନରାଜଙ୍କ ପୂଜାର୍ଚ୍ଚନା ସାରା ଦେଶରେ ମହା ଧୂମଧାମରେ ପାଳିତ ହେଉଥିବା ବେଳେ ଆବାଳବୃଦ୍ଧବନିତାଙ୍କ ମଧ୍ୟରେ ଏକ ଉତ୍ସବର ମାହୋଲ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଛି। ପ୍ରତି ଗ୍ରାମ ପୁର ପଲ୍ଲୀ ସମେତ ଶିକ୍ଷାନୁଷ୍ଠାନ ବିଭିନ୍ନ ଯୁବକ ସଂଘ ଆନୁକୂଲ୍ୟରେ ଉତ୍ସାହର ସହିତ ଗଜାନନଙ୍କ ପୂଜା ପାଳିତ ହେଉଛି । ସେହିପରି କେ.ସି ହାଇସ୍କୁଲ, ମୁନିଲାଲ ହାଇସ୍କୁଲ, ସତ୍ୟସାଇ ବିଦ୍ୟାପୀଠ, ପଞ୍ଚାୟତ ହାଇସ୍କୁଲ, ପଞ୍ଚପଲ୍ଲୀ ଉଚ୍ଚ ବିଦ୍ୟାଳୟ,କେସି ଶିକ୍ଷା ନିକେତନ, ସ୍ୱାମୀ ବିବେକାନନ୍ଦ ସ୍କୁଲ ସମେତ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ବିଭିନ୍ନ ଅନୁଷ୍ଠାନରେ ମଧ ବିଘ୍ନହର୍ତ୍ତା ବିଘ୍ନରାଜଙ୍କ ପୂଜାର୍ଚ୍ଚନା ହୋଇଥିବାର ଜଣାଯାଇଛି ।

## କଣାସରେ ଗଜାନନଙ୍କ ପୂଜା ଉତ୍ସବ ପାଳିତ

**କଣାସ,୨୮।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକରେ ପ୍ରତ୍ୟେକ ବଜାର, ଶିକ୍ଷା ଅନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ଗଣନାଥଙ୍କ ପୂଜା ପାଳିତ ହୋଇଯାଇଥିବା ବେଳେ ଦିନ ସାରା ଝିପିଝିପି ବର୍ଷା ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମନରେ ବ୍ୟାଘାତ ସୃଷ୍ଟି କରିଥିବା ଦେଖିବାକୁ ମିଳିଛି। କଣାସ ବଜାରରେ ଆର.ଡି. ଏକ୍ସ ୟୁନିଟ୍‌ର ଯୁବକମାନଙ୍କ ପକ୍ଷରୁ ନିର୍ମାଣ କରାଯାଇଥିବା ତୋରଣ ଓ ଗଣେଶ ମୂର୍ତ୍ତି ସମସ୍ତଙ୍କୁ ଆକର୍ଷିତ କରିଥିଲା। ସେହିପରି କଣାସ କୁଞ୍ଜେଶ୍ୱରୀ ବ୍ୟବସାୟୀ ସଂଘ, କଣାସ ବସ୍‌ଷ୍ଟାଣ୍ଡ, କଣାସ ଗୋଲାବଜାର ବ୍ୟବସାୟୀ ସଂଘ, ଦୋକନ୍ଦା, ନୂଆଦୋକନ୍ଦା, ବାଲିପାଟଣା, ବଡାସ, ଭାଟପଡ଼ା, ରାଣୀପଡ଼ା, କଣାସ ଗ୍ରାମର ବିଭିନ୍ନ ସ୍ଥାନ, ଡିମିରି ଗ୍ରାମରେ ରଙ୍ଗବେରଙ୍ଗର ତୋରଣ ଓ ଆଲୋକ ସଜା କରାଯାଇ ଗଣେଶଙ୍କ ପୂଜା ଅର୍ଚ୍ଚନା ଅନୁଷ୍ଠିତ ହୋଇଥିବା ବେଳେ ଜଙ୍ଗିଆ ବଜାର, ବିଜିପୁର ବଜାର, କରମଳା, ଗଡ଼ିଶାଗୋଡା, ଜାଗୁଳାଇପଦର, ଅଡାଲ, ଗଡ଼ଖାରଦ, ବକ୍ସୁ, ଶ୍ରୀମକୁନ୍ଦପୁର, ମନ୍ଦାରବସ୍ତ ଓ ବିଭିନ୍ନ ଗ୍ରାମରେ ଯୁବକମାନେ ଗଣେଷ ପୂଜା ପାଳନ କରିଥିଲେ। ସତ୍ୟାବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ପୂଜା ମଣ୍ଡପ ପରିଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା।

# ମଣିଜଙ୍ଗା-ଏରସମା ରାସ୍ତାରେ ଶବ୍ଦ ପ୍ରଦୂଷଣକାରୀ ଗାଡ଼ି ଚାଳକଙ୍କ ଆତଙ୍କ



**ତିର୍ତ୍ତୋଲ,୨୮।୮ (ସଂଚାର ବ୍ୟୁରୋ):** ତିର୍ତ୍ତୋଲ ଥାନା ଅଧିନସ୍ତ ମଣିଜଙ୍ଗା ଏରସମା ରାସ୍ତାରେ ଏବେ ଅସାମାଜିକ ଯୁବକଙ୍କ ଆଡାସ୍ଥଳୀ ପାଲଟିଛି। ଦିନ ଦୁଇ ପ୍ରହରରେ ଅସାମାଜିକ ଯୁବକମାନେ ବାଇକ ସାଇଲେନ୍ସର ଖୋଲି ପୁଡିଜେନା ବଜାର ଠାରୁ ଆରମ୍ଭ କରି ଇବ୍ରିସିଂ ପର୍ଯ୍ୟନ୍ତ ଲୋକଙ୍କୁ ଭଲରେ ଚଲାବୁଲା କରେଇ ଦେଉନାହାନ୍ତି। ଅତ୍ୟଧିକ ବିରକ୍ତକର ସାଉଣ୍ଡ ପାଇଁ ହାର୍ଟ ରୋଗୀ ମାନଙ୍କ ଜୀବନ ଏବେ ବାଜିରେ ଲାଗିଛି । କିନ୍ତୁ ସବୁ ଜାଣି ପୁଲିସ ପ୍ରଶାସନ ଚୁପ ବସିଥିବା ବେଳେ ଏରସମା ପୁଲିସ ତାର ନିରପେକ୍ଷତାରେ କୋଠି ଛକ ଠାରୁ ଏରସମା ତାଙ୍କ ଏରିଆରେ ପେଟ୍ରୋଲିଂ ଜାରି ରଖିଛନ୍ତି । କିନ୍ତୁ ବାସ୍ତବରେ ତିର୍ତ୍ତୋଲ ପୁଲିସ ଚୁପ ହୋଇ ବସିଛନ୍ତି।

ଆଗକୁ ଦୁର୍ଗା ପୂଜା ଥିବାରୁ ନିଶାଡୀ ଯୁବକ ଏବେ କାହାକୁ ମାନିବାର ନାମ ଧରୁ ନାହାଁନ୍ତି। ଏହି ରାସ୍ତାରେ ବିଭିନ୍ନ ସମୟରେ ଚୋରି ରାହାଜନୀ ଭଳି ବିଭିନ୍ନ ଘଟଣା ଦୈନିକ ଶୁଣିବାକୁ ମିଳୁଛି ଯାହାର ଉଦାହରଣ ନରୁଆ ଦୁର୍ଗା ମଣ୍ଡପ ଓ ଜଗନ୍ନାଥପୁରରେ ଦୋକାନ। ଏହି ମଣିଜଙ୍ଗା ଏରସମା ରାସ୍ତାର ଜଗନ୍ନାଥପୁର ଠାରୁ ଆରମ୍ଭ କରି ନରୁଆ ଛକ ଯାଏ ଏହି ଶବ୍ଦ ପ୍ରଦୂଷଣ ବାଇକ ଚଳାଇ ଆଡ୍ଡା ଯମାଉଛନ୍ତି ନିଶାଗ୍ରସ୍ତ ଯୁବକ । କେବଳ ସେତିକି ନୁହେଁ ତୁଳଙ୍ଗ ଓ ବଡ଼ିଲ ଗ୍ରାମ ଭିତରେ ପଶି ଏହି ବାଇକ ଯୋଗେ ଆତଙ୍କ ଖେଳାଉଛନ୍ତି ଏହି ନିଶାଗ୍ରସ୍ତ ଯୁବପିଢ଼ି। ସେହିପରି ଗତକାଲି ଜଗନ୍ନାଥପୁର ବଜାର ଠାରେ ଜଣେ ସାଧାରଣ ଲୋକ ଉପରେ ଗାଡ଼ି ଚଢାଇ ଓଲଟି ସେଇ ଲୋକଙ୍କୁ ଆଖି ଦେଖାଇ ଚମ୍ପଟ ମାରିଛନ୍ତି ନିଶାଡୀ । ଏହାକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନକୁ ଏହି ରାସ୍ତାରେ ଦୈନିକ ପେଟ୍ରୋଲିଂ କରିବାକୁ ଅନୁରୋଧ କରିଛନ୍ତି ସ୍ଥାନୀୟ ଲୋକେ ।

# ଭତ୍ତା ପାଇବାରୁ ବଞ୍ଚିତ ୬୫ ବର୍ଷୀୟ ଅଭିମନ୍ୟୁ

**କନ୍ଧମାଳ,୨୮।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ଗ୍ରାମ ପଞ୍ଚାୟତ କଟାବାଲି ଗ୍ରାମର ୬୫ ବର୍ଷିୟ ବୃଦ୍ଧ ବାପା ଭତ୍ତା ପାଇବାରୁ ବଞ୍ଚିତ ଏହି ବୃଦ୍ଧ ବାପା ଅଭିମନ୍ୟୁ ଦିଗାଲ ଦୀର୍ଘ ଦୁଇ ବର୍ଷ ହେବ ଭତ୍ତା ପାଇବା ପାଇଁ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ ଦୌଡ଼ି ଶେଷରେ ନିରାଶ ହୋଇ ଘରେ ଭୋକ ଉପାସରେ ବିତାଇ ନିଦ କାଟୁଥିବା ନଜି ଘର ହେଉଛି କଟାବାଲି ଗାଁର ଅସହାୟ ଗରିବ ଶ୍ରେଣୀର ବୃଦ୍ଧ ବାପା। ଜିଲ୍ଲାର ଆଦି ବ୍ଲକର ବିଭିନ୍ନ ଗଳିକନ୍ଦି ଗ୍ରାମାଞ୍ଚଳରେ ବିଧବା ଭତ୍ତା ହେଉ କିମ୍ବା ବାର୍ଦ୍ଧକ୍ୟ ଭତ୍ତା ହେଉ ପାଉଥିବା ବେଳେ ୬୫ ବର୍ଷର ବୃଦ୍ଧ ଙ୍କୁ ଏ ପର୍ଯ୍ୟନ୍ତ କାହିଁକି ପ୍ରଶାସନର ଦୃଷ୍ଟି ପଡ଼ି ନାହିଁ ଏହା ଜିଲ୍ଲା ମହଲରେ ଏକ ପ୍ରଶ୍ନବାଚି ସୃଷ୍ଟି ହେଇଛି। ଏଣୁ ବୃଦ୍ଧା ପ୍ରତି ପ୍ରଶାସନ ଦୃଷ୍ଟିରେ ରଖି ଏହି ଗରୀବ ଅସହାୟ ବୃଦ୍ଧା ମହିଳାଙ୍କୁ ଦୟା କରି ତାଙ୍କୁ ତୁରନ୍ତ ପଦକ୍ଷେପ ନେଇ ଭତ୍ତା ପ୍ରଦାନ କରିବା ନିମନ୍ତେ ବିନମ୍ର ଅନୁରୋଧ କରିଛନ୍ତି।



## ନୂଆଖାଇ ପାଳିତ




**କଟକ,୨୮।୮ (ସଂଚାର ବ୍ୟୁରୋ):** କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ "ନୂଆଖାଇ" ଉତ୍ସବ ପାଳିତ ହୋଇଯାଇଅଛି। ଅନୁଷ୍ଠାନର ସଭାପତି ଡାକ୍ତର ରବି ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସୁରେନ୍ଦ୍ର ନାଥ ଛୋଟରାୟ ଶାନ୍ତିପାଠ ଓ ସଂଗଠନ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କଟକ ମେୟର ସୁବାସ ଚନ୍ଦ୍ର ସିଂହ ମୁଖ୍ୟ ଅତିଥି ଓ ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆଖାଇ କେବଳ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ପର୍ବ ନୁହେଁ, ଏହା ସମ୍ପ୍ରୀତି ଓ ସଦ୍‌ଭାବନାର ପର୍ବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଲଗ୍ନ ଅନୁଯାୟୀ ନବାନ୍ନ ଲାଗି ହୋଇ ପ୍ରସାଦ ବିତରଣ କରାଯାଇଥିଲା। ସର୍ବଶ୍ରୀ ଶ୍ୟାମସୁନ୍ଦର ସାହୁ, ବିଦ୍ୟୁତ ଲାଲା, ସମରେନ୍ଦ୍ର ଘୋଷ, ମାଧବ ମିଶ୍ର, ଅରୁଣା ସାମନ୍ତରାୟ, ଅଶ୍ୱିନୀ ସେଠୀ, ଡ଼ଃ ହେମନ୍ତ ପରିଡ଼ା, ବିଷ୍ଣୁମୋହନ ଦାସ ସାମନ୍ତ, ନିବାସ ଚନ୍ଦ୍ର ମିଶ୍ର, ଗୋପାଳ ଚନ୍ଦ୍ର ମିଶ୍ର, ଅଶୋକ ପଣ୍ଡା, ମୁକେଶ ସୋନୀ, ମିଳନ ବଡୁ, କିଶୋର ଚନ୍ଦ୍ର ଦାସ, ଲକ୍ଷ୍ମୀ ମିଶ୍ର, ଦୀପ୍ତି ରଞ୍ଜନ ପଣ୍ଡା, ଅରୁଣ ଅଗ୍ରୱାଲ, ଅଜୟ ଦାସ, ବାବୁଲା ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ନୂଆଖାଇ ସମ୍ପର୍କରେ ଆଲୋକପାତ କରିଥିଲେ।

## ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ସେପ୍ଟେମ୍ବର ମାସ ପାଇଁ ଯୁଗ୍ମ ଜନଶୁଣାଣି ଶିବିର ସମ୍ପର୍କିତ କାର୍ଯ୍ୟସୂଚୀ

**ବାରିପଦା,୨୮।୮ (ସଂଚାର ବ୍ୟୁରୋ):** ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ଆଗାମୀ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଶୁଣାଣି ଶିବିର ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ସେପ୍ଟେମ୍ବର ମାସର ପ୍ରଥମ ସୋମବାର ତା ୦୧-୦୯-୨୦୨୫ ରିଖ ସଦର ଉପଖଣ୍ଡ ବାରିପଦା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଘଟିକା ଠାରୁ ଶୁଣାଣି ହେବ। ସେହିପରି ସେପ୍ଟେମ୍ବର ମାସର ଦ୍ୱିତୀୟ ସୋମବାର ତା. ୦୮-୦୯-୨୦୨୫ରିଖ ବାମନଘାଟି ଉପଖଣ୍ଡ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁରରେ ପୂର୍ବାହ୍ନ ୧୦ଘଟିକା ଠାରୁ ଶୁଣାଣି ଆରମ୍ଭ ହେବ , ସେହିପରି ସେପ୍ଟେମ୍ବର ମାସ ତୃତୀୟ ସୋମବାର ତା ୧୫-୦୯-୨୦୨୫ ରିଖ ପାଞ୍ଚପିଢ଼ ଉପଖଣ୍ଡ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନ ଶୁଣାଣି ପୂର୍ବାହ୍ନ ୧୦ଘଟିକା ଠାରୁ ଆରମ୍ଭ ହେବ ଏବଂ ସେପ୍ଟେମ୍ବର ମାସର ଚତୁର୍ଥ ସୋମବାର ତା ୨୨-୦୯-୨୦୨୫ ରିଖ କପ୍ତିପଦା ଉପଖଣ୍ଡ ପାଇଁ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଉଦଳା ଠାରେ ପୂର୍ବାହ୍ନ ୧୦ ଘଟିକା ଠାରୁ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏତଦ ବ୍ୟତୀତ ତା ୦୬-୦୯-୨୦୨୫ ରିଖ ବଡ଼ସାହି ବ୍ଲକରେ ସ୍ୱତନ୍ତ୍ର ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଉକ୍ତ ଶିବିରରେ ବିଧାୟକ ବଡ଼ସାହି ସନାତନ ବିଜୁଳି ଓ ଜିଲ୍ଲାପାଳ ଅଭିଯୋଗ ଗୁଡିକର ଶୁଣାଣି କରିବେ।

ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ଜିଲ୍ଲା ସ୍ତରୀୟ ଲାଇନ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାର,ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓ ମାନଙ୍କ ଉପସ୍ଥିତିରେ ଏବଂ ଜିଲ୍ଲାର ଅନ୍ୟ ଉପଖଣ୍ଡ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡ ସ୍ତରୀୟ ଓ ବ୍ଲକ ସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିରରେ ସମ୍ପୃକ୍ତ ଉପଖଣ୍ଡର ସମସ୍ତ ଉପଖଣ୍ଡ ସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓ ମାନଙ୍କ ଉପସ୍ଥିତି ରେ ସାଧାରଣ ଜନତା ଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ।

● ଜଗତସିଂହପୁରରେ ପୁଣି ଲଜ୍ଜ୍ୟା

## ପୀଡ଼ିତାଙ୍କୁ ବାରମ୍ବାର ଦୁଷ୍କର୍ମ ପାଇଁ ଉଦ୍ୟମ



**ଜଗତସିଂହପୁର,୨୮।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବେସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କୁ ଅସଦାଚରଣ ଓ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ କରିବା ଘଟଣାରେ ସଂସ୍ଥାର ମାଲିକଙ୍କ ଭାଇ ନାମରେ ଆସିଛି ସଙ୍ଗୀନ ଅଭିଯୋଗ। ପୀଡ଼ିତାଙ୍କ ପକ୍ଷରୁ ଏସ.ପିଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ ପରେ ପୋଲିସର ତଦନ୍ତ ଜାରି କରିଛି। ଅନ୍ୟ ପଟେ ପୀଡ଼ିତାଙ୍କ ଘର ସମ୍ମୁଖରେ ଅଭିଯୁକ୍ତ କିଛି ଅସାମାଜିକ ଲୋକଙ୍କ ସହିତ ଖଣ୍ଡା, ବନ୍ଧୁକ ଦେଖାଇ ଭୟଭୀତ କରୁଥିବା ଏବଂ ପରିବାରଙ୍କୁ ହତ୍ୟା ଧମକ ଦେଉଥିବା ହେତୁ ଗଣମାଧ୍ୟମ ଆଗରେ ମୁହଁ ଖୋଲିଲେ ପୀଡ଼ିତା ଓ ତାଙ୍କ ପରିବାର। ଜଗତସିଂହପୁର ସଦର ସ୍ଥିତ ପୁରୋହିତପୁର ଠାରେ ଥିବା ଆଶୁତୋଷ ଆସୋସିଏଟ ନାମକ ଏକ ବେସରକାରୀ କାର୍ଯ୍ୟାଳୟରେ ଘଟିଛି ଏଭଳି ଘଟଣା। ଅନ୍ୟପଟେ ଅଭିଯୁକ୍ତଙ୍କ ବିରୋଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନ ହେବା ହେତୁ ପୀଡ଼ିତା ଓ ତାଙ୍କ ପରିବାର ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ପୀଡ଼ିତା କହିଛନ୍ତି ଯେ ଯଦି ଅଭିଯୁକ୍ତ ଚିଣ୍ଟୁଙ୍କ ପ୍ରତି ଯଥାଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ ତେବେ ତିର୍ତ୍ତୋଲ ଥାନା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ କିରୋସିନ ଢାଳି ହୋଇ ଆତ୍ମ ହୁତୀ ଦେବେ ବୋଲି କହିଛନ୍ତି।

ସୂଚନା ଅନୁସାରେ ଜଗତସିଂହପୁର ସଦର ସ୍ଥିତ ଆଶୁତୋଷ ଆସୋସିଏଟ ନାମକ ଏକ ଘରୋଇ ସଂସ୍ଥାରେ ପୀଡ଼ିତା ଜଣକ ଗତ ବର୍ଷ ଅଗଷ୍ଟ ମାସରୁ ଆକାଉଣ୍ଟାଣ୍ଟ ଭାବରେ କାର୍ଯ୍ୟ କରି ଆସୁଥିଲେ। କାମ କରିବାର ପ୍ରାୟ ଚାରିମାସ ପରେ ସଂସ୍ଥା ମାଲିକଙ୍କ ଭାଇ ଅଶ୍ୱିନୀ ଦାଶ ସଂପୃକ୍ତ ଯୁବତୀ କର୍ମଚାରୀ ଜଣକୁ ଅଶିଳ ଇଙ୍ଗିତ, ନିର୍ଯାତନା ତଥା ଦୁଷ୍କର୍ମ ଉଦ୍ୟମ କରିବା ପାଇଁ ପଛେଇ ନଥିଲେ। କଥାକୁ କାହାରିକି ଆଗରେ ନକହିବା ପାଇଁ ପୀଡ଼ିତାଙ୍କୁ ଆର୍ଥିକ ପ୍ରଲୋଭନ ଦେଖାଇବା ସହ ବିଭିନ୍ନ ପ୍ରକାର ଧମକ ଚମକ ଦେଉଥିଲେ। ଯାହାର ପ୍ରତିବାଦ କରି ପୀଡ଼ିତା ଜଣକ ନିଜ ସମ୍ପର୍କୀୟ ତଥା ଅନ୍ୟ କର୍ମଚାରି ଙ୍କୁ କହିଥିଲେ ସୁଦ୍ଧା କୌଣସି ସୁଫଳ ନମିଳିବାରୁ ବାଧ ହୋଇ ସଂସ୍ଥା ରୁ ଚାକିରି ଛାଡି ଦେଇଥିଲେ।

## ବସରୁ ୫ କିଲୋ ଗଞ୍ଜେଇ ଜବତ, ଚାଲାଣକାରୀ ଛୁ'

**ଜୟପୁର,୨୮।୮(ସଂଚାର ବ୍ୟୁରୋ):** ଜୟପୁର ସରକାରୀ ବସଷ୍ଟାଣ୍ଡଠାରେ ଟାଉନ ଥାନା ପୁଲିସ ଆନ୍ଧ୍ରପ୍ରଦେଶର ବିଜୟୱାଡା ଯାଉଥିବା ସରକାରୀ ବସରେ ଏକ ବ୍ୟାଗ ରହିଥିବା ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବ୍ୟାଗରୁ କିଛି ପ୍ୟାଂଟ, ସାର୍ଟ ସହ ପ୍ୟାକେଟ ହୋଇଥିବା ପ୍ରାୟ ୫ କିଲୋଗ୍ରାମ ଗଞ୍ଜେଇ ପୁଲିସ ଜବତ କରିଛି। ଉକ୍ତ ବସରେ ବ୍ୟାଗ ରହିଥିବା ବେଳେ ଏହାକୁ ଜଣେ ମହିଳା ଖୋଲି ଦେଖିଥିଲେ। ଏହା ଭିତରେ ପ୍ୟାକେଟ ରହିଥିବା ବେଳେ ଗଞ୍ଜେଇ ରହିଥିବା ଜାଣିବା ପରେ ପୁଲିସକୁ ସୂଚନା ଦେଇଥିଲେ। ଟାଉନଥାନା ପୁଲିସ ସୂଚନା ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗଞ୍ଜେଇ ପ୍ୟାକେଟକୁ ଯାଞ୍ଚ କରିବା ବେଳେ ଗଞ୍ଜେଇ ରହିଥିବା ଜଣା ପଡ଼ିବା ପରେ ଏହାକୁ ଜବତ କରିଛନ୍ତି ବୋଲି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ଏହିପରି ପୁଲିସ ସି.ସି ଟିଭି ଯାଞ୍ଚ କରୁଥିବା ବେଳେ ଅନ୍ୟାନ୍ୟ ବିଷୟକୁ ନେଇ ଯାଞ୍ଚ କରିବା ସହ ଉକ୍ତ ମହିଳା ବ୍ୟାଗରେ ଗଞ୍ଜେଇ ରହିଥିବା ନେଇ କିଭଳି ଜାଣିଲେ ସେଥିନେଇ ମଧ୍ୟ ତଦନ୍ତ ଜାରୀ ରହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ମୋବାଇଲ ଲୁଟ ଅଭିଯୋଗ

**ଜୟପୁର,୨୮।୮(ସଂଚାରବ ବ୍ୟୁରୋ):** ଜୟପୁର ସଦର ଥାନା ଅନ୍ତର୍ଗତ କଙ୍ଗା ଗ୍ରାମପଞ୍ଚାୟତର ଶିବଗୁଡା ଗ୍ରାମର ଦୁଇଜଣ ଯୁବକଙ୍କ ମୋବାଇଲ ଲୁଟ ହୋଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ପୁଲିସ ସୂଚନା ଅନୁଯାୟୀ ଗତ କାଲି ଶିବଗୁଡା ଗ୍ରାମର ଇନ୍ଦ୍ର ରଣା ଏବଂ ତାଙ୍କ ସାଙ୍ଗ ଈଶ୍ୱର ଗାଦବା କେନାଲ ନିକଟକୁ ଗାଧୋଇବାକୁ ଯାଇଥିବା ସମୟରେ କେନାଲ ରାସ୍ତାରେ ଦୁଇଟି ମୋଟର ସାଇକଲରେ ୬ଜଣ ଯୁବକ ଆସି ଛୁରି ଦେଖାଇ ଦୁଇଟ ମୋବାଇଲ ଲୁଟି ନେଇଥିଲେ। ବର୍ଷା ହେଉଥିବା ଯୋଗୁଁ ସେମାନଙ୍କୁ ଧରିବାରେ ଅସଫଳ ହୋଇଥିଲେ। ବାଇକ ନମ୍ବର ପ୍ଲେଟରେ କପଡ଼ା ବାନ୍ଧିଥିବା ଯୋଗୁଁ ନମ୍ବର ଜାଣି ପାରିନଥିବା ଇନ୍ଦ୍ରରଣା ସଦରଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତିକରି ସଦର ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିବା ଏସଆଇ ପଙ୍କଜିନି ଶବର ପ୍ରକାଶ କରିଛନ୍ତି।

# ସାମ୍ବାଦିକ ଗୃହ ନିର୍ମାଣରେ ବାଧକ ସାଜିଛନ୍ତି ବିଧାୟକ

## ନିର୍ମାଣ ଶ୍ରମିକମାନେ ମଜୁରି ନ ପାଇ ଜିଲ୍ଲା ଶ୍ରମ ଆୟୋଗଙ୍କ ଦ୍ୱାରସ୍ଥ

**ବୈଶିଙ୍ଗା,୨୮।୮ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ୩ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନରେ ବୈଶିଙ୍ଗା ଯାତ୍ରୀ ବିଶ୍ରାମାଗାର ଉପରେ ନିର୍ମିତ ହେଉଥିବା ସାମ୍ବାଦିକ ଭବନ ଆଜକୁ ୪ ମାସ ହେବ ବିଧାୟକ ସନାତନ ବିଜୁଳିଙ୍କ ପାଇଁ ବନ୍ଦ ହୋଇ ରହିଥିବା ଖବର ପ୍ରଶାସନ ଠାରୁ ସାଧାରଣ ଜନତା ପର୍ଯ୍ୟନ୍ତ ସବୁ ଠାରେ ଚର୍ଚ୍ଚା ଚାଲିଛି। ଏପରିକି ବିଧାୟକ ବେତନଟୀ ବିଡିଓ ଶୁଶାନ୍ତ କୁମାର ସୁତାରଙ୍କ ଜରିଆରେ ବୈଶିଙ୍ଗା ପୁଲିସ ସହାୟତାରେ ଜୁନ ମାସ ୨ ତାରିଖ ସକାଳେ ଛାତ ପଡ଼ୁଥିବା ବେଳେ ବନ୍ଦ କରାଯାଇଥିବାର ପ୍ରମାଣ ରହିଛି । ସେଦିନ ୨୫ ଜଣରୁ ଉର୍ଦ୍ଧ କାମ କରୁଥିବା ମିସ୍ତ୍ରୀ ଏବଂ ଶ୍ରମିକ ମାନଙ୍କୁ ଧମକ ଦିଆଯାଇଥିଲା, କାମ ବନ୍ଦ ନ କରିଲେ ସମସ୍ତଙ୍କ ନାମରେ କେଶ୍ କରି ଦିଆଯିବ ବୋଲି ଥାନାଧିକାରୀ ବାରିଣୀ ଦାସ



ପ୍ରକାଶ କରିଥିଲେ । ବାଧ ହୋଇ ଶ୍ରମିକମାନେ ଛାତ ପକାଇବା କାର୍ଯ୍ୟ ବନ୍ଦ ରଖି କନିଷ୍ଠ ଯନ୍ତ୍ରୀ ପୁଲିନ ସେଠୀଙ୍କୁ ଫୋନ କରି ଜଣାଇ ଥିଲେ। ଖବର ପାଇ ଶ୍ରୀ ସେଠୀ ଘଟଣାସ୍ଥଳରେ ପହଞ୍ଚି ବିଡିଓଙ୍କ ସହିତ କଥା ହେବା ପରେ କାର୍ଯ୍ୟ ହେବ ଏବଂ ଯଦି କାମ ବନ୍ଦ ରହେ ତେବେ ତମ ମାନଙ୍କର ପ୍ରାପ୍ୟ ପାଇଯିବ ବୋଲି ଶ୍ରମିକ ମାନଙ୍କୁ କହିଥିଲେ। ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିବାରୁ ଘର କାର୍ଯ୍ୟରେ ବ୍ୟବହୃତ ବାଉଁଶ, କାଠ ପଟା ଓ ଲୁହା ପ୍ଲେଟ ଆଜି ଆନୁମାନିକ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇ ଗଲାଣି ବୋଲି ମୁଖ୍ୟ ମିସ୍ତ୍ରୀ (ଶ୍ରମିକ) ଗୋପିନାଥ ବାଘୁଆ ପ୍ରକାଶ କରିଛନ୍ତି । ଶ୍ରମିକ ମାନଙ୍କର ପ୍ରାପ୍ୟ ମିଳି ନ ଥିବାରୁ ସେମାନଙ୍କର ପରିବାର ଚଳିବା କଷ୍ଟକର ହୋଇ ପଡ଼ିଛି । ବାଧ ହୋଇ ଗତ ୨୬ ତାରିଖରେ ଗୋପିନାଥ ବାଘୁଆଙ୍କ ନେତୃତ୍ୱରେ ୫/୬ ଜଣ ମହିଳା ଓ ପୁରୁଷ ଶ୍ରମିକ ମୟୂରଭଞ୍ଜ ଜିଲ୍ଲା ଶ୍ରମ ଆୟୁକ୍ତଙ୍କ ନିକଟରେ ପହଞ୍ଚି ନିଜର ଗୁହାରୀ ଜଣାଇଥିବା ମୁଖ୍ୟ ମିସ୍ତ୍ରୀ ଶ୍ରୀ ବାଘୁଆ ଆମ୍ ପ୍ରତିନିଧିଙ୍କ ନିକଟରେ ପ୍ରକାଶ କରିଛନ୍ତି। ପନ୍ଦର ଦିନ ମଧ୍ୟରେ ସେମାନଙ୍କ ପ୍ରାପ୍ୟ ନ ମିଳିଲେ ସେମାନେ ଆଇନର ଆଶ୍ରୟ ନେବେ ବୋଲି ସାକ୍ଷାତକାରରେ କହିଛନ୍ତି ।

## ସାୱନ କ୍ରିପାଲ ରୁହାନି ମିଶନ ବଜରାପାଟ କେନ୍ଦ୍ର ପକ୍ଷରୁ ରିଲିଫ ବଣ୍ଟନ

**ଦଶରଥପୁର,୨୮।୮ (ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ମଙ୍ଗଳପୁର ପଞ୍ଚାୟତସ୍ତ ବଜରାପାଟ ସ୍ଥିତ ସାୱନ କ୍ରିପାଲ ରୁହାନି ମିଶନ ବଜରାପାଟ କେନ୍ଦ୍ର ପକ୍ଷରୁ ଆଜି ଅହିୟାସ ଦରଘା ଠାରେ କାଣି ନଦୀରେ ହୋଇଥିବା ଘାଇ ନିକଟବର୍ତ୍ତୀ ବନ୍ୟା ବିପନ୍ନ ମାନଙ୍କୁ ରିଲିଫ ବଣ୍ଟନ କରାଯାଇଥିଲା। ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ ବଜରାପାଟ କେନ୍ଦ୍ରର ମୁଖ୍ୟ କାର୍ଯ୍ୟକର୍ତ୍ତା ତପନ କୁମାର ମଲ୍ଲିକଙ୍କ ସମେତ ପ୍ରାୟ ୨୦ ରୁ ଉର୍ଦ୍ଧ କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ଘାଇ ଅଞ୍ଚଳର ପ୍ରାୟ ୨ ଶହ ପରିବାରକୁ ଚୁଡା, ମୁଢି, ବିସ୍କୁଟ ଓ ଚିନି ଆଦି ପ୍ରଦାନ କରାଯାଇଥିଲା।






# ମାଛ ସହିତ ଲେମ୍ବୁ, ପତ୍ରଯୁକ୍ତ ପନିପରିବା ଖାଆନ୍ତୁ ନାହିଁ



ମାଛ ଖାଇବା ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ ବୋଲି ବିବେଚନା କରାଯାଏ। କିନ୍ତୁ ଆପଣ କ'ଣ ଜାଣନ୍ତି କି... ଏପରି କିଛି ଜିନିଷ ଅଛି ଯାହା ମାଛ ସହିତ ଖାଇବା ଉଚିତ୍ ନୁହେଁ। ଆସନ୍ତୁ ଜାଣିବା ମାଛ ସହ କ'ଣ ସବୁ ଖାଇବା ଉଚିତ ନୁହେଁ। ଯେପରିକି,ମାଛ ସହିତ ମଦ୍ୟପାନ କିମ୍ବା ମଦ ପିଇଲେ ଯକୃତ ଉପରେ ଚାପ ପଡ଼ିଥାଏ। ଏହା ବ୍ୟତୀତ, କିଛି ଅଧ୍ୟୟନରୁ ଜଣାପଡିଛି ଯେ ଏହା ହୃଦଘାତର ଆଶଙ୍କା ମଧ୍ୟ ବୃଦ୍ଧି କରିପାରେ। ବିଶେଷଜ୍ଞଙ୍କ ମତରେ ମାଛ ଖାଇବା ପରେ ମଦ୍ୟପାନ କିମ୍ବା ମଦ ପିଇବା ଆଦୌ ଉଚିତ୍ ନୁହେଁ।

ଅଧିକ ଲେମ୍ବୁ କିମ୍ବା ଭିଟାମିନ୍ ସିଃ ମାଛ ସହିତ ଲେମ୍ବୁ କିମ୍ବା ଅନ୍ୟାନ୍ୟ ଖଟା ଫଳର ଅତ୍ୟଧିକ ବ୍ୟବହାର ଆର୍ସେନିକ ବିଷାକ୍ତତା କିମ୍ବା ମାଛ ବିଷାକ୍ତତାର ଆଶଙ୍କା ବଢ଼ାଇପାରେ। ଏହି ବିପଦ ବିଶେଷକରି ପୁରୁଣା କିମ୍ବା ଭୁଲ ଭାବରେ ସଂରକ୍ଷଣ କରାଯାଇଥିବା ମାଛରେ ଅଧିକ। ତେଣୁ, ମାଛ ସହିତ ସର୍ବଦା ସୀମିତ ପରିମାଣରେ ଖଟା ଫଳ ଖାଆନ୍ତୁ। ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ କୌଣସି ନକାରାତ୍ମକ ପ୍ରଭାବ ପକାଇବ ନାହିଁ।

ସବୁଜ ପତ୍ରଯୁକ୍ତ ପନିପରିବାଃ ମାଛ ସହିତ ପାଳଙ୍ଗ, ସୋରିଷ କିମ୍ବା ଧନିଆ ପରି ପତ୍ରଯୁକ୍ତ ପନିପରିବା ଖାଇବା ଦ୍ୱାରା କ୍ୟାଲସିୟମ ଏବଂ ଆଇରନର ଶୋଷଣ ପ୍ରଭାବିତ ହୋଇପାରେ। ଏହା ବ୍ୟତୀତ ଗ୍ୟାସ, ପେଟ ଫୁଲିବା ଭଳି ସମସ୍ୟା ମଧ୍ୟ ଦେଖାଦେଇପାରେ। ତେଣୁ, ଏହି ପନିପରିବାଗୁଡ଼ିକୁ ଅଲଗା ସମୟରେ ଖାଆନ୍ତୁ। ଯଦି ଆପଣ ଏଗୁଡ଼ିକୁ ମାଛ ସହିତ ସେବନ କରନ୍ତି, ତେବେ ଆପଣଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

ଭଜା ଖାଦ୍ୟ ଏବଂ ଫାଷ୍ଟଫୁଡ୍ଃ ମାଛ ସହିତ ଭଜା ଜିନିଷ କିମ୍ବା ଫାଷ୍ଟଫୁଡ୍ ଖାଇବା ଦ୍ୱାରା କୋଲେଷ୍ଟ୍ରଲ୍ ଏବଂ ହୃଦ୍‌ରୋଗ ସମସ୍ୟା ହେବାର ଆଶଙ୍କା ବଢ଼ିଯାଏ। ଏହା ବ୍ୟତୀତ ହଜମ ପ୍ରକ୍ରିୟା ମନ୍ଥର ହୋଇଯାଏ ଏବଂ ପେଟ ସମସ୍ୟା ବଢ଼ିପାରେ। ମାଛକୁ ସବୁବେଳେ ହାଲୁକା ଏବଂ ପୁଷ୍ଟିକର ଉପାୟରେ ଖାଇବା ଉଚିତ।

ବହୁତ ମିଠାଃ ମାଛ ସହିତ ଅତ୍ୟଧିକ ଚିନି କିମ୍ବା ମିଠା ଖାଦ୍ୟ ଖାଇବା ଦ୍ୱାରା ରକ୍ତରେ ଶର୍କରା ବୃଦ୍ଧି ଏବଂ ମଧୁମେହ ହେବାର ଆଶଙ୍କା ବଢ଼ିପାରେ। ଏହା ଓଜନ ବୃଦ୍ଧି ଏବଂ ମେଟାବୋଲିଜିମ୍ ସମସ୍ୟାର ଆଶଙ୍କା ମଧ୍ୟ ବଢ଼ାଇଥାଏ। ବିଶେଷଜ୍ଞଙ୍କ ମତରେ , ମାଛରେ ସଠିକ୍ ଖାଦ୍ୟ ମିଶ୍ରଣର ଯତ୍ନ ନେବା ବହୁତ ଗୁରୁତ୍ୱପୂର୍ଣ୍ଣ। ଏହା ମାଛ ଖାଇବାର ଲାଭ ବୃଦ୍ଧି କରେ ଏବଂ ଗମ୍ଭୀର ରୋଗକୁ ରୋକେ। ମାଛ ସ୍ୱାସ୍ଥ୍ୟ ପାଇଁ ଭଲ କିନ୍ତୁ ଭୁଲ ଖାଦ୍ୟ ସହ ଖାଇବା ଘାତକ ହୋଇପାରେ। କ୍ଷୀର, ମଦ୍ୟପାନ, ଅତ୍ୟଧିକ ଲେମ୍ବୁ, ପତ୍ରଯୁକ୍ତ ପନିପରିବା, ଭଜା ଖାଦ୍ୟ ଏବଂ ଚିନି ପରି ଜିନିଷ ଠାରୁ ମାଛ ଖାଇବା ବେଳେ ଦୂରେଇ ରୁହନ୍ତୁ।

# ଉଚ୍ଚରକ୍ତଚାପ ଓ ମଧୁମେହକୁ ନିୟନ୍ତ୍ରଣ କରେ ସବୁଜ ପନିପରିବା

ଆଜିକାଲି ଅନିୟମିତ ଖାଦ୍ୟପେୟ ଲୋକଙ୍କୁ ଉଚ୍ଚ ରକ୍ତଚାପ ଏବଂ ମଧୁମେହ ଭଳି ରୋଗର ଶିକାର ହେବାକୁ ବାଧ୍ୟ କରୁଛି। ତଥାପି, ଔଷଧ ସହିତ, ସନ୍ତୁଳିତ ଖାଦ୍ୟ ଏହି ରୋଗଗୁଡ଼ିକୁ ନିୟନ୍ତ୍ରଣ କରିବାର ସବୁଠାରୁ ପ୍ରଭାବଶାଳୀ ଉପାୟ। ସଠିକ୍ ସମୟରେ ସଠିକ୍ ଜିନିଷ ଖାଇବା ଦ୍ୱାରା କେବଳ ବିପି ଏବଂ ସୁଗାର ସ୍ତର ସନ୍ତୁଳିତ ରହିଥାଏ, ବରଂ ଶରୀରର ଶକ୍ତି ମଧ୍ୟ ବଜାୟ ରହିଥାଏ। ସବୁଜ ପନିପରିବାଃ ପାଳଙ୍ଗ, ମେଥି, ସୋରିଷ ଭଳି ସବୁଜ ପତ୍ରଯୁକ୍ତ ପନିପରିବା ଫାଇବର ଏବଂ ପୋଟାସିୟମରେ ଭରପୂର। ଏଗୁଡ଼ିକ ରକ୍ତଚାପକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ ଏବଂ ଶର୍କରା ସ୍ତରକୁ ହଠାତ୍ ବୃଦ୍ଧି କରିବାକୁ ଦିଏ ନାହିଁ। ଏଗୁଡ଼ିକୁ ପନିପରିବା, ସୁପ୍ କିମ୍ବା ସାଲାଡ ଆକାରରେ ସାମିଲ କରନ୍ତୁ।



ଡାଲିଃ ଚଣା, ମସୁର, ମୁଗ ଏବଂ ରାଜମା ପରି ଡାଲି ପ୍ରୋଟିନ୍ ଏବଂ ଫାଇବରର ଏକ ଉତ୍କୃଷ୍ଟ ଉତ୍ସ। ଏଗୁଡ଼ିକ ହଜମ ହେବାକୁ ସମୟ ଲାଗେ, ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣରେ ରଖେ। ମଧ୍ୟାହ୍ନ ଭୋଜନ କିମ୍ବା ରାତ୍ରି ଭୋଜନରେ ଡାଲି ଜାତୀୟ ଖାଦ୍ୟ ଖାଆନ୍ତୁ।

ବ୍ରାଉନ୍ ରାଇସ୍ଃ ହ୍ୱାଇଟ୍ ରାଇସ୍ ବଦଳରେ ବ୍ରାଉନ୍ ରାଇସ୍ କିମ୍ବା ବାଜରା ବ୍ୟବହାର କରନ୍ତୁ। ଏଗୁଡ଼ିକର ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥାଏ, ଯାହା ସୁଗାରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଏହା ସହିତ ଏଗୁଡ଼ିକରେ ମ୍ୟାଗ୍ନେସିୟମ୍ ଏବଂ ଫାଇବର ଭରପୂର ଥାଏ, ଯାହା ବିପି ସ୍ଥିର ରଖିବାରେ ସାହାଯ୍ୟ କରେ।

ଦହି ଏବଂ ବଟରମିଲ୍କଃ ଦହି ଏବଂ ବଟରମିଲ୍କ ପ୍ରୋବାୟୋଟିକ୍ସ ଏବଂ କ୍ୟାଲସିୟମରେ ଭରପୂର। ଏହା କେବଳ ପାଚନ ଶକ୍ତିକୁ ଉନ୍ନତ କରେ ନାହିଁ ବରଂ ବିପି ନିୟନ୍ତ୍ରଣ କରିବାରେ ମଧ୍ୟ ସହାୟକ। ରାତ୍ରୀ ଭୋଜନରେ ବଟରମିଲ୍କ ଖାଇବା ଲାଭଦାୟକ।

ଆପଣ ଓଟ୍ସ ଖାଇପାରିବେଃ ଯଦି ଆପଣ ହାଲୁକା ରାତ୍ରୀ ଭୋଜନ କରିବାକୁ ଚାହାଁନ୍ତି ତେବେ ଓଟ୍ସ ଏକ ଭଲ ବିକଳ୍ପ। ଏଥିରେ ଥିବା ବିଟା-ଗ୍ଲୁକାନ୍ ଫାଇବର ରକ୍ତ ଶର୍କରାକୁ ନିୟନ୍ତ୍ରଣ କରେ ଏବଂ ହୃତପିଣ୍ଡକୁ ସୁସ୍ଥ ରଖେ।

ବାଦାମ ଏବଂ ମଞ୍ଜିଃ ବାଦାମ, ଅଳସୀ ବିହନ ଏବଂ କଖାରୁ ବିହନ ପରି ମଞ୍ଜିରେ ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଫାଇବର ଭରପୂର ପରିମାଣରେ ଥାଏ। ଏହା କୋଲେଷ୍ଟ୍ରଲ୍ ହ୍ରାସ କରିବାରେ, ରକ୍ତ ଶର୍କରାକୁ ସ୍ଥିର କରିବାରେ ଏବଂ ବିପି ସନ୍ତୁଳିତ କରିବାରେ ସାହାଯ୍ୟ କରେ।

# ଆପଣଙ୍କ ରୋଷେଇ ଘରେ ରହିଛି କର୍କଟ ରୋଗ ସୃଷ୍ଟି କରୁଥିବା ଖାଦ୍ୟ

ଆମେ ସମସ୍ତେ ଆମ ଘରକୁ ସୁରକ୍ଷିତ ଏବଂ ସୁସ୍ଥ ରଖିବାକୁ ଚେଷ୍ଟା କରୁ। କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଆପଣଙ୍କ ରୋଷେଇ ଘରେ କିଛି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଲୁଚି ରହିଛି, ଯାହା ଯୋଗୁଁ ଆପଣଙ୍କୁ ବହୁତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଡାକ୍ତର କାଞ୍ଚନ କୌରଙ୍କ ଅନୁସାରେ, ଅନେକ ସାଧାରଣ ଖାଦ୍ୟ ଏବଂ ରୋଷେଇ ଜିନିଷ କର୍କଟ ଭଳି ଗମ୍ଭୀର ରୋଗକୁ ପ୍ରୋତ୍ସାହିତ କରିପାରେ। ଯଦି ଆପଣ ମଧ୍ୟ ଚାହାଁନ୍ତି ଯେ, ଆପଣଙ୍କ ରୋଷେଇ ଘର ସୁରକ୍ଷିତ ଏବଂ ସୁସ୍ଥ ରହୁ , ତେବେ ଆଜି ହିଁ ଏହି ଜିନିଷଗୁଡ଼ିକ ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ସେଗୁଡ଼ିକୁ ଆପଣଙ୍କ ଘରୁ ବାହାର କରିଦିଅନ୍ତୁ।

### ପ୍ରୋସେସ୍‌ଡ ଫୁଡ୍

ପ୍ୟାକେଜ୍ ହୋଇଥିବା ଖାଦ୍ୟ, ଇନଷ୍ଟାଣ୍ଟ ନୁଡୁଲ୍ସ ଏବଂ କେକ୍ ଭଳି ପ୍ରୋସେସ୍‌ଡ ଖାଦ୍ୟରେ କ୍ଷତିକାରକ ରାସାୟନିକ ପଦାର୍ଥ ଏବଂ ସଂରକ୍ଷଣକାରୀ ପଦାର୍ଥ ରହିଥାଏ। ଏଗୁଡ଼ିକ କେବଳ ଆପଣଙ୍କ ଓଜନ ଏବଂ ପାଚନ ତନ୍ତ୍ରକୁ ପ୍ରଭାବିତ କରେ ନାହିଁ, ବରଂ ଦୀର୍ଘକାଳୀନ ଭାବରେ କର୍କଟ ଭଳି ଗମ୍ଭୀର ରୋଗର ଆଶଙ୍କା ମଧ୍ୟ ବୃଦ୍ଧି କରିପାରେ। ଏପରି ଖାଦ୍ୟଗୁଡ଼ିକୁ ତୁରନ୍ତ ରୋଷେଇ ଘରରୁ ବାହାର କରି ତାଜା ତଥା ଘରେ ରନ୍ଧା ଖାଦ୍ୟ ଉପରେ ଧ୍ୟାନ ଦେବା ଉଚିତ।

### ଡିପ୍ ଫ୍ରାଏଡ୍ ଖାଦ୍ୟ

ଯଦି ଆପଣ ପ୍ରାୟତଃ ଖାଦ୍ୟକୁ ଡିପ୍ ଫ୍ରାଏ କରି କିମ୍ବା ଅତ୍ୟଧିକ ବେକ୍ କରି ପ୍ରସ୍ତୁତ କରନ୍ତି, ତେବେ ଏହା ଆପଣଙ୍କ ପାଇଁ କ୍ଷତିକାରକ ହୋଇପାରେ। ତେଲରେ ଡିପ୍ ଫ୍ରାଏ ଖାଦ୍ୟ ଆକ୍ରିଲାମାଇଡ୍ ନାମକ ଏକ ଉପାଦାନ ସୃଷ୍ଟି କରେ। ଯାହା କର୍କଟ ରୋଗର କାରଣ ହୋଇପାରେ। ତେଣୁ, ଖାଦ୍ୟକୁ ହାଲୁକା ଭାବରେ ଭଜିବାକୁ ଚେଷ୍ଟା କରନ୍ତୁ ଏବଂ ଡିପ୍ ଫ୍ରାଏ କରନ୍ତୁ ନାହିଁ।



### ପ୍ଲାଷ୍ଟିକ୍ ପାତ୍ରରେ ଖାଦ୍ୟ ସଂରକ୍ଷଣ କରିବା

ପ୍ଲାଷ୍ଟିକ୍ ପାତ୍ର ଏବଂ ଷ୍ଟୋରେଜ୍ ବ୍ୟାଗରେ ପ୍ରାୟତଃ ବିପିଏ ଏବଂ ଅନ୍ୟାନ୍ୟ କ୍ଷତିକାରକ ରାସାୟନିକ ପଦାର୍ଥ ଥାଏ। ଯେତେବେଳେ ଏଗୁଡ଼ିକ ଗରମ ଖାଦ୍ୟ ସହିତ ସଂସ୍ପର୍ଶରେ ଆସେ, ଏହି ରାସାୟନିକ ପଦାର୍ଥଗୁଡ଼ିକ ଖାଦ୍ୟରେ ଦ୍ରବୀଭୂତ ହୋଇ ଶରୀରରେ ପ୍ରବେଶ କରି କର୍କଟ ରୋଗର ଆଶଙ୍କା ବଢ଼ାଇପାରେ। କାଚ କିମ୍ବା ଷ୍ଟେନଲେସ୍ ଷ୍ଟିଲ୍ ପାତ୍ର ବ୍ୟବହାର କରିବା ସବୁଠାରୁ ସୁରକ୍ଷିତ ବିକଳ୍ପ।

### ଅତ୍ୟଧିକ ଚିନି ଏବଂ ପ୍ୟାକେଜ୍ ହୋଇଥିବା ପାନୀୟ

ସୋଡା, ଜୁସ୍ ଏବଂ ପ୍ୟାକେଜ୍ ହୋଇଥିବା ପାନୀୟରେ ଚିନିର ପରିମାଣ ଅଧିକ ଥାଏ। କିଛି ଗବେଷଣା ଅନୁଯାୟୀ, ଏଗୁଡ଼ିକ କେବଳ ମଧୁମେହ ସୃଷ୍ଟି କରେ ନାହିଁ ବରଂ କର୍କଟ ରୋଗର ଆଶଙ୍କା ମଧ୍ୟ ବୃଦ୍ଧି କରିପାରେ। ଘରେ ତାଜା ଫଳ ଏବଂ ହର୍ବାଲ୍ ପାନୀୟକୁ ପସନ୍ଦ କରନ୍ତୁ।

### ରଙ୍ଗୀନ ଖାଦ୍ୟଠାରୁ ଦୂରରେ ରୁହନ୍ତୁ

ଅନେକ ପ୍ୟାକେଜ୍ ହୋଇଥିବା ଖାଦ୍ୟରେ ରଙ୍ଗ ଏବଂ ସ୍ୱାଦ ବୃଦ୍ଧି କରିବା ପାଇଁ ରାସାୟନିକ ପଦାର୍ଥ ଥାଏ। ଏହି ମିଶ୍ରଣଗୁଡ଼ିକ ସମୟ ସହିତ ଶରୀରର କୋଷଗୁଡ଼ିକୁ ପ୍ରଭାବିତ କରିପାରେ ଏବଂ କର୍କଟ ଭଳି ଗମ୍ଭୀର ରୋଗର ଆଶଙ୍କା ବଢ଼ାଇପାରେ।

# ଆପଣଙ୍କୁ ଥକ୍କାପଣ ଲାଗୁଛି କି ?



ଶରୀରରେ କୋଲେଷ୍ଟ୍ରଲ୍ ଆବଶ୍ୟକ, କିନ୍ତୁ ଯେତେବେଳେ ଏହା ଅତ୍ୟଧିକ ବୃଦ୍ଧି ପାଏ, ଏହା ବିପଦଜନକ ପ୍ରମାଣିତ ହୋଇପାରେ। ଏହା ଯୋଗୁଁ ହୃଦଘାତ ଏବଂ ଷ୍ଟ୍ରୋକ୍ ଭଳି ଗମ୍ଭୀର ରୋଗର ଆଶଙ୍କା ବଢ଼ିଯାଏ। ତେଣୁ ଏହାର ଲକ୍ଷଣଗୁଡ଼ିକୁ ଚିହ୍ନିବା ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ କୋଲେଷ୍ଟ୍ରଲ୍ ସ୍ତର ବୃଦ୍ଧି ପାଏ, ପ୍ରଥମ ଲକ୍ଷଣ ଯାହା ଅନୁଭବ ହୋଇଥାଏ ତାହା ହେଉଛି ଗୋଡ଼ରେ ଯନ୍ତ୍ରଣା । ଚାଲିବା କିମ୍ବା ବିଶ୍ରାମ କରିବା ସମୟରେ ଗୋଡ଼ରେ ଭାରୀପଣ ଦ୍ୱାରା ଏହା ଚିହ୍ନଟ କରାଯାଇପାରେ। ଛାତିରେ ଯନ୍ତ୍ରଣା କିମ୍ବା ଚାପ ବୃଦ୍ଧି ପାଇବା କୋଲେଷ୍ଟ୍ରଲର ଏକ ପ୍ରମୁଖ ଲକ୍ଷଣ। ପ୍ରକୃତରେ, ଯେତେବେଳେ କୋଲେଷ୍ଟ୍ରଲ ଧମନୀରେ ଜମା ହୁଏ, ସେତେବେଳେ ଛାତିରେ ଜଳାପୋଡ଼ା କିମ୍ବା ଟାଣ ଅନୁଭବ ହୁଏ। ଏହା ହୃଦଘାତ କିମ୍ବା କରୋନାରୀ ଧମନୀ ରୋଗର ଲକ୍ଷଣ ହୋଇପାରେ। ବେକ କିମ୍ବା କାନ୍ଧରେ ଯନ୍ତ୍ରଣା ମଧ୍ୟ ଏହାର ଏକ ଲକ୍ଷଣ ହୋଇପାରେ। ଯେତେବେଳେ ଶରୀରରେ ରକ୍ତ ପ୍ରବାହ କମିଯାଏ, ସେତେବେଳେ ଏହି ଅଂଶଗୁଡ଼ିକରେ ଅସ୍ୱାଭାବିକ ଯନ୍ତ୍ରଣା କିମ୍ବା କଠୋରତା ଅନୁଭବ ହୋଇପାରେ । ଯାହାକୁ ଲୋକମାନେ ପ୍ରାୟତଃ ମାଂସପେଶୀ ଯନ୍ତ୍ରଣା ଭାବି ଅଣଦେଖା କରନ୍ତି। ହାତ ଏବଂ ପାଦରେ ଝିମ୍‌ଝିମ୍ ଲାଗିବା କିମ୍ବା ଥଣ୍ଡା ଅନୁଭବ ହେବା ମଧ୍ୟ ଉଚ୍ଚ କୋଲେଷ୍ଟ୍ରଲର ଲକ୍ଷଣ। କିଛି ଲୋକଙ୍କର ପାଦ ମଧ୍ୟ ନୀଳ ଦେଖାଯିବା ଆରମ୍ଭ କରେ। ମୁଣ୍ଡରେ ଭାରୀ ଅନୁଭବ କିମ୍ବା ମୁଣ୍ଡ ବୁଲାଇବା ମଧ୍ୟ କୋଲେଷ୍ଟ୍ରଲ୍ ବୃଦ୍ଧିକୁ ସୂଚାଇପାରେ। ସିଡ଼ି ଚଢ଼ିବା ସମୟରେ ନିଶ୍ୱାସ ନେବା କିମ୍ବା ଶୀଘ୍ର କ୍ଳାନ୍ତ ହେବା ମଧ୍ୟ ଅଣଦେଖା କରିବା ଉଚିତ୍ ନୁହେଁ । ଆଖି ଚାରିପାଖରେ ହଳଦିଆ ରଙ୍ଗ କିମ୍ବା ହଳଦିଆ ବଳୟ ସୃଷ୍ଟି ହେବା ମଧ୍ୟ ଏହାର ଲକ୍ଷଣ ହୋଇପାରେ। ଏହା ଶରୀରରେ କୋଲେଷ୍ଟ୍ରଲ୍ ସ୍ତର ହ୍ରାସ ପାଇବାର ଏକ ସଙ୍କେତ । ଯଦି ଆପଣ ଆପଣଙ୍କ ଶରୀରରେ ଏପରି ପରିବର୍ତ୍ତନ ଲକ୍ଷ୍ୟ କରନ୍ତି, ତେବେ ତୁରନ୍ତ ଆପଣଙ୍କ ଡାକ୍ତରଙ୍କ ସହିତ ଯୋଗାଯୋଗ କରି ତାଙ୍କ ପରାମର୍ଶ ନିଅନ୍ତୁ । ସମୟ ଥାଉ ଥାଉ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ଏହି ଅବସ୍ଥାକୁ ଗମ୍ଭୀର ହେବାରୁ ରୋକିପାରିବ।

# କାହିଁକି ହୋଇଥାଏ ସ୍କିଜୋଫ୍ରେନିଆ ରୋଗ ?



ଯେତେପ୍ରକାର ମାନସିକ ରୋଗ ରହିଛି ସେଥିମଧ୍ୟରୁ ସ୍କିଜୋଫ୍ରେନିଆ ହେଉଛି ଏକ ଗମ୍ଭୀର ମାନସିକ ସମସ୍ୟା। ଏହା ମଣିଷର ଭାବନା ଆବେଗ, ବ୍ୟବହାର ଏବଂ କାର୍ଯ୍ୟଦକ୍ଷତାକୁ ବିଶେଷଭାବରେ ପ୍ରଭାବିତ କରିଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍ ଭାବରେ କରିପାରେ ନାହିଁ। ନିଦ କମିଯାଏ। ରୋଗୀ ମନରେ ସବୁବେଳେ ଡର ଓ ଭୟର ଭାବନା ଦେଖାଯାଇଥାଏ। କାରଣ ନ ଥାଇ କଥା ଶୁଭୁଛି, ଶୂନ୍ୟବାଣୀ ହେଉଛି ବୋଲି ମଧ୍ୟ କହିଥାଏ। ନ ଥିବା ବସ୍ତୁ, ବ୍ୟକ୍ତିଙ୍କୁ ଦେଖିପାରୁଛି ବୋଲି କହିଥାଏ। ରୋଗୀ ବେଳେବେଳେ ଏସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରେ। ଏହି ପ୍ରତିକ୍ରିୟାରେ ରୋଗୀ ନିଜେ ମନେମନେ କଥାହୁଏ, ଶୂନ୍ୟରେ ଜବାବ ଦିଏ, ମନକୁ ମନ ହସେ ଓ କାନ୍ଦେ। ଭ୍ରାନ୍ତବିଶ୍ୱାସ ଏକ ଅସତ୍ୟ ବା ଭୁଲ ଧାରଣା, ଯାହାକୁ ରୋଗୀମାନେ ନିଜ ମନରେ ଗଣ୍ଠି ବାନ୍ଧି ଧରି ବସନ୍ତି ଏବଂ ଏହା ଅନ୍ୟମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନ ଥାଏ। ମସ୍ତିଷ୍କରେ ମୁଖ୍ୟତଃ 'ଡୋପାମିନ' ନାମକ ଏକ ରାସାୟନିକ ତତ୍ତ୍ୱର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ। ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ମାନସିକ ଚାପ କାରଣରୁ ହୋଇପାରେ। ଏହି ରୋଗ ଅନେକାଂଶରେ ବଂଶାନୁଗତ ହୋଇଥାଏ। ଏକ ସର୍ଭେରୁ ଜଣାପଡ଼ିଛି ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିଆ ହୋଇଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୪୦ରୁ ୫୦ ପ୍ରତିଶତ ଆଶଙ୍କା ଥାଏ।

